ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

# ଆହ୍ୱାନ

## ୫

ଷଷ୍ଠବର୍ଷ ପ୍ରଥମ ସଂସ୍କରଣ, ଜୁନ୍ ୨୦୨୨



ଆହ୍ୱାନ, ଷଷ୍ଠ ବର୍ଷ, ପ୍ରଥମ ସଂଖ୍ୟା, ଜୁନ୍ ୨୦୧୧

# ଆହ୍ୱାନ

୯

## The Aahwaan


ପ୍ରତିଷ୍ଠାତା ଓ ସଂପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

(ଏମ୍ ବି ବି ଏସ୍, ପି ଜି ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍ )

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା


ସାବିତ୍ରୀ ବ୍ରତ ୦୨ ବିଶେଷାଙ୍କ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସୂଚୀପତ୍ର

## ସଂପାଦକୀୟ


ସଂପାଦକୀୟ ୦୬


## ଗଦ୍ୟ ଓ ପ୍ରବନ୍ଧ ବିଭାଗ


ଗଞ୍ଜାମ ଜିଲ୍ଲାରେ ଏଡ୍‌ସ ରୋଗର ପ୍ରାଦୁର୍ଭାବ ଓ ଏହାର କାରଣ ୧୧

ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତି ଓ ଆମ ସମାଜ ୧୩

କେତେ ଆନନ୍ଦମୟ ହେଉଛି ଆମ ଶିକ୍ଷା ବ୍ୟବସ୍ଥା ୧୫

ଶୁଳିଆ ପଶୁବଳି ବନାମ ଆମ ଡିନର୍‌ର ଚିକେନ୍ ୧୭

ଓଡିଆ ପ୍ରଚାର ନାମରେ କଦର୍ଯ୍ୟ କରିବା ଆଦୌ ଗ୍ରହଣୀୟ ନୁହେଁ ୧୯

ଓଡିଆ ଭାଷାରେ ପତ୍ରପତ୍ରିକା ଓ ଆମେ ୨୧

ନବ ଉତ୍କଳର ବରପୁତ୍ର ବିଜୁ ବାବୁ ୨୨

ଓଡିଶାରେ ଡାକ୍ତର ହେବାକୁ କେହି ଚାହାନ୍ତି ନାହିଁ କାହିଁକି ? ୨୪

ବୈତନିକ କର୍ମକ୍ଷେତ୍ରରେ ସେବାକରୁଥିବା ବ୍ୟକ୍ତି - ଡାକ୍ତର ୨୬

ଦୁଇ ଟଙ୍କିଆ ଚାଉଳ ଓ ଆମ ଅର୍ଥନୀତି ୨୮

ବିଗତ ଦଶନ୍ଧିରେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ଓ ଏହାର ପ୍ରଭାବ ୩୧

ସମାଜ ଆମକୁ ଯେତେବେଳେ ଧୋକା ଦିଏ ସେତେବେଳେ ୩୨

ଯେବେ ନ ଦେଖିବୁ ବେନି ନୟନେ ୩୩

ଲ୍ୟାପ୍‌ଟପ୍ କିଣିବା ବେଳେ କେଉଁ ବିଷୟ ପ୍ରତି ଧ୍ୟାନ ଦେବେ ? ୩୫




ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ମାଙ୍କଡ ହାତେ ଶାଳଗ୍ରାମ ୩୭
ମହାଶ୍ୱେତା ରାୟ - ଓଡିଆ ଚଳଚ୍ଚିତ୍ର ଜଗତର ଅଦ୍ୱିତୀୟା ତାରକା ୩୯
ଆତ୍ମା ପରତେ ତତ୍ତ୍ୱଜ୍ଞାନୀ (ପ୍ରଥମ ଭାଗ) ୪୦
ଆତ୍ମା ପରତେ ତତ୍ତ୍ୱଜ୍ଞାନୀ (ଦ୍ୱିତୀୟ ଭାଗ) ୪୨
ମଝି ନଈରେ ଭାରତର ମଧ୍ୟମବର୍ଗ ୪୪
ପେଟ୍ରୋଲ ଲିଟର ୬୦ ଟଙ୍କା, କଣ କରିବ ଆମ ଆଦମୀ??? ୪୬

## ପଦ୍ୟ ବିଭାଗ

ମୋ ପଥର ପଥିକ ମୁଁ ୪୯
ବୋଉ ୫୦
ଭାଷା ମୁଁ ବଞ୍ଚିଛି ୫୧
ମୁଁ କହିବାପାଇଁ ହିଁ ଆସିଛି ୫୨
ଉତ୍କଳ ସନ୍ତାନ ୫୩
ଉଠ କଙ୍କାଳ ୫୫
କବି ଆଉ ତା କବିତା ୫୮
ସୁଦର୍ଶନ ସ୍ମରଣେ ୬୦
ମୂଲ୍ୟବୋଧ ୬୧
ବୃଦ୍ଧ ବାପାର ସାନ୍ତ୍ୱନା ୬୩
ବଂଚିବାର ନିଶା ୬୪
ଚଢେଇ ୬୬



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଜୀବନର ଶେଷ ପର୍ଯ୍ୟାୟ ୬୭

ଅଲିଭା ଦୀପର ଛାଇ ୬୮

ପୁଅ ୭୦

ହେ ଅନ୍ଧାର, ସ୍ୱାଗତ ତୁମକୁ ! ୭୧

## ଚଳିତ ମାସର ବିଶେଷ

ସାବିତ୍ରୀ ବ୍ରତ କଥା ୭୪

## ପାଠକ ପାଠିକାଙ୍କ ପାଇଁ ସୂଚନା

ବିଶେଷ ସୂଚନା ୮୨

ଲେଖା ପଠାଇବେ କେମିତି ୮୩

ବିଜ୍ଞାପନ ପୃଷ୍ଠା ୮୪






ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସଂପାଦକୀୟ






ଦୀର୍ଘ ଛଅ ମାସର ବ୍ୟବଧାନ ପରେ ପୁଣିଥରେ ଆହ୍ୱାନର ଏକ ନୂଆ ସଂସ୍କରଣ ଉପସ୍ଥାପନ କରୁଥିବାରୁ ମୁଁ ବହୁତ ଖୁଶି । ଅବଶ୍ୟ ଏହା ପୂର୍ବରୁ ଆହ୍ୱାନର ନିୟମିତ ସଂସ୍କରଣ ପାଇଁ ଉଦ୍ୟମ କରିଥିଲି, ହେଲେ କର୍ମବ୍ୟସ୍ତତା ଭିତରେ ଏହା ସଂଭବ ହୋଇ ପାରୁନଥିଲା ।

ସାବିତ୍ରୀ ବ୍ରତ ଓଡ଼ିଆ ବ୍ରତ ଓଷା ମାନଙ୍କ ମଧ୍ୟରେ ବିଶେଷ ଭାବେ ପ୍ରଚଳିତ । ଚଳିତ ବର୍ଷ ଜୁନ ମାସ ପହିଲାରେ ଏହି ବ୍ରତ ପାଳନ ହେଉଥିବା ଉପଲକ୍ଷେ ଆହ୍ୱାନର ବିଶେଷ ସଂସ୍କରଣ ପ୍ରକାଶିତ କରୁଛି । ଆଶା କରୁଛି ଅତୀତର ସମସ୍ତ ସଂସ୍କରଣ ପରି ଏହି ସଂସ୍କରଣ ମଧ୍ୟ ଆପଣଙ୍କୁ ଆମୋଦିତ ଏବଂ ଆନନ୍ଦିତ କରିବ ।

ସଂପ୍ରତି ଓଡ଼ିଆ ପତ୍ରପତ୍ରିକାରେ ବ୍ୟବହୃତ ଓଡ଼ିଆ ଭାଷାକୁ ନେଇ ଏକ ବୃହତ ଚର୍ଚ୍ଚା ସାମାଜିକ ବନ୍ଧୁତ୍ୱର ୱେବ୍‌ସାଇଟ୍ ଫେସ୍‌ବୁକରେ ଚାଲିଛି । ଏହାର ସପକ୍ଷ ଓ ବିପକ୍ଷରେ ଅନେକ ମିତ୍ର ଅନେକ ମତାମତ ଦେଇଛନ୍ତି । ସେମାନଙ୍କ ମତାମତ ଅନେକାଂଶରେ ଗ୍ରହଣୀୟ ହୋଇଥିଲେ ସୁଦ୍ଧା ଭାଷାର ଶୁଦ୍ଧତା, ସୌମ୍ୟତା ଓ ସୌନ୍ଦର୍ଯ୍ୟକୁ ଆମେ ପ୍ରାଧାନ୍ୟ ଦେବା, କାରଣ ଆମର ପ୍ରାଥମିକତା ହେଉଛି ଆମ କଥାକୁ ଅନ୍ୟ ମାନଙ୍କ ନିକଟରେ ପହଞ୍ଚାଇବା । ଯଦି ଆମେ ଭାଷାକୁ ମୋଡି ଭାଙ୍ଗି ବ୍ୟବହାର କରିବା, ବୋଧହୁଏ ଏହାଦ୍ୱାରା ଆମର ମୁଖ୍ୟ ପ୍ରାଥମିକତା ହିଁ ହୋଇ ପାରିବ ନାହିଁ । ଦୀର୍ଘ ବର୍ଷର ଉନ୍ନତି ପରେ ଆମ ଭାଷା ଆଜି ସମୃଦ୍ଧ ହୋଇପାରିଛି । ଏହା ଉପରେ ଅନେକ ଭାଷାର ପ୍ରତ୍ୟକ୍ଷ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଓ ପରୋକ୍ଷ ପ୍ରଭାବ ସ୍ପଷ୍ଟଭାବେ ଦେଖାପାଇପାରେ । ଏହାଦ୍ୱାରା ଆମ ଭାଷାର ମୌଳିକତା କ୍ଷୁର୍ଣ୍ଣ ହୋଇନାହିଁ ବରଂ ଆମ ଭାଷା ଅଧିକ ସମୃଦ୍ଧ, ରୁଚିମନ୍ତ ଓ ଋଦ୍ଧିମନ୍ତ ହୋଇଛି । ବିନା ଅନ୍ୟ ଭାଷାର ପ୍ରଭାବକୁ ନେଇ ଯଦି ଆମେ ଆମ ଭାଷାରେ କଥାବାର୍ତ୍ତା କରିବା ତେବେ ତାହା ଶ୍ରୁତିକଠୋର ହୋଇଯିବ ।

ଓଡ଼ିଆ ଭାଷାର ଇତିହାସ ବିଷୟରେ ଆମେ ଅଜ୍ଞ । କିଏ, କେବେ ଓ କେଉଁପରି ଓଡ଼ିଆ ଭାଷାର ଆବିଷ୍କାର କଲେ, ତାହା କହିବା ଅନ୍ତତଃ ଆମ ପକ୍ଷରେ ଅସଂଭବ । ପ୍ରଥମେ ସଂସ୍କୃତର ଆବିର୍ଭାବ ହେଲା ନା ପ୍ରଥମେ ଓଡ଼ିଆ ଏହା କହିବା କାଠିକର ପାଠ । ବିଭିନ୍ନ ସମୟରେ ଏହି ଭାଷାକୁ ନେଇ ଗବେଷଣା ହୋଇଛି । ଏବଂ ସମୟୋପଯୋଗୀ ପରିବର୍ତ୍ତନ ମଧ୍ୟ କରାଯାଇଛି, ହେଲେ ହଜାର ହଜାର ବର୍ଷର ଏ ଭାଷା ବିଭିନ୍ନ ଭାଷାର ପ୍ରଭାବରେ ସମୃଦ୍ଧ ହୋଇଛି । ଏବଂ ଏହାର ସାଂପ୍ରତିକ ରୂପ ଏହା ସହିତ ଅନେକ ଭାଷାର ସମନ୍ୱୟକୁ ଦର୍ଶାଉଛି ।

ଶେଷରେ କେବଳ ଗୋଟିଏ କଥା କହିବା ଉଚିତ ମନେ କରୁଛି, ଆମର ପ୍ରଥମ ଲକ୍ଷ୍ୟ ହେଉଛି ଆମର କଥା ପାଠକପାଠିକା ମାନଙ୍କ ନିକଟରେ ଆମ କଥାକୁ ସହଜରେ ଓ ସରଳ ଭାଷାରେ ଜଣାଇବା ଯାହା ସେମାନେ ବୁଝିପାରିବେ, ଆଉ ଯଦି ତାହା ସହଜରେ ହେଉନାହିଁ ତେବେ ଆମ ପ୍ରଚେଷ୍ଟାରେ କିଛି ଅଭାବ ରହୁଛି ବୋଲି ଭାବିବାକୁ ହେବ ।

ଓଡ଼ିଆ ଭାଷା ଏକ ସ୍ୱୟଂସଂପୂର୍ଣ୍ଣ ଭାଷା । ଅନ୍ୟ ଭାରତୀୟ ଭାଷା ମାନଙ୍କରେ ଲେଖିବା ଓ କହିବା ଭାଷାରେ ପାର୍ଥକ୍ୟ ରହୁଥିବା ସମୟରେ ଆମ ଭାଷାରେ ସେ ପ୍ରକାରର ବିଭେଦ ଦେଖାଯାଏ ନାହିଁ । ବିଂଶ ଶତାବ୍ଦୀରେ ଭାଷା ଭିତ୍ତିକ ରାଜ୍ୟ ଗଠନ ନିଷ୍ପତ୍ତି ଫଳରେ ଓଡ଼ିଶା ସୀମିତ ହୋଇଗଲା ସିନା, ମହାମେଘବାହନ ଐର ଖାରବେଳଙ୍କ କଳିଙ୍ଗ ସାମ୍ରାଜ୍ୟ ଯେ ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଥିଲା, ଏଥିରେ ଦୋରାୟ ନାହିଁ । ଇଂରେଜ ସରକାରଙ୍କ ରାଜତ୍ୱ ସମୟରେ ଦକ୍ଷିଣ ଓଡ଼ିଶାକୁ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ରଖାଯିବା ଦ୍ୱାରା ଏହି ଅଞ୍ଚଳରେ ତେଲୁଗୁ ଓ ତାମିଲ ଭାଷାଭାଷୀଙ୍କ ପ୍ରଭାବ ପଡିଥିଲା । ସେହିପରି ଉତ୍ତରରେ ବଙ୍ଗ ଭାଷାର ପ୍ରଭାବ ଦେଖାଦେଇଥିଲା । ପଶ୍ଚିମରେ କୋଶଳୀ ଭାଷାର ପ୍ରଭାବ ଦେଖା ଯାଇଥିଲା । ବର୍ତ୍ତମାନ ବି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପ୍ରକାରର ଓଡ଼ିଆ ଭାଷା କୁହାଯାଇଥାଏ । ଭାଷାବିଦ୍‌ଙ୍କ ମତରେ ମୁହଁବୋଲା ଭାଷା ସଂପୃକ୍ତ ଅଞ୍ଚଳର ଜଳବାୟୁ ଉପରେ ଆଧାରିତ । ସେହି ମର୍ମରେ ବିଶ୍ୱସାରା ଇଂରେଜୀ ଭାଷା କୁହାଯାଉଥିଲେ ସୁଦ୍ଧା ଆମେରିକୀୟ ଇଂରେଜୀ ଓ ଇଂଲଣ୍ଡର ଇଂରେଜୀ ମଧ୍ୟରେ ତାରତମ୍ୟ ପରିଲକ୍ଷିତ ହୁଏ ।

ବର୍ତ୍ତମାନ ସାଂପ୍ରତିକ ଘଟଣାବଳୀ ଉପରେ ଦୃଷ୍ଟିପାତ କରିବା । ଗତ ସପ୍ତାହରେ ପୁରୀ ଶ୍ରୀ ମନ୍ଦିର ସମ୍ମୁଖରେ ଧାରଣା ଦେଇ ବସିଥିଲେ ଓଡ଼ିଶାର ମହିଳା ପର୍ବତାରୋହୀ କଳ୍ପନା । ହାତରେ ଭିକ୍ଷାଥାଳ ଧରି ସେ ନିଜପାଇଁ ଯୋଗ୍ୟ ଚାକିରୀର ଦାବୀ କରି ସେ ଏହି ଆନ୍ଦୋଳନ କରିଛନ୍ତି । ସୂଚନାଯୋଗ୍ୟ ଯେ ତିନିବର୍ଷ ତଳେ ସେ ହିମାଳୟର ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟ ଉପରେ ସଫଳ ଆରୋହଣ ପରେ ସରକାରଙ୍କ ତରଫରୁ ତାଙ୍କୁ ନଗଦ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଅର୍ଥ (୫ ଲକ୍ଷ ଟଙ୍କା), ବାସୋପଯୋଗୀ ଜମି ଦିଆଯାଇଥିଲା ଏବଂ ଏହା ସହ ଚାକିରୀ କରାଇ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା ଏହାର ଅନାଦେୟ କଳ୍ପନା ଶ୍ରୀମନ୍ଦିର ବାହାରେ ଭିକ୍ଷା ମାଗି ପ୍ରତିବାଦ ଜଣାଇଥିଲେ । ଅବଶ୍ୟ ତାଙ୍କର ଏହି ପ୍ରକାରର କାର୍ଯ୍ୟକୁ ବିଭିନ୍ନ ମହଲରୁ ମିଶ୍ରିତ ପ୍ରତିକ୍ରିୟା ମିଳିଛି । କିଛି ସ୍ୱେଛାସେବୀ ସଂଗଠନ କଳ୍ପନାଙ୍କ ସପକ୍ଷରେ ଯୁକ୍ତି ବାଢୁଥିବା ବେଳେ ସରକାର କିନ୍ତୁ ଏହାକୁ କଳ୍ପନାଙ୍କ ଦ୍ୱାରା ପ୍ରଶାସନକୁ ଧମକ ଦେବା କାର୍ଯ୍ୟ ବୋଲି କହିଛନ୍ତି ।

ଓଡ଼ିଶାର ପ୍ରମୁଖ ସମ୍ବାଦପତ୍ର ସମ୍ବାଦର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ, କଳ୍ପନାଙ୍କ ଧାରଣା ଓ ପନ୍ଥାକୁ ନିନ୍ଦା କରିଛନ୍ତି । ଆଉ ଆମେ ବି ତାଙ୍କସହ ସହମତ । ଏଭେରେଷ୍ଟ ଶୃଙ୍ଗ ଆରୋହଣପରେ କଳ୍ପନାଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ ସୂତ୍ରରୁ ଅନ୍ୟୁନ କୋଡିଏ ଲକ୍ଷଟଙ୍କା ମିଳିଛି, ଏହା ବ୍ୟତୀତ ଭୁବନେଶ୍ୱରରେ ବାସୋପଯୋଗୀ ଜମି ଖଣ୍ଡେ ମଧ୍ୟ ମିଳିଛି । ସେ ଚାହିଁଥିଲେ ମିଳିଥିବା ଅର୍ଥକୁ ବିନିଯୋଗ କରି ନିଜ ପାଇଁ କିଛି ଆୟର ବ୍ୟବସ୍ଥା କରି ପାରିଥାନ୍ତେ । ତାଙ୍କପରି ସାହସୀ ମହିଳା ଜଣେ ଚାକିରୀ ଦାବୀ କରି ଭିକ ମାଗିବା ଆଦୌ ସୁନ୍ଦର ନୁହେଁ । ସେ ଏହି ଆନ୍ଦୋଳନକୁ ଅନ୍ୟ ଉପାୟରେ ଆଗେଇ ନେବା ଉଚିତ ବୋଲି ଅନେକେ ମତ ଦେଇଛନ୍ତି । କିନ୍ତୁ ପୁରୀର କିଛି ସଂଗଠନ କଳ୍ପନାଙ୍କ ଦାବୀ ନାଯ୍ୟ ବୋଲି କହି ତାଙ୍କ ସପକ୍ଷରେ ଆଗକୁ ଆସିଛନ୍ତି । ବୋଧହୁଏ ଏହି ପତ୍ରିକାର ପ୍ରକାଶନ ସମୟ ବେଳକୁ ସେ ନିଜ ଧାରଣା ବନ୍ଦ କରିଦେଇ ପାରନ୍ତି ।

ସମଗ୍ର ବିଶ୍ୱକୁ ଏକ ଧର୍ମରେ ଯୋଡି ରଖିବାରେ ସମର୍ଥ କ୍ରିକେଟ୍ ଖେଳ ବର୍ତ୍ତମାନ ଓଡ଼ିଶାରେ ବି ନିଜ ପ୍ରଭୂତ୍ୱ ବିସ୍ତାର କରିଲାଣି । ସର୍ବ-ଭାରତୀୟ ସ୍ତରରେ ଇଣ୍ଡିଆନ ପ୍ରିମିୟର ଲିଗ୍ ପରି ଓଡ଼ିଶାରେ ଓପିଏଲ୍ (ଓଡ଼ିଶା ପ୍ରିମିୟର ଲିଗ୍) ଆୟୋଜିତ ହେଉଛି । ଓଡ଼ିଶାର ପ୍ରମୁଖ ସହର ମାନଙ୍କ ନାମରେ ବାରଟି ଦଳ ଏହି ମହାସମରରେ ଯୋଗ ଦେଉଛନ୍ତି ।  ଓଡ଼ିଆ ସିନେମା ଜଗତର ଅଭିନେତା, ଅଭିନେତ୍ରୀମାନଙ୍କୁ ବିଭିନ୍ନ ଦଳର ବ୍ରାଣ୍ଡ୍ ଆମ୍ବାସଡର ଭାବରେ ଘୋଷଣା କରାଯାଇଛି । ବିଭିନ୍ନ ସହରରେ ବର୍ତ୍ତମାନ କ୍ରିକେଟ୍ ଖେଳର ମ୍ୟାଚ୍ ମାନ ଆୟୋଜନ କରାଯାଉଛି । ଏହି କ୍ରୀଡା ସମର ଗ୍ରୀଷ୍ମଛୁଟିରେ କ୍ରୀଡାପ୍ରେମୀ ମାନଙ୍କୁ ଆମୋଦିତ କରୁଛି । ବିଗତ ଅନେକ ଦଶନ୍ଧିରେ ସର୍ବଭାରତୀୟ ସ୍ତରରେ କ୍ରିକେଟ୍ ଦଳରେ କୌଣସି ଓଡ଼ିଆ ଖେଳାଳୀ ନିଜର ଛାପ ଛାଡି ପାରିନାହାନ୍ତି । ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସ ସର୍ବଭାରତୀୟ ସ୍ତରରେ ଖେଳିଥିଲେ ସୁଦ୍ଧା ଅଧିକ ସମୟ  ଦଳରେ ରହିବାରେ ସକ୍ଷମ ହୋଇନଥିଲେ । ଅବଶ୍ୟ ଏହାକୁ ଆମେ ଭାରତୀୟ ଦଳର ଓଡ଼ିଶା ଖେଳାଳୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ବୋଲି ମଧ୍ୟ କହିପାରିବା । ଦେଖାଯାଉ ଓପିଏଲ୍ ଦ୍ୱାରା ଆମ ଓଡ଼ିଆ ଯୁବ ଖେଳାଳୀ ମାନେ ଭାରତୀୟ ଦଳରେ ନିଜପାଇଁ କି ସୁଯୋଗ ସୃଷ୍ଟି କରି ପାରୁଛନ୍ତି ଏବଂ ଏହାଦ୍ୱାରା ଆମ କ୍ରୀଡାବିତ୍ ମାନେ କିପରି ଲାଭବାନ ହେଉଛନ୍ତି !

ଚଳିତ ବର୍ଷ ଗ୍ରୀଷ୍ମଋତୁଟା ଅନ୍ୟ ବର୍ଷ ତୁଳନାରେ ଏତେଟା କଷ୍ଟଦାୟକ ହୋଇନାହିଁ । ବିଗତ ମାସାଧିକ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କାଳ ଓଡ଼ିଶାର ଆକାଶ ଆଂଶିକ ଭାବେ କିମ୍ବା ସଂପୂର୍ଣ୍ଣ ଭାବେ ମେଘାଛନ୍ନ ରହିଛି । ଅବଶ୍ୟ ଏହି ସମୟରେ କାଳବୈଶାଖୀର କୁପ୍ରଭାବ ଦେଖିବାକୁ ମିଳିଛି, ହେଲେ ମୋଟାମୋଟି ଭାବରେ କହିବାକୁ ଗଲେ ଏହା ଦ୍ୱାରା ଗରମ କିଛିମାତ୍ରାରେ କମ ହୋଇଛି । ରାଜ୍ୟର ପ୍ରାୟ ଅଧିକାଂଶ ଅଞ୍ଚଳରେ ମେଘ, ଓ କୁଆପଥର ସହ ବୃଷ୍ଟି ହେତୁ ଲୋକମାନଙ୍କୁ ପ୍ରବଳ ଗରମରୁ ନିସ୍ତାର ମିଳିଛି । ଅନ୍ୟ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ବହୁତ କମ ଅଂଶୁଘାତ ଜନିତ ମୃତ୍ୟୁ ହୋଇଛି । ପାଣିପାଗର ଅନୁରୂପ ପରିବର୍ତ୍ତନ ବିଗତ ତିରିଶି ବର୍ଷ ଭିତରେ କେବଳ ଚାରିଥର ହିଁ ଦେଖା ଯାଇଛି ବୋଲି ପାଣିପାଗ ବିଶେଷଜ୍ଞ ମାନେ ମତ ଦିଅନ୍ତି ।

ଶେଷରେ ଆପଣ ମାନଙ୍କୁ ପୁଣିଥରେ ଅଭିବାଦନ ଜଣାଇ ଉପହାର ଦେଉଛି ଜୁନ ୨୦୧୧ ର ବିଶେଷ ସଂସ୍କରଣ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ






ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।



# ଗଦ୍ୟ ଓ ପ୍ରବନ୍ଧ ବିଭାଗ



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଗଞ୍ଜାମ ଜିଲ୍ଲାରେ ଏଡ୍ସ ରୋଗର ପ୍ରାଦୁର୍ଭାବ ଓ ଏହାର କାରଣ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମଗ୍ର ଭାରତବର୍ଷରେ ସର୍ବାଧିକ ଏଡ୍ସ ରୋଗୀ ପ୍ରବଣ ଜିଲ୍ଲା ଭାବରେ ଗଞ୍ଜାମ ଜିଲ୍ଲାର ନାମ ବହୁ ଉପରେ ଆସେ । ଏହାର କାରଣ ଓ ନିରାକରଣ ବିଷୟରେ ସରକାରୀ ସ୍ତରରେ କଣ ହେଉଛି ବା ହେବା ଉଚିତ ତାହା ଆମ ଚର୍ଚ୍ଚାର ବିଷୟ ନୁହେଁ । ହେଲେ ଏତେ ସଂଖ୍ୟାରେ ଏଡ୍ସ ରୋଗୀ ଆସୁଛନ୍ତି କେଉଁଠୁ ? ଏହା ଜାଣିବା ନିଶ୍ଚୟ ଜରୁରୀ । ଏହି ଗଞ୍ଜାମ ଜିଲ୍ଲାର ଗୋଟିଏ ପଲ୍ଲୀରେ ମୋର ଜନ୍ମ ଆଉ ପିଲାଟି ଦିନରୁ ଏଠାକାର ପରିସ୍ଥିତି ସହ ମୁଁ ଜଡିତ ରହିଛି । ତେବେ ଗଞ୍ଜାମ ଜିଲ୍ଲାରେ ଏଡ୍ସର ଭୟାବହତାର କେତୋଟି କାରଣ ବିଷୟରେ ଚର୍ଚ୍ଚା କରିବା ।

ମୁଖ୍ୟତଃ ଚାଷବାସ ଉପରେ ନିର୍ଭରଶୀଳ ଏହି ଜିଲ୍ଲାର ଅଧିବାସୀମାନେ ବିଗତ ଶତାବ୍ଦୀରେ ପ୍ରଥମଥର ପାଇଁ ବିଦେଶ ମାଟିରେ ପାଦ ଦେଇଥିଲେ । ସେତେବେଳେ ୧୯୮୦ ମସିହାର ପୂର୍ବ ଓ ପର କେଇ ବର୍ଷରେ ଏହି ଅଞ୍ଚଳର ଅନେକ ଲୋକ ସୁଦୂର ଇରାକ ଯାଇ ପେଟପାଟଣା ପାଇଁ କାମ କରିଥିଲେ । ପରେ ଅବଶ୍ୟ ସେଠାରେ ଯୁଦ୍ଧପରି ପରିସ୍ଥିତି ସୃଷ୍ଟି ହେବାପରେ ଚାଲି ଆସିଲେ, କିନ୍ତି ବିଦେଶରେ ରହି କାମ କରିବା ଓ ଅଜସ୍ର ଧନ ଉପାର୍ଜନ କରିବାର ନିଶାଟା ସାଥୀ ଛାଡିଲା ନାହିଁ ।

ବର୍ଷସାରା ଜମିର ହଳ ବୁଲେଇ ଯେତିକି ପଇସା ରୋଜଗାର ହେଉଥିଲା, ବିଦେଶରେ ଯାଇ ମାତ୍ର କେଇ ମାସରେ ତାଠୁ ଅନେକ ଅଧିକ ଟଙ୍କା ପାଇବାର ଲାଳସାରେ ଘରେ ଘରେ ଯୁବଗୋଷ୍ଠୀକୁ ବିଦେଶାମୁଖୀ କରି ପକାଇଲା । ମେଟ୍ରିକ ପର୍ଯ୍ୟନ୍ତ ପାଠ ପଢିଥିବା ପୁଅ ଅଧିକ ପଢିବାପାଇଁ କହିଲେ ବାପା ତାକୁ କହୁଥିଲା, ଯା ବିଦେଶ ଚାକିରୀ କରିବୁ ଟଙ୍କା ଆଣିବୁ । ଆଉ ଯେତେବେଳେ ଗାଁର ଅନେକ ଯୁବକ ବିଦେଶରେ ରହି ଟଙ୍କା ରୋଜଗାର କରୁଥିଲେ ସେତେବେଳେ ଆମ ଓଡିଆରେ ଗୋଟିଏ କଥା ଅଛି, ଗୋଠ ମାତିଲେ ଖଣ୍ଡିଆ ମାତେ ଏହି ନ୍ୟାୟରେ ସମସ୍ତେ ବିଦେଶ ଯାଇ କାମ କରିବାକୁ ପସନ୍ଦକଲେ ।

ଇରାକ ଆଉ କୋଲିଆରୀ (କୋଇଲା ଖଣିରେ କାମ) ପରେ ଗୁଜୁରାଟର ଶିଳ୍ପାଞ୍ଚଳ ସହର ସୁରତରେ ରହି କାମ କରିବାପାଇଁ ମଉକା ମିଳିଥିଲା । ଅବଶ୍ୟ ଆହୁରି ଅନେକେ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପିଲେ ବମ୍ବେ, ଦୁବାଇ ଆଦି ଅଞ୍ଚଳକୁ ଯାଇଥିଲେ, ହେଲେ ସୁରତ ଯାଇଥିବା ଅଧିକାଂଶ ଯୁବକମାନେ ଏହି ଦୁରାରୋଗ୍ୟ ବ୍ୟାଧିରେ ପଡିଲେ ।

ସୁରତରେ ଦୈନିକ ଆଠଘଣ୍ଟାର ମଜୁରୀପରେ ଶହେରୁ ଦୁଇ ଶହ ମିଳୁଥିଲା, ଏପରି ମାସରେ ଅନ୍ୟୂନ ପାଞ୍ଚରୁ ଛଅ ହଜାରର ରୋଜଗାର । ତେଣୁ ଓଡିଶାରୁ ଯାଇଥିବା ଅଧିକାଂଶ ମଜଦୁର ସେଠାରେ ଦୈନିକ ଷୋହଳ ଘଣ୍ଟା କାମ କରିଲେ । ଯାହା ପାଇଲେ ମାସ ଶେଷରେ ଚାରିପାଞ୍ଚଜଣ ମିଶି ସବୁ ଟଙ୍କା ଏକାଠି କରି ଯେ କୌଣସି ଜଣକ ଘରକୁ ପଠାଇଲେ, ଏହା ଦ୍ୱାରା ପ୍ରତି ପାଞ୍ଚମାସରେ ଜଣେ ଜଣେ କରି ନିଜ ଘରକୁ ଏକା ସଙ୍ଗେ କୋଡିଏରୁ ଚାଳିଶି ହଜାର ଟଙ୍କା ପଠାଇ ପାରିଲେ । ଏତେ ଟଙ୍କା ଦେଖି ବାପା ମା ମାନେ ନିଜ ପିଲାଙ୍କୁ ସୁରତ ଯିବାପାଇଁ ଏକ ରକମର ବାଧ୍ୟ କଲେ ।

ତେଣେ ସୁଦୂର ସୁରତ ସହରରେ ନୂଆ ନୂଆ ସ୍ୱାଧୀନତା ପାଇଥିବା ଆମ ଯୁବଗୋଷ୍ଠୀ ଦିନର ଅଧିକାଂଶ ସମୟ କାମରେ ବିତାଉଥିବା ସମୟରେ ବାକି ସମୟରେ ଚିତ୍ତ ବିନୋଦନ ନିମିତ୍ତ ବେଶ୍ୟାଳୟ ମାନଙ୍କୁ ଯାଉଥିବା କଥା ସେମାନେ କହିଛନ୍ତି । ହାତରେ ଟଙ୍କା, ରୋଜଗାର କରିପାରୁଥିବାର ସ୍ୱତନ୍ତ୍ର ଉତ୍ସାହ ଆଉ ସ୍ୱାଧୀନତାର ନୂଆ ସ୍ୱାଦ ସବୁର ମିଶାମିଶି ଏହି ଯୁବଗୋଷ୍ଠୀଙ୍କୁ ପଥହରା କରାଇଦିଏ । ଯେତେବେଳେ ସେମାନେ ବିଭିନ୍ନ ବେଶ୍ୟାଳୟରେ ହେଉ ଅବା ଅନ୍ୟ ସ୍ଥାନରେ ହେଉ ଅସୁରକ୍ଷିତ ଯୌନ ସଂପର୍କ ରଖନ୍ତି, ଏଡ୍‌ସ ବ୍ୟାପୀବାର ସମସ୍ତ ସୁଯୋଗ ସେତେବେଳେ ଥାଏ । ସେଇଠୁ ଆସେ ଏଡ୍‌ସ ।

ସେହି ଯୁବକ ମାନେ ଗାଁକୁ ଫେରି ଏହି ରୋଗକୁ ନିଜ ପରିବାରରେ ହେଉ ଅବା ଅନ୍ୟତ୍ର ହେଉ ବାଣ୍ଟିଦେଇ ପୁଣି ଚାଲିଯାଆନ୍ତି । ବାସ ଏଇମିତି ଏଡ୍‌ସ ରୋଗ ବ୍ୟାପିଥାଏ, ଗଞ୍ଜାମ ଜିଲ୍ଲାରେ । ଦିନର ଅଧିକାଂଶ ସମୟ କର୍ମବ୍ୟସ୍ତତା ଓ ନିଦ୍ରାଭାବ, ତଥା ଅସ୍ୱାସ୍ଥ୍ୟକର ପରିବେଶରେ ବସବାସ କରିବା ଏବଂ କୁପୋଷଣ ଯୋଗୁଁ ଅଧିକାଂସ ଏଡ୍‌ସ ରୋଗୀ ସମୟ ପୂର୍ବରୁ ରୋଗଗ୍ରସ୍ତ ହୋଇପଡନ୍ତି ଏବଂ ଅବସ୍ଥା ଅଧିକ ସଂକଟାପନ୍ନ ହେବାପରେ ଗାଁକୁ ଫେରି ଆସନ୍ତି । ସେତେବେଳକୁ ଚିକିତ୍ସାର ଆଉ ସୁଫଳ ମିଳିନଥାଏ ।

ଏଡ୍‌ସ ବ୍ୟାପିବାର ଅନେକ କାରଣ ଥାଇପାରେ, କିନ୍ତୁ ସେ ସବୁ ମଧ୍ୟରୁ ଏହା ଯେ ଏକ ପ୍ରମୁଖ କାରଣ ଏହା କେହି ମନା କରିପାରିବ ନାହିଁ । ବର୍ତ୍ତମାନ ଆବଶ୍ୟକତା ରହିଛି, ଜନ ସଚେତନତାର, କେବଳ ଜନ ସଚେତନତା ଦ୍ୱାରା ହିଁ ଜଣେ ନିଜକୁ ଏଡ୍‌ସ ପରି ମାରାତ୍ମକ ବ୍ୟାଧୀରୁ ଦୂରେଇ ରଖିପାରିବ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତି ଓ ଆମ ସମାଜ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ବିଗତ କିଛି ବର୍ଷରେ ଓଡିଶାରେ ଏବଂ ବିଶେଷତଃ ଗଞ୍ଜାମ ଜିଲ୍ଲାରେ ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତି ମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧିପାଇବାକୁ ଲାଗିଛି । ଏହାର କାରଣ ବିଷୟରେ ଆମେ ଆଗରୁ ଚର୍ଚ୍ଚା କରିସାରିଛେ, ବର୍ତ୍ତମାନ ଦେଖିବା ଏଡ୍‌ସ ପ୍ରତି ଆମର ଦୃଷ୍ଟିକୋଣ କଣ ରହିଛି ।

ଏଡ୍‌ସ ବୋଲି ଗୋଟିଏ ରୋଗ ଅଛି, ବୋଲି ଜାଣିବା ବେଳକୁ ଏହା ଆମ ରାଜ୍ୟରେ କାୟା ବିସ୍ତାର କରି ସାରିଥିଲା । ଆଉ ଯେଉଁ ପରି ଏହି ରୋଗ ବିଷୟରେ ପ୍ରଚାର ଆଦି କରାଗଲା, ସେଥିରେ ସାଧାରଣ ଜନ ସାଧାରଣଙ୍କ ମନରେ କୋକୁଆ ଭୟ ହୋଇଗଲା । ବୋଧହୁଏ ଏହି ରୋଗ ବିଷୟରେ ଜନସଚେତନତା ହିଁ ଏହି ରୋଗର ମୁଖ୍ୟ ଶତ୍ରୁ ହୋଇଗଲା, ଏବଂ ଲୋକମାନେ ରୋଗକୁ ଛାଡି ରୋଗୀକୁ ଦୂରଦୂର ଭାଗ୍‌ଭାଗ୍ କହିବାକୁ ଲାଗିଲେ । ଅବସ୍ଥା ଏପରି ହେଲା ଯେ ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ୍ୟ ଲୋକମାନେ ଏଡ୍‌ସ ରୋଗୀକୁ ଅଛୁଆଁ ଗୋଷ୍ଠୀରେ ଗଣିବାକୁ ଲାଗିଲେ ।

ଏଇ କିଛି ବର୍ଷ ତଳ ପର୍ଯ୍ୟନ୍ତ ଅବସ୍ଥା ଏପରି ଥିଲା ଯେ ଲୋକମାନେ ରୋଗୀକୁ ଦେଖିଲେ ଦୂରକୁ ପଳାଉଥିଲେ, ଏବଂ ସାଧାରଣ ଲୋକଙ୍କ ଅବସ୍ଥା କହିଲେ ନ ସରେ, ଡାକ୍ତର ମାନେ ମଧ୍ୟ ଏପରି ରୋଗୀକୁ ଚିକିତ୍ସା କରିବାକୁ ମନା କରିଦେଉଥିଲେ । ବ୍ରହ୍ମପୁର ବଡ ମେଡିକାଲରେ ଏପରି ଅନେକ ମାମଲା ସାମନାକୁ ଆସିବାକୁ ଲାଗିଲା, କେହି ବି ଡାକ୍ତର ମାନଙ୍କୁ ବାଧ୍ୟ କରିପାରିଲେ ନାହିଁ ଏପି ରୋଗୀର ଚିକିତ୍ସା କରିବା ପାଇଁ । ସମସ୍ତଙ୍କୁ ନିଜ ପ୍ରାଣଭୟ ଅଧିକ । ଅବିଶ୍ୱାସ ହେଲେ ବି ବର୍ତ୍ତମାନ ସୁଦ୍ଧା ସେହି ଏକ ପ୍ରକାରର ବ୍ୟବସ୍ଥା ବଡ ମେଡିକାଲ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ଚାଲିଛି । ରୋଗୀଟିଏ ଡାକ୍ତର ଖାନା ଆସିବା ମାତ୍ରେ ରୋଗୀମାନେ ନିଜ ଦୁଃଖ ଦୁର୍ଦ୍ଦଶା କହିବା ପୂର୍ବରୁ ନିଜକୁ ଏଡ୍‌ସ ରୋଗୀ ନୁହେଁ ବୋଲି ପ୍ରମାଣିତ କରିବା ପାଇଁ ବିଭିନ୍ନ ଟେଷ୍ଟ୍ କରିବା ପାଇଁ ଏକରକମ ବାଧ୍ୟ କରାଯାଉଛି । ଡାକ୍ତରମାନେ ରୋଗୀର ସ୍ୱାସ୍ଥ୍ୟାବସ୍ଥା କଥା ନ ପଚାରି ପ୍ରଥମେ ପଚାରୁଛନ୍ତି ସୁରତ ଯାଇଥିଲୁ କି ? ଯଦି ରୋଗୀଟି ହଁ କହେ ତେବେ ତା ରୋଗ ପାଇଁ ଯାହା ଖର୍ଚ୍ଚ ହେବ ତାଠୁ ଅଧିକ ଖର୍ଚ୍ଚ ହୋଇଯାଏ ଏଡ୍‌ସ ପରୀକ୍ଷାରେ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବର୍ତ୍ତମାନ ବଡମେଡିକାଲରେ ଏକ ଆଣ୍ଟିରେଟ୍ରୋଭାଇରାଲ ସେଣ୍ଟର ଖୋଲାଯାଇ ଏଡ୍ସ ରୋଗୀମାନଙ୍କୁ ପରାମର୍ଶ ଓ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯାଉଛି, ତଥାପି ଲୋକ ଲୋଚନକୁ ନ ଆସିବା ପାଇଁ ଅନେକ ରୋଗୀ ପ୍ରାଇଭେଟ କ୍ଲିନିକ୍ ମାନଙ୍କରେ ଚିକିତ୍ସିତ ହେବାକୁ ସୁରକ୍ଷିତ ମଣୁଛନ୍ତି । ବଡ ମେଡିକାଲର ଅବ୍ୟବସ୍ଥା ସମସ୍ତେ ଜାଣନ୍ତି । ଏଡ୍ସ ନିମନ୍ତେ ହେଉଥିବା ପରୀକ୍ଷା ବର୍ତ୍ତମାନ ବାହାରେ କରିବାପାଇଁ ବାଧ୍ୟ କରାଯାଉଛି । ଏଡ୍ସ ରୋଗୀମାନଙ୍କ ନିମନ୍ତେ ବିଶେଷ ଶଯ୍ୟାର ବ୍ୟବସ୍ଥା ଥିବା ସତ୍ତ୍ୱେ କେହି ରୋଗୀ ଏଠାରେ ରହି ଚିକିତ୍ସିତ ହେବାପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ।

ବର୍ତ୍ତମାନ ମଧ୍ୟ ରାଜ୍ୟର ଅନେକ ଅଞ୍ଚଳରେ ଏଡ୍ସ ପ୍ରତି ଘୃଣାଭାବ ଜାହିର ରହିଛି । ସରକାରୀ ସ୍ତରରେ ଏଡ୍ସ ଆକ୍ରାନ୍ତଙ୍କୁ ମାସିକ ଭତ୍ତା ଦିଆଯାଇ ସାମାଜିକ ସ୍ୱୀକୃତି ଦିଆଯିବାର ଯେଉଁ ପ୍ରୟାସ କରାଯାଉଛି, ତାହା ଅନେକ କ୍ଷେତ୍ରରେ ବୁମେରାଂ ଭଳି କାମ କରୁଥିବା ପରି ଜଣାଯାଉଛି । ଏଡ୍ସ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିର ସମୁହ ପରିବାରକୁ ସାମାଜିକ ବାସନ୍ଦ କରାଯାଉଛି, ନିଆଁ ପାଣି ବାସନ୍ଦ କରିବା ଦ୍ୱାରା ଆକ୍ରାନ୍ତ ଓ ତାର ପରିବାର ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି ।

ଯାହା ଲାଗୁଛି ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଏହିପ୍ରକାରର ସାମାଜିକ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହେବାପରି ଦେଖାଯାଉନାହିଁ । ଖାଲି ସମ୍ବାଦପତ୍ରରେ, ଟିଭିରେ କିମ୍ବା ରେଡିଓରେ ଏହାର ସଚେତନତା ସୃଷ୍ଟି କରିଲେ ଆମ ଲୋକମାନେ ଯେ ସବୁ ବୁଝିଯିବେ ଆଉ ଏଡ୍ସ ଆକ୍ରାନ୍ତଙ୍କୁ ନିଜ ସହ ସମାନ ଭାବରେ ବଞ୍ଚିବାକୁ ଦେବେ ଏହା ଭାବିବା ସଂପୂର୍ଣ୍ଣ ଭାବେ ଠିକ ନୁହେଁ ।

ଏଡସ୍ ଓ ଏହା ସହିତ ଜଡିତ ଭୟ ଯୋଗୁଁ ଆମ ସମାଜ ଏଡସ୍ ରୋଗ ଏବଂ ରୋଗୀ, ଉଭୟଙ୍କୁ ଘୃଣା କରିବା ଶିଖିଗଲାଣି । ଯେଉଁଥିରେ ପ୍ରାଣଭୟ ରହୁଛି, ସେଇଟିକୁ ସହଜରେ ଆପଣେଇ ନେବାର ଚେଷ୍ଟା କରିବା ଲୋକ କେତେ ଜଣ ? କାହିଁକି ବା କେହି ଏପରିକା ରୋଗୀଙ୍କୁ ନିକଟତର ହେବାକୁ ଦେବ, ସମସ୍ତଙ୍କୁ ନିଜ ପ୍ରାଣର ଭୟ ନିଶ୍ଚୟ ରହିଛି ।

ତେଣୁ ଏଡସ୍ ରୋଗୀଙ୍କ ପାଇଁ ସମାଜରେ ନିରାପଦ ରହିବା ବନ୍ଦୋବସ୍ତ କରିବାକୁ ହେଲେ ଏହି ରୋଗର ଚିକିତ୍ସା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ । କେବଳ ରୋଗର ଚିକିତ୍ସା ସଂଭବ ବୋଲି ଜାଣିବା ପରେ ହିଁ କେଜାଣି କିଏ ନିଜକୁ ସୁରକ୍ଷିତ ମଣି ଏଡସ୍ ରୋଗୀଙ୍କୁ ନିଜ ପାଖକୁ ଆସିବାକୁ ଦେବ ସିନା, ନହେଲେ ସରକାରୀ ପ୍ରୋତ୍ସାହନ କେବଳ ପ୍ରହସନରେ ପରିଣତ ହୋଇ ରହିଯିବ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# କେତେ ଆନନ୍ଦମୟ ହେଉଛି ଆମ ଶିକ୍ଷା ବ୍ୟବସ୍ଥା

କୋମଳମତି ଶିଶୁମାନଙ୍କୁ ଶିକ୍ଷାର ବୋଝରୁ ନିସ୍ତାର ଦେବାପାଇଁ ସରକାର ଆମ ଶିକ୍ଷା ବ୍ୟବସ୍ଥାକୁ ଆନନ୍ଦମୟ ଶିକ୍ଷା ବୋଲି ନାମକରଣ କରିଛନ୍ତି, ହେଲେ ଏହା କେତେଦୂର ଆନନ୍ଦମୟ ହେଉଛି ତାହା ସନ୍ଦେହର ବିଷୟ । ବିଭିନ୍ନ ସରକାରୀ ସ୍କୁଲରେ କାନ୍ଥବାଡରେ ଆନନ୍ଦମୟ ଶିକ୍ଷାର ପ୍ରଚାର କରାଯାଇଛି, ହେଲେ ଏଥିରେ ଛାତ୍ରଛାତ୍ରୀମାନେ କିଛି ଲାଭବାନ ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବହୁତ ଲାଭବାନ ହେଇଛନ୍ତି । ବିଦ୍ୟାଳୟ ପରିସରରେ ଫଳପରିବା ଚାଷ କରି ନିଜ ବିଦ୍ୟାଳୟକୁ ପୁରସ୍କୃତ କରାଇବା ପଛରେ ସେମାନଙ୍କର ସ୍ପୃହା ଯାହା ବି ଥାଉ ନା କାହିଁକି, ବର୍ଷ ତମାମ ମାଗଣାରେ ପରିବା ପାଇବା ସେମାନଙ୍କୁ ଆଶିର୍ବାଦ ହୋଇଛି । ପିଲାମାନେ ବିଦ୍ୟାଳୟକୁ ଆସନ୍ତୁ ବା ନ ଆସନ୍ତୁ ସେଥିରେ ବିଦ୍ୟାଳୟର ଶିକ୍ଷକମାନଙ୍କର କିଛି ଯାଏଆସେ ନାହିଁ । କାରଣ ସରକାର ମାସକୁ ମାସ ଦରମା ଦେଉଛନ୍ତି । ସହରରେ ଥିବା କିଛି ବିଦ୍ୟାଳୟରେ ପାଠପଢା ହେଉଥାଇପାରେ କିନ୍ତୁ ସହର ତଳି ଅଞ୍ଚଳ ହେଉ କିମ୍ବା ନିପଟ ମଫସଲ ହେଉ ସବୁଠି ସେଇ ଏକା ଅବସ୍ଥା । ଯେଉଁଠି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଛି ସେଠି ଅପରାହ୍ନର ଠିକ ପୂର୍ବରୁ ଛାତ୍ରଛାତ୍ରୀମାନେ ଆବିର୍ଭୂତ ହୁଅନ୍ତି, କିମ୍ବା ହେଉଥିବା କଥା କାଗଜ ପତ୍ରରେ ଦେଖାଇ ଦିଆଯାଏ, ଏବଂ ଭୋଜନ ସରିବା ପରେ ବିଦ୍ୟାଳୟ ବି ବନ୍ଦ । କେହି କେହି ଶିକ୍ଷକ ଏହି ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳ ଡାଲିରେ ଘର ସଂସାର ସୁଦ୍ଧା ଚଳାଉଥିବାର ଅଭିଯୋଗ ହୋଇଛି ଏବଂ ଅନେକ ସ୍ଥାନରେ ବିଦ୍ୟାଳୟକୁ ସ୍ଥାନୀୟ ଜନସାଧାରଣ ବନ୍ଦ ବି କରିଛନ୍ତି ।

ମାସକୁ ମାସ ଦରମା ପାଇ ଚାକିରୀ କରୁଥିବା ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ କର୍ତ୍ତବ୍ୟକୁ କେତେ ସୁଚାରୁ ରୂପରେ ପାଳନ କରୁଛନ୍ତି ତାହା ବିଦ୍ୟାଳୟର ଉପସ୍ଥାନ ଓ ପରୀକ୍ଷାଫଳ ଦେଖିବାପରେ ସହଜରେ ବୁଝି ହେଉଛି । ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାପାଇଁ ହେଉଥିବା ସମସ୍ତ ଯୋଜନା ଯେ ବିଫଳ ହୋଇଛି ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିଦ୍ୟାଳୟ ସମୟରେ ପିଲାଏ ଆସୁନାହାନ୍ତି, କି ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ହେଇନାହିଁ । ଯେଉଁ ପିଲାମାନଙ୍କର ବାପମା ପାରୁଛନ୍ତି ସେମାନେ ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ପଢାଉଛନ୍ତି । ହେଲେ ସେଠି ବି ବ୍ୟବସ୍ଥା କିଛି ନୂତନ ନାହିଁ । ବିଗତ ଅଶି ଏବଂ ନବେ ଦଶକରେ ଛାତ୍ରଛାତ୍ରୀଙ୍କ ପ୍ରତି ହିଂସା ଆଚରଣ ବିରୁଦ୍ଧରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । କୁହାଗଲା ଯେ ପିଲାମାନଙ୍କୁ ବିନା ମାରଧରରେ ପାଠ ପଢା ଯିବ, ହେଲେ କିଛି ଶିକ୍ଷକ ନିଜ ଅଭ୍ୟାସକୁ ବଦଳାଇ ପାରିଲେ ନାହିଁ । ସେମିତି ଅନେକ ଶିକ୍ଷକଙ୍କ ହିଂସାର ଶରବ୍ୟ ହୋଇଛୁ ଆମେ ।

ସେଥିଲା ବିଗତ ଶତାବ୍ଦୀର କଥା, ବର୍ତ୍ତମାନ ଚଳିତ ଶତାବ୍ଦୀରେ ମଧ୍ୟ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବନ୍ତି ବିନା ବେତ୍ରାଘାତରେ ପାଠ ସମ୍ଭବ ନୁହେଁ । ଏଇମିତି ଅଭ୍ୟାସ ଯେ କେବଳ ସରକାରୀ ସ୍କୁଲରେ ରହିଛି ତାହା ଭାବିବା ମୂର୍ଖାମୀ ହେବ, କାରଣ ବିଗତ ଦିନରେ ଏହିପ୍ରକାରର ଅନେକ ଘଟଣା ଆମ ଦୃଷ୍ଟିଗୋଚର ହୋଇଛି । ପରନ୍ତୁ ଏକା ଆମେ ଯେ ଏହି ବ୍ୟବସ୍ଥାକୁ ବଦଳାଇବା ସମ୍ଭବ ନାହିଁ ତାହା ବି ଆମେ ହୃଦୟଙ୍ଗମ କରି ସାରିଛୁ ।

ବିଗତ ଦିନରେ ମୋ ଝିଅ ସ୍କୁଲରେ ଉତ୍ତୀର୍ଣ୍ଣ ହୋଇ ଏକ ନୂଆ ଶ୍ରେଣୀରେ ଦାଖଲ ହେବାପରେ ହଠାତ ସ୍କୁଲ୍ ଯିବାକୁ ଅମଙ୍ଗ ହେଲା । କାରଣ ଥିଲା କ୍ଲାସ ମିସ୍ କାଳେ ବାଡେଇବେ । ଏହା ବିପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଦେବାପରେ ସେମାନେ କହିଲେ ନାଁ ସେ ମିସ୍‌ଙ୍କ କଣ୍ଠ ଟିକେ ଟାଣ ବାସ ସେତିକି । ହେଲେ ଦିନକୁ ଦିନ ଝିଅକୁ ସ୍କୁଲକୁ ନେବା ଅସମ୍ଭବ ହେଲା । ସ୍କୁଲରେ ଛାଡି ଆସିବା ସମୟରେ ଗୋଡକୁ ଧରି ନେହୁରା ହେବା ଦେଖି ମନ ବିଚଳିତ ହେଉଥିଲା, ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି କଥା ଶୁଣିବାକୁ ନାରାଜ । ଏହାର ଦି ଦିନ ପରେ ଝିଅର ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀକୁ ଚିମୁଟି ରକ୍ତାକ୍ତ କରିଦେଇଥିଲେ ସଂପୃକ୍ତ ଶିକ୍ଷୟିତ୍ରୀ, ତଥାପି ବିଦ୍ୟାଳୟ କର୍ତ୍ତୃପକ୍ଷ ନିରବ ।

ଏହା କେବଳ ଏକ ବିରଳ ଘଟଣା ହୋଇଥିବ ବୋଲି ଭାବୁଥିଲା ବେଳେ ମୋର ଅନ୍ୟ ଜଣେ ବନ୍ଧୁ କହିଲେ ସହରର ଅନ୍ୟ ଏକ ସ୍ୱନାମଧନ୍ୟ ବିଦ୍ୟାଳୟରେ ବି ଅନୁରୂପ ବ୍ୟବସ୍ଥା କାମ କରୁଛି, ଅବଶ୍ୟ ସାମାନ୍ୟ ଭିନ୍ନ ପ୍ରକାରର । ସେଠି ଶିକ୍ଷୟିତ୍ରୀ ଜଣକ ପିଲାମାନଙ୍କ ଉପରେ ରାଗିଲେ ସେମାନଙ୍କୁ ସର୍ବ ସମ୍ମୁଖରେ ନିର୍ବସ୍ତ୍ର କରାଇ ଦେଉଛନ୍ତି ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏହା କେଉଁ ପ୍ରକାରର ବିକୃତ ମାନସିକତା ? କେଉଁ ଯୋଗ୍ୟତା ଭିତ୍ତିରେ ଏହି ଶିକ୍ଷୟିତ୍ରୀମାନେ ଚାକିରୀ କରୁଛନ୍ତି ? ଆମ ପିଲାମାନେ ଭଲ ଶିକ୍ଷା ପାଇବେ ବୋଲି ମାସକୁ ମାସ ଅଗଣିତ ଧନ ଖର୍ଚ୍ଚ କରୁଥିବା ବାପାମା ମାନେ ହତୋତ୍ସାହିତ ହେଉଥିବା ସ୍ପଷ୍ଟ । ଅନ୍ତତଃ ମୋ କ୍ଷେତ୍ରରେ ଏହା ସୁସ୍ପଷ୍ଟ । ଆମ ପରିବାରରେ ଛୋଟ ପିଲାମାନଙ୍କୁ ଚଢାଗଳାରେ କଥାଟିଏ ଆମେ କହୁନଥିବା ବେଳେ ବିଦ୍ୟାଳୟରେ ସେମାନଙ୍କୁ ନମ୍ରତାର ଶିକ୍ଷା ଦେବାପାଇଁ ଥିବା ଶିକ୍ଷୟିତ୍ରୀମାନେ ଯଦି ଏହି ପ୍ରକାରର ବ୍ୟବହାର କରିବେ ତା ହେଲେ କୋମଳମତି ଶିଶୁମାନଙ୍କ ଉପରେ ଏହାର କି ପ୍ରକାରର ପ୍ରଭାବ ପଡିବ ? ଏହି ସବୁ କଥା ଶୁଣିଲାପରେ ଲାଗୁଛି କି ଆମ ଶିକ୍ଷା ସତରେ ଆନନ୍ଦମୟ ?

## ଶୁଳିଆ ପଶୁବଳି ବନାମ ଆମ ଡିନର୍‌ର ଚିକେନ୍

କିଛିଦିନ ତଳେ ଏକ ସମାରୋହରେ ପଶ୍ଚିମ ଓଡିଶାର ବଲାଙ୍ଗୀର ଜିଲ୍ଲାରେ ଶହ ଶହ ପଶୁ ପକ୍ଷୀଙ୍କୁ ବଳିଦିଆଗଲା, ଆଉ ଏହାର ଯେଉଁ ପ୍ରକାରର ବର୍ଣ୍ଣନା ସମ୍ବାଦପତ୍ରମାନେ କଲେ ସେଥିରୁ ଲାଗୁଥିଲା ସତେ ଯେମିତି ନିଶ୍ଚୟ ଏକ ଦୁଃଖଦ ଘଟଣା ଘଟିଗଲା । ପଶୁବଳି ପାଇଁ କୁଖ୍ୟାତ ଏହି ଅଞ୍ଚଳର ଏକ ଗାଁ ଦାଣ୍ଡ ପ୍ରାୟ ପ୍ରତ୍ୟେକ ବର୍ଷ ଏଇମିତି ଅସଂଖ୍ୟ ପଶୁପକ୍ଷୀଙ୍କ ରକ୍ତରେ ଲାଲ ହୋଇଯାଏ । ଅସଂଖ୍ୟ ଯାନବାହାନରେ ଲୋକମାନେ ଛେଳି, କୁକୁଡା, ପୋଢ ଆଦି ପଶୁ ପକ୍ଷୀଙ୍କୁ ନେଇ ଆସନ୍ତି ଏହି ସାମୁହିକ ହତ୍ୟାକାଣ୍ଡରେ ସାମିଲ କରିବାପାଇଁ । ଏହି ପ୍ରଥାକୁ ବନ୍ଦ କରିବାପାଇଁ ଅନେକ ପ୍ରଚେଷ୍ଟା କରାଯାଉଛି, ହେଲେ ଅଦ୍ୟାବଧି ସମ୍ଭବ ହୋଇପାରିଲା ନାହିଁ ।

ମନୁଷ୍ୟ ସେମିତିରେ ବି ଅନ୍ଧବିଶ୍ୱାସୀ । ଆଉ ଯେଉଁ କଥାଟା ମୁଣ୍ଡରେ ଜୁଟିଗଲା ତାକୁ ଶାସ୍ତ୍ରର ଗାର ବୋଲି ଧରିନେବାଟା ଆମ ଦେଶରେ ଅନ୍ତତଃ ଅଜଣା ନୁହେଁ । ଆଉ ଯେଉଁ ବିଶ୍ୱାସଟି ମନୁଷ୍ୟ ବିଗତ କେଇ ହଜାର ବର୍ଷରୁ ନିଜ ମୁଣ୍ଡରେ ଭର୍ତ୍ତି କରି ରଖିଛି ତାକୁ ସହଜରେ ବାହାର କରିବା ହେବ କେମିତି ? ଇଂରେଜୀରେ ଗୋଟିଏ ବାକ୍ୟ ମୋର ମନେ ପଡୁଛି, ଓଲ୍‌ଡ ହେବିଟ୍‌ସ ଡାଇ ହାର୍ଡ ଅର୍ଥାତ ପୁରୁଣା ଅଭ୍ୟାସ ସହଜରେ ଛାଡେ ନାହିଁ । ଆଉ ଯେଉଁଟା ହଜାର ହଜାର ବର୍ଷର ପୁରୁଣା ବିଶ୍ୱାସ ତାକୁ ବା ବନ୍ଦ କରାଯାଇ ପାରିବ କେମିତି ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଆଜି ବି ଦେହ ଖରାପ ହେଲେ ଲୋକ କହିଲେ ଦୃଷ୍ଟି ହେଇପାଇଛି । ସେ ଯେତେବଡ ଲୋକ ହୋଇଥିଲେ ବି ଏସବୁ ବିଷୟକୁ ବିଶ୍ୱାସ କରୁଛନ୍ତି ଆଉ ଆମର ଦେଶର ଗ୍ରାମାଞ୍ଚଳରେ ରହୁଥିବା ଲୋକତ ନିରୀହ, ଅଜ୍ଞାନୀ, ଅନ୍ଧବିଶ୍ୱାସୀ, ସେମାନେ ବା କେମିତି ସୁଧୁରିବେ ? ଆଜିକାଲି ଟିଭିରେ ଦେଖିବାକୁ ମିଳୁଛି, ନଜର ରକ୍ଷା କବଚ ସେଥିରେ ଉପସ୍ଥାପିକା ଜୋର ଦେଇ କହୁଛନ୍ତି ଯେ ଆପଣଙ୍କ ପିଲାକୁ ହୋଇଥିବା ବେମାରୀ କାହାର କୁଦୃଷ୍ଟି ଯୋଗୁଁ ହୋଇଥାଇପାରେ । ଏବେ ଅବିଶ୍ୱାସ ବୋଲି କାହାକୁ କହିବା ?

କଥା ରହିଲା ବଳି ପ୍ରଥାର । ଆରେ ଏମିତିରେ ତ ପ୍ରତିଦିନ ଆମ ଆଖପାଖରେ ବଳି ପଡୁଛି, ପ୍ରତିଦିନ ସଂଧ୍ୟାରେ ମହମବତୀର ମିଞ୍ଜିମିଞ୍ଜି ଆଲୁଅରେ ବସି କୌଣସି ଏକ ଦାମୀ ରେଷ୍ଟୋରାଁରେ ଯେଉଁ ଚିକେନ୍ ଆଉ ମଟନ୍ ଖାଉଛନ୍ତି ସେ ଟା ତ କେହି ପଶୁ ବା ପକ୍ଷୀ ସ୍ୱେଚ୍ଛାରେ ଆପଣଙ୍କୁ ଦେଇନାହିଁ, ଏଥିପାଇଁ ଏକ ନିରୀହ ପଶୁ ବା ପକ୍ଷୀକୁ ହତ୍ୟା କରାଯାଇଛି । ଏମିତି ଦୈନିକ ଅସଂଖ୍ୟ ପଶୁ ପକ୍ଷୀଙ୍କୁ ଆମ ଚକ୍ଷୁ ସମ୍ମୁଖରେ ହତ୍ୟା କରାଯାଉଛି, ତାହେଲେ ଏକ ସ୍ୱତନ୍ତ୍ର ଆୟୋଜନରେ ଯଦି କୌଣସି ଏକ ଅଗମ୍ୟ ଗ୍ରାମରେ ପଶୁଙ୍କୁ ହତ୍ୟା କରାଗଲା, ତା ପାଇଁ ଆମ ମନରେ ଏତେ ଦରଦ କାହିଁକି ?

ଶୁଳିଆରେ ଅନ୍ଧବିଶ୍ୱାସ ଯୋଗୁଁ ହେଉ ଅବା ଅନ୍ୟ ଯେ କୌଣସି କାରଣରୁ ହେଉ ଯେତେ ସଂଖ୍ୟକ ପଶୁ ପକ୍ଷୀ ବଳି ଦିଆଗଲା, ତାଠୁ ଢେର ଅଧିକ ବଳି ଆମେ ପ୍ରତିଦିନ ଦେଉଛେ, ତାହାବି କୌଣସି ଗାଁରେ ନୁହଁ ବରଂ ଆମର ଦେଶର ବଡ ବଡ ସହର ମାନଙ୍କରେ, ସେଇଟା କଣ ପଶୁ ପକ୍ଷୀଙ୍କ ଜୀବନର ଅଧିକାରଭୁକ୍ତ ନୁହେଁ । ପଶୁ ପକ୍ଷୀଙ୍କ ଅଧିକାର ପାଇଁ ଲଢୁଥିବା ସମସ୍ତ ବ୍ୟକ୍ତି କଣ ନିରାମିଷାଷୀ ?

ଆମ ସମସ୍ତଙ୍କ ଭିତରେ ଥିବା ପାଶବିକତା ଆମକୁ ପ୍ରତିଦିନ ପଶୁ ଓ ପକ୍ଷୀଙ୍କୁ ବଳିଦେବାକୁ ଉସୁକାଉଛି, ହେଲେ ପୂଜା କିମ୍ବା ପର୍ବ ନାଁରେ ଯଦି କୌଣସି ସ୍ଥାନରେ ପଶୁ ଓ ପକ୍ଷୀଟିଏ ବଳି ଚଢୁଛି, ତେବେ ସମସ୍ତେ ପଶୁମାନଙ୍କ ଅଧିକାର ନାଁରେ ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ତେଣୁ ଏମିତିକା ପ୍ରଥାକୁ ବନ୍ଦ କରିବା ସମ୍ଭବ ହେଉନାହିଁ ।

ମୁଁ ବି ଚାହୁଁନାହିଁ ଯେ ଆମର ଲାଭପାଇଁ, ମିଥ୍ୟା ଆଶ୍ୱାସନା ବା ବିଶ୍ୱାସ ପାଇଁ ନିରୀହ ପଶୁ କିମ୍ବା ପକ୍ଷୀକୁ ହିଂସ୍ରକ ଭାବେ ହତ୍ୟା କରାଯାଉ, କିନ୍ତୁ ଯଦି ଆମେ ଆମ ଚାରି ପାଖରେ ହେଉଥିବା ପଶୁ ପକ୍ଷୀ ହତ୍ୟାକୁ ନିରବରେ ଦେଖି ଚୁପ ରହି ପାରୁଛେ ତେବେ ଅନ୍ୟତ୍ର ଆମ ନିଜ ସ୍ୱରକୁ ଉଚ୍ଚ କରିବା ବେଳକୁ ସେଥିରେ ଦମ୍ଭ ଆସିବ କେମିତି ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଓଡିଆ ଭାଷା ପ୍ରଚାର ନାମରେ କଦର୍ଯ୍ୟ କରିବା ଆଦୌ ଗ୍ରହଣୀୟ ନୁହେଁ

ଭାଷା ଆମର ପାଇଁ ନିର୍ମିତ । ଯାହା ଫଳରେ ଆମେ ସହଜରେ ଆମର ଭାବର ଆଦାନ ପ୍ରଦାନ କରି ପାରୁ । ଭାଷାକୁ ଆମେ ଦୁଇ ପ୍ରକାରରେ ବିଭାଗ କରି ପାରିବା, ଗୋଟିଏ ହେଉଛି ମୁହଁବୋଲା ଭାଷା ଯାହାକୁ ମାତୃଭାଷା ବୋଲି କହିଲେ ଚଳିବ । ସେହପରି ଅନ୍ୟଟି ହେଉଛି ଲିଖିତ ଭାଷା ଯାହା ସ୍ଥାନ କାଳ ଓ ପାତ୍ର ପ୍ରକାର ଭେଦରେ ବଦଳେ ନାହିଁ । ଓଡିଶାର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ପ୍ରକାରର ଭାଷାର ପ୍ରଚଳନ ରହିଛି । ଉତ୍ତରରେ ବାଲେଶ୍ୱର ଓ ବାରିପଦାରେ ଭାଷା ଅଲଗା ସେହିପରି ଦକ୍ଷିଣରେ ଗଞ୍ଜାମ ଗଜପତି ଜିଲ୍ଲାର ଭାଷାର ସ୍ୱତନ୍ତ୍ରତା ଅଲଗା । ବିଭିନ୍ନ ଭାଷାର ପ୍ରଭାବରେ ଆସି ଆମ ଭାଷା ପରିବର୍ତ୍ତନ ହୋଇଛି ସତ ହେଲେ ଲେଖିବା ସମୟରେ ଆମର ଭାଷାରେ କୌଣସି ତାରତମ୍ୟ ଦେଖାଯାଇନାହିଁ ।

୧୯୩୧ ମସିହାରେ ଜନୈକ ଇଂରେଜୀ ଅନୁସନ୍ଧିତ୍ସୁଙ୍କ ସର୍ବେକ୍ଷଣକୁ ଉଦ୍ଧାର କରି କୁହାଯାଇଛି ଯେ ଓଡିଶାର ବିଭିନ୍ନ ଜିଲ୍ଲାରେ ଭାଷା ଅଲଗା ଅଲଗା ରହିଥିବା ସମୟରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ କୁହାଯାଉଥିବା ଓଡିଆ ହିଁ ସଂପୂର୍ଣ୍ଣ ଓଡିଆ ପଦବାଚ୍ୟ ହୋଇପାରିବ । ସେ ଯା ହେଉ, ବର୍ତ୍ତମାନ ଭାଷାର ଉନ୍ନତି ପାଇଁ ଅନେକ ସଂସ୍ଥା ଓ ବ୍ୟକ୍ତି ଆଗଭର ହୋଇଛନ୍ତି । ଏହା ନିଶ୍ଚୟଭାବେ ଆମ ପାଇଁ ଓ ଆମ ଭାଷାପାଇଁ ଗୌରବର ବିଷୟ, କାରଣ ହିନ୍ଦୀ ଓ ଇଂରେଜୀ ଭାଷାର ବହୁଳ ପ୍ରସାର ଫଳରେ ଓଡିଆ ଭାଷା ପ୍ରତି ସ୍ପୃହା କମ ହୋଇଥିଲା ।

ହେଲେ ଭାଷାର ଉନ୍ନତି ପାଇଁ କହି ଭାଷାକୁ କଦର୍ଥ କରି ପ୍ରଚାର କରିବାର କୌଣସି ପ୍ରଚେଷ୍ଟାକୁ ମୁଁ ବ୍ୟକ୍ତିଗତ ଭାବେ ବିରୋଧ କରେ । ଓଡିଆଭାଷା ଏକ ସ୍ୱଚ୍ଛ ସଂପୂର୍ଣ୍ଣ ଭାଷା ଏବଂ ଏହା ଭାରତରେ କୁହାଯାଉଥିବା ଅଗଣିତ ଭାଷା ମାନଙ୍କ ମଧ୍ୟରେ ଅତ୍ୟନ୍ତ ମଧୁର ବୋଲି ମଧ୍ୟ କୁହାଯାଇପାରେ । ହେଲେ ଚଳିତ ଦଶକରେ ଇଣ୍ଟରନେଟର ବହୁଳ ବ୍ୟବହାର ଫଳରେ ଭାଷାର ଉନ୍ନତି କରିବା ପାଇଁ ଆଗଭର ଅନେକ ବ୍ୟକ୍ତି ଭାଷାକୁ ନିଜର ଅଧିକୃତ ବୋଲି ଧରିନେଇଛନ୍ତି । ଏକ୍ସପେରିମେଣ୍ଟ ବା ଗବେଷଣାତ୍ମକ ପଦକ୍ଷେପ କହି ଭାଷାକୁ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିକୃତ କରୁଛନ୍ତି । ଏହା କଦାପି ଗ୍ରହଣୀୟ ନୁହେଁ । ଭାଷାକୁ ବଦଳାଇବାର ଅଧିକାର ଆମର ନାହିଁ, ଭାଷାର ପରିବର୍ତ୍ତନ ନିମନ୍ତେ ଯୋଗ୍ୟ ବ୍ୟକ୍ତି ମାନଙ୍କ ସଂଖ୍ୟା କମ ନାହିଁ ।

ଏଠି କଥାରେ ଅଛି ଗୋସେଇଁ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ । ସେହି ନ୍ୟାୟରେ ଯେଉଁମାନେ ନିଜକୁ ଏହି ଭାଷାକୁ ନିଜର ଅଧିନ ବୋଲି ଭାବିନେଇଛନ୍ତି ସେମାନେ ନିଜ ମନ ଇଛା ଏହି ଭାଷାକୁ ବିକୃତ କରି ପରିବେଷଣ କରି ଚାଲିଛନ୍ତି । ଏହା ଆଦୌ ଭଲ କଥା ନୁହେଁ । ଭାଷାକୁ ଏହାର ପ୍ରକୃତ ସ୍ୱରୂପରେ ଉପସ୍ଥାପନ କରିବା ଦ୍ୱାରା ଏହାର ମାନବୃଦ୍ଧି ହେବ କିନ୍ତୁ ଏହାକୁ ବିକୃତ କରି ଉପସ୍ଥାପନ କରିବା ଦ୍ୱାରା ଆଗାମୀ ପିଢୀକୁ ଆମେ ଅନେକ ଭୁଲ ଜିନିଷ ଦେବା ସିନା ।

ଓଡିଆଭାଷା କାହାର ଦୟାର ପାତ୍ର ନୁହେଁ । ଭାଷା କେବେ ମରେନାହିଁ, ହଁ କିଛି ଲୋକ ଭାଷାକୁ ବ୍ୟବହାର କରିବା ବନ୍ଦ କରିଦେଲେ ଏହାର ଗୁଣ ବା ମାନ କମ ହେବ ନାହିଁ । ବାହ୍ୟ ଚାକଚକ୍ୟର ପ୍ରଭାବରେ ଆମେ ନିଜ ଭାଷାକୁ ଅବହେଳା କରିବା ସ୍ୱାଭାବିକ କିନ୍ତୁ ଜନ୍ମରୁ ଯେଉଁ ଭାଷାକୁ ତୁଣ୍ଡରେ ନେଇ ଆମେ ବଡ ହେଇଛେ ତାକୁ ଭୁଲାଇ ଦେବା ସହଜ ନୁହେଁ । ତେଣୁ ଏଇ ଭାଷା ରହିଛି ଆଉ ରହିଥିବ ହେଲେ ଏହି ମହାନ ଭାଷାକୁ ପ୍ରସାର କରିବା ପାଇଁ ପ୍ରୟାସ କରୁଥିବା ଲୋକମାନେ ଏହାକୁ ବଦଳାଇବାର ଅଧିକାର ନାହିଁ ।






ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଓଡିଆ ଭାଷାରେ ପତ୍ରପତ୍ରିକା ଓ ଆମେ

ମୁଁ ଓଡିଆ ପତ୍ରିକା କିଣି ପଢିବାକୁ ଭଲ ପାଏନାହିଁ । ଅବଶ୍ୟ ଉପନ୍ୟାସ କିମ୍ବା କାହାଣୀ ସମ୍ବଳିତ ପୁସ୍ତିକାଟିଏ ମିଳିଲେ ପଢିପକାଏ, କିନ୍ତୁ କାହିଁକି କେଜାଣି ଓଡିଆ ପତ୍ରିକା କିଣିବାପାଇଁ ମନ ହୁଏ ନାହିଁ । ଏହା କେବଳ ମୋର ନୁହେଁ ସମସ୍ତ ଓଡିଆଙ୍କ କଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାଁ ଭାଁ କେଉଁଠି କେବେ କେବେ ସାହିତ୍ୟ ଚର୍ଚ୍ଚା କରିବା ବେଳେ କାହା ହାତରେ ପତ୍ରିକାଟିଏ ଦେଖିଲେ ଆଖି ବୁଲେଇ ଆଣିବା ଆମର ଭାଷାପ୍ରତି କର୍ତ୍ତବ୍ୟ ବୋଲି ଆମେ ଧରିନେଇଛୁ ।

ଆମ ବୀପରିତ ଆଉ ଗୋଟିଏ ଗୋଷ୍ଠି ବି ରହିଛନ୍ତି ଯେଉଁମାନେ କେବଳ ପତ୍ର ପତ୍ରିକାରେ ହିଁ ବଞ୍ଚନ୍ତି । ବର୍ଷ ତମାମ ପ୍ରକାଶିତ ହେଉଥିବା କୌଣସି ନା କୌଣସି ପତ୍ରିକାରେ ନିଜ ରଚିତ କବିତା କିମ୍ବା ଗଳ୍ପଟିଏ ଛାପିବା ପାଇଁ ଅର୍ଥଦାନ କରିବାରେ କେବେ ବି କାର୍ପଣ୍ୟତା କରନ୍ତି ନାହିଁ । ସେମାନଙ୍କୁ ଆମେ ମାନେ ପାଗଳ ବୋଲି ମଧ୍ୟ କହୁ । କେହି କେହି ଏହାକୁ ବେକାର ଲୋକମାନଙ୍କ କାମ ବୋଲି ମଧ୍ୟ କହନ୍ତି । ସେହିପରି ଜଣେ ବନ୍ଧୁ ଅଛନ୍ତି, ରାସ୍ତାଘାଟରେ ଯଦି ଦେଖାହୋଇଗଲା କହିଲେ ଅତି କମରେ ଦୁଇଘଣ୍ଟା ଠିଆ କରେଇ ନିଜ ଲିଖିତ ଗଳ୍ପ ଓ କବିତା ପଢେଇବା ତାଙ୍କର ଅଧିକାର ବୋଲି ସେ ଧରି ନେଇଛନ୍ତି । ଅମୁକ ପତ୍ରିକାରେ କବିତା ବା ଗଳ୍ପ ଛପିଛି ଶୁଣେଇବା ପାଇଁ ସେ ସର୍ବଦା ତତ୍ପର ।

ଆହୁରି ବି ଗୋଷ୍ଠିଏ ଅଛନ୍ତି ଯେଉଁମାନେ କବିତା ଗଳ୍ପ ଲେଖିବାର ପ୍ରଚେଷ୍ଟା କରନ୍ତି, କେତେଜଣ ସଫଳ ହୁଅନ୍ତି ତ ଆଉ କେତେଜଣ ବେତାଳିଆ ଭାବେ କେବଳ ଲେଖିଯାଆନ୍ତି । ଆଉ କେଇଜଣ ନିଜ କବିତାକୁ କାନ୍ଥବାଡରେ ମଧ୍ୟ ଲେଖିବାକୁ ଘୃଛାନ୍ତି ନାହିଁ ।

ଦିନେ ମୋର ବନ୍ଧୁ କହିଲେ ମୋତେ ଅମୁକ ସଂସ୍ଥା ତରଫରୁ ସାହିତ୍ୟ ସମ୍ମାନ ମିଳିଛି । ଶୁଣିଖୁଶି ଲାଗିଲା, ହେଲେ ଯେଉଁଦିନ ତାଙ୍କ ପତ୍ନୀଙ୍କ ସହ ଭେଟ ହୋଇଥିଲା, ସେ କହିଥିଲେ ଆପଣ ନିଜ ବନ୍ଧୁଙ୍କୁ ବୁଝାନ୍ତୁ ଏ କବିତା ଲେଖାରୁ କିଛି ମିଳେନି ବୋଲି । ମୁଁ ହସିଦେଇ କହିଲି, କାହିଁ ଏହି ପରା କିଛି ଦିନତଳେ ତାଙ୍କୁ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସାହିତ୍ୟ ସମ୍ମାନ ମିଳିଥିଲା, ବନ୍ଧୁଙ୍କ ପତ୍ନୀ ସାମାନ୍ୟ ହସିଦେଇ କହିଲେ, ହଁ ମୋ କାନର ସୁନା ହଳକ ବିକି ସେତକ ଆଣିଛନ୍ତି ।

ସାହିତ୍ୟ ପ୍ରତି ସ୍ପୃହା କାହାର ରହିଛି, ଆଉ କାହାର ନାହିଁ କହିବା ମୁସ୍କିଲ । ବଡ ବଡିଏ ଆଜିକାଲି ଗଳ୍ପକବିତା ଲେଖୁଛନ୍ତି ଆଉ ପୁରସ୍କାର ପାଉଛନ୍ତି, ଆଉ ଯେତେ ରହିଲେ ସବୁ ନିଜ ସାରସ୍ୱତ ସାଧନାକୁ ଗମ୍ଭୀରାଘର ଭାଡି ଉପର ଲୁଗାବନ୍ଧା ଗଣ୍ଠିଲିରେ ବାନ୍ଧି ରଖିଛନ୍ତି ।

ସାହିତ୍ୟ କେବଳ ଓଡିଆଭାଷାଠାରୁ ଦୂରରେ ରହୁଥିବା କିଛି ଲୋକ ପଢିବାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ ଆଜିକାଲି ସାହିତ୍ୟ ପତ୍ରିକା ବି ମିଳିଲାଣି । ଇଣ୍ଟରନେଟରେ ସେମାନେ ବସି ଓଡିଆ ଗଳ୍ପ କବିତା ପଢିପାରୁଛନ୍ତି ଅଥଚ ଘର କଥା ନ କହିଲେ ଭଲ । ଓଡିଶାରେ କେତେଜଣ ଓଡିଆ ପତ୍ରିକା ପଢନ୍ତି, ଉତ୍ତର ଦେଲେ ଲାଜ ଲାଗିବ । ତେଣୁ ଆପଣ ନିଜେ ଭାବି ଦେଖନ୍ତୁ ଆପଣ କେତେ ସାହିତ୍ୟ ପ୍ରେମୀ ???

## ନବ ଉତ୍କଳର ବରପୁତ୍ର ବିଜୁ ବାବୁ
## (ବିଜୟାନନ୍ଦ ପଟନାୟକ)

୫ ମାର୍ଚ୍ଚ ୧୯୧୬ ମସିହାରେ କଟକରେ ଜନ୍ମ ଗ୍ରହଣ କରିଥିବା ବିଜୟାନନ୍ଦ ଓରଫ ବିଜୁବାବୁଙ୍କ ପିତା ଲକ୍ଷ୍ମୀନାରାୟଣ ପଟନାୟକ ଏବଂ ମା ଆଶାଲତା ପଟନାୟକ ଭଞ୍ଜନଗର ସନ୍ନିକଟ ନୂଆଗାଁର ବାସିନ୍ଦା ଥିଲା । କିନ୍ତୁ ତାଙ୍କ ପିତା କଟକରେ ମୁନ୍‌ସିଫ ଥିଲେ । ଏଣୁ ବିଜୁବାବୁଙ୍କ ପିଲାଦିନ କଟକରେ ହିଁ ବିତିଥିଲା । କଟକର ମିସନ୍ ସ୍କୁଲ୍, ରେଭେନସା କଲେଜିଏଟ ସ୍କୁଲ ଓ ରେଭେନସା କଲେଜରେ ନିଜ ଶିକ୍ଷା ସମାପନ କରିଥିଲେ । ବିଜ୍ଞାନରେ ସ୍ନାତକର ଶିକ୍ଷାର୍ଥୀ ଥିବା ସମୟରେ ସେ ଉଡାଜାହାଜ ଚାଳନା ଶିକ୍ଷା କରିଥିଲେ । ଭାରତୀୟ ବାୟୁସେନାରେ ସେ ପାଇଲଟ ଭାବେ ୧୯୪୦ରୁ ୧୯୪୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ସେ ନିଜ ଦୁଃସାହସିକ ଚାଳନା ପାଇଁ ସମ୍ମାନିତ ହୋଇଥିଲେ ।

ମହାତ୍ମାଗାନ୍ଧୀଙ୍କ କଟକ ଆଗମନ କାଳରେ ସେ ତାଙ୍କୁ ଦେଖିବାପାଇଁ ଯାଇଥିବା



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବେଳେ ପୋଲିସର ଆକ୍ରମଣର ଶୀକାର ହୋଇଥିଲେ, ଏବଂ ପରେ ପରେ ପ୍ରତ୍ୟକ୍ଷ ରାଜନୀତିରେ ସେ ଅଂଶଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କୁ ତିନିବର୍ଷକାଳ ଜେଲ ଦଣ୍ଡଭୋଗିବାକୁ ପଡିଥିଲା ।

୧୯୪୭ରେ ପାକିସ୍ତାନ ଜାମ୍ମୁ କାଶ୍ମୀର ଆକ୍ରମଣ ସମୟରେ ସେ ଦୁଃସାହସ କରି ଉଡାଜାହାଜ ଚାଲନା କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ୧୯୪୫ ମସିହାରେ ଇଣ୍ଡୋନେସିଆରେ ଅରାଜକତା ସମୟରେ ବିଜୁ ପଟନାୟକ ସାହାସର ସହିତ ଉଡାଜାହାଜ ଚାଳନା କରି ଦେଶର ପ୍ରମୁଖ ଶାହ ଜାହିରଙ୍କୁ ବିଦ୍ରୋହୀ ମାନଙ୍କ କବଳରୁ ମୁକୁଳାଇ ଆଣିବାରେ ସକ୍ଷମ ହୋଇଥିଲେ, ଏଥିପାଇଁ ପରେ ବିଜୁବାବୁଙ୍କୁ ଇଣ୍ଡୋନେସିଆର ଭୂମିପୁତ୍ର ଉପାଧୀ ମଧ୍ୟ ମିଳିଥିଲା ।

୧୯୪୬ରୁ ସେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ । ପ୍ରଥମେ କଂଗ୍ରେସ ଦଳପାଇଁ ବିଧାନସଭାକୁ ଆସିଥିବା ବିଜୁବାବୁ ୧୯୬୧ରେ ମାତ୍ର ୪୫ ବର୍ଷ ବୟସରେ ଓଡିଶାର ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ । ସେ ବିଧାନସଭାକୁ ସମୁଦାୟ ୧୨ ଥର ନିର୍ବାଚିତ ହୋଇଥିଲେ । ତାଙ୍କରି ନେତୃତ୍ୱରେ ୧୯୬୧ରେ କଂଗ୍ରେସ କମିଟି ୧୪୭ରୁ ୮୭ଟି ସିଟରେ ବିଜୟ ଲାଭ କରିଥିଲେ । କାମରାଜ ଯୋଜନା ଯୋଗୁଁ ମାତ୍ର ଦୁଇବର୍ଷରେ ସେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ୧୯୭୦ ମସିହାରେ ସେ କଂଗ୍ରେସରୁ ଇସ୍ତଫାଦେଇ ନିଜେ ଉତ୍କଳ କଂଗ୍ରେସ ନାମକ ଦଳ ଗଢିଥିଲେ । କିନ୍ତୁ ବିଧାନସଭାରେ ସମୁଦାୟ ୩୩ଟି ସିଟରେ ହିଁ ଜୟଲାଭ କରିଥିଲେ । ୧୯୭୪ରେ ସେ ଭାରତୀୟ ଲୋକଦଳ ସହ ସନ୍ଧି କରିବାପରେ ଓଡିଶା ପ୍ରଦେଶ କମିଟିରେ ପ୍ରମୁଖ ଭାବରେ ଅବସ୍ଥାପିତ ହୋଇଥିଲେ ।

୧୯୭୫ ମସିହାରେ ଭାରତରେ ଏମେରଜେନ୍ସି ଲାଗୁ ହୋଇଥିବା ବେଳେ ସେ ୧୮ ମାସ ପାଇଁ ଜେଲ ଯାଇଥିଲେ । ୧୯୭୬ରେ ସେ ଜନତା ଦଳ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୭୭ରେ ସେ ଲୋକସଭାକୁ ନିର୍ବାଚିତ ହୋଇ ଷ୍ଟିଲ ଓ ଖଣି ସଂପଦ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ଭି ପି ସିଂଙ୍କୁ ଭାରତର ପ୍ରଧାନମନ୍ତ୍ରୀ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ୧୯୭୮ ରେ ସେ ଚରଣ ସିଂଙ୍କ ଗଠିତ ଜନତା ଦଳ(ଏସ) ର ସଦସ୍ୟ ରହି ୧୯୮୦ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ମନ୍ତ୍ରୀ ରହିଥିଲେ । ୧୯୮୫ରେ ସେ ବିଧାନସଭାରେ ବିରୋଧୀ ଦଳରେ ନେତା ଭାବରେ ନିର୍ବାଚିତ ହୋଇଥିଲେ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

୧୯୯୦ରେ ହୋଇଥିବା ବିଧାନସଭାର ନବମ ନିର୍ବାଚନରେ ତାଙ୍କରି ଦଳ ୧୨୩ଟି ସିଟରେ ବିଜୟୀ ହୋଇଥିଲା । ଦୀର୍ଘ ୨୭ବର୍ଷର ବ୍ୟବଧାନ ପରେ ବିଜୁବାବୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ପେଶାରେ ଶିଳ୍ପପତି ଥିବା ବିଜୁବାବୁ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଓଡିଶାର ଜନ ସାଧାରଣଙ୍କ ପାଇଁ ସେ ଅନେକ ସପ୍ନ ଦେଖିଥିଲେ । ଓଡିଆ ଜାତୀୟତାବାଦରୁ ଭୀରୁତାକୁ ଦୂରେଇ ଦେଇ ଏକ ସୁସ୍ଥ ସବଳ ସମାଜ ଗଠନ ତାଙ୍କର ଲକ୍ଷ୍ୟ ଥିଲା । ବୃହତ୍ ଓଡିଶାର ସ୍ୱପ୍ନ ବିଜୁବାବୁଙ୍କ ବିନା ଅସମ୍ଭବ ।

## ଓଡିଶାରେ ଡାକ୍ତର ହେବାକୁ କେହି ଚାହାନ୍ତି ନାହିଁ କାହିଁକି ?

ନିକଟ ଅତୀତରେ ମୋର ଜଣେ ବନ୍ଧୁଙ୍କ ପୁଅର ଜନ୍ମଦିବସ ଅବସରରେ ତାକୁ ଆଶୀର୍ବାଦ ଦେଇ ତୁ ବି ତୋ ବାପା ପରି ଡାକ୍ତର ହୁଅ ବୋଲି କହିଦେବାପରେ ଆମର ଜଣେ ପୂର୍ବତନ ଅଧ୍ୟାପକ (ଡାକ୍ତର) କହିଲେ, କାହିଁକି ତାକୁ ଅଭିଶାପ ଦେଉଛୁ ? ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏମିତି ତ କିଛି ଖରାପ କଥାଟେ କହିନି ? ଡାକ୍ତର ହେବା କଣ ଅଭିଶାପ ???

ସେ ପ୍ରଶ୍ନକଲେ କହିଲୁ ଦେଖି ତୋତେ କେବେ ଆଉ କେତେଜଣ ତୋ ଚିକିତ୍ସାପାଇଁ ପ୍ରଶଂସା କରିଛନ୍ତି ? ମୁଁ କିଛି ସମୟ ଭାବିବା ଭିତରେ କହିଲେ, ଏଇଥିପାଇଁ ଡାକ୍ତର ହେବୁନାହିଁ । ଯଦି ତୋ କାମର କେହି ପ୍ରଶଂସା କରନ୍ତି ନାହିଁ, ତେବେ ସେ କାମର ମୂଲ୍ୟ ନାହିଁ ।

ସେ ଯାହା ଭାବିଲେ ଭାବନ୍ତୁ ମୁଁ କିନ୍ତୁ କହିଲି, ସାର୍ ଡାକ୍ତର ହେବା ବହୁତ ପୁଣ୍ୟର କାମ । ଆପଣ ତ ନିଜେ ଜଣେ ଡାକ୍ତର, ଭାବି ଦେଖନ୍ତୁ । ସେ କହିଲେ, ଡାକ୍ତର ହେବା ନିଶ୍ଚୟ ଭଲ କିନ୍ତୁ ଓଡିଶାରେ ନୁହେଁ । ଏ କଥାରେ ମୁଁ ମଧ୍ୟ ସହମତି ଜଣାଇଲି । ସେଇଠୁ ବନ୍ଧୁର ପୁଅକୁ କହିଲି ଡାକ୍ତର ହେଇ ବିଦେଶ ଯା ।

ଏହି କଥାବାର୍ତ୍ତାର ମର୍ମ ଅନେକ ବୁଝିପାରୁ ନଥିବେ ନିଶ୍ଚୟ । କାରଣ ଓଡିଶାରେ ଯଦି ଡାକ୍ତର ନରହିବେ ତା ହେଲେ ହେବ କଣ ? ଆମେ ଯୁକ୍ତ ଦୁଇରେ ପାଠ ପଢୁଥିବା ସମୟରେ ପ୍ରତିଯୋଗୀତାରେ ବସି ଡାକ୍ତର ହେଇଥିଲୁ, ଭାବିଥିଲୁ ଡାକ୍ତର ହେବାପରେ ଟିଭି ଆଉ ସିନେମାରେ ଦେଖାଯାଉଥିବା ବଡ ବଡ ହସପିଟାଲରେ ଚାକିରୀ କରିବୁ ଆଉ ବିଦେଶ ଯିବୁ । ଆମ ସାଙ୍ଗରେ ପଢୁଥିବା ବନ୍ଧୁମାନେ ଚାରିବର୍ଷରେ ଇଂଜିନିୟରିଂ ସମାପ୍ତ କରି ଓଡିଶା



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବାହାରେ ଚାକିରୀ କରିବାପାଇଁ ପଳାଇଲେ । ଆମେ ପାଞ୍ଚବର୍ଷ ପରିଶ୍ରମ କରିବାପରେ ପଡିଲୁ ଓଡିଶାର ବିଭିନ୍ନ ଜିଲ୍ଲାରେ । ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇବର୍ଷର ରହଣୀକାଳରେ ମୋର ନିଜସ୍ୱ ଅନୁଭୂତିରୁ ମୁଁ ଏହା ଉପଲବଧି କଲି ଯେସେହି ସବୁ ସ୍ଥାନରେ ଚାକିରୀ କରିବା ଅନୁଚିତ ।

ଲୋକମାନେ କହିଲେ ଡାକ୍ତର ହେଇଛ ଯେତେବେଳେ ସେବାକରିବା ତୁମର କର୍ତ୍ତବ୍ୟ । ମୁଁ ପ୍ରଶ୍ନ କଲି କାହିଁକି ? ଯଦି ଆମ ସାଙ୍ଗମାନେ ଇଂଜିନିୟର ହୋଇ ବିଦେଶ ଯାଇପାରିଲେ ଆମେ କାହିଁକି ସେପରି ସ୍ୱପ୍ନ ଦେଖିବୁ ନାହିଁ । ସେମାନେ ବି ପାଠ ପଢି ଇଂଜିନିୟର ହେଲେ ଆମେ ବି ହେଲୁ, ତାହେଲେ ଆମେ ହିଁ କାହିଁକି ସେବା କରିବୁ ବୋଲି ଧରିନିଆଗଲା । ଆମ ସାଙ୍ଗମାନେ ଦିନରେ ଦଶଘଣ୍ଟା ପରିଶ୍ରମ କରି ଆମଠୁ ଢେର ଅଧିକ ପଇସା ପାଉଥିବା ବେଳେ ଆମେ କାହିଁକି ଚବିଶିଘଣ୍ଟା ପରିଶ୍ରମ କରିବୁ ?

ମୋର ନିଜସ୍ୱ ଅନୁଭୂତିରୁ କହୁଛି, ମୋର ପ୍ରଥମ ଚାକିରୀ କାଳରେ ଯେଉଁ ସ୍ଥାନରେ ମୋତେ ପୋଷ୍ଟିଂ କରାଯାଇଥିଲା ସେଠାରେ ୩୦ ବର୍ଗଫୁଟର ଗୋଟିଏ କର୍ଦମାକ୍ତ କୋଠରୀରେ ଭଙ୍ଗା ଚେୟାର ଓ ଟେବୁଲ ଦିଆଯାଇଥିଲା । କାଗଜପତ୍ର ସବୁ ଫାର୍ମାସିଷ୍ଟ ବ୍ୟାଗରେ ନେଇ ପ୍ରତିଦିନ ୧୨ କିମି ସାଇକେଲରେ ଆସୁଥିଲେ । ମାସରେ ଅନ୍ତତଃ ପନ୍ଦର ଦିନ ସେଠାରେ ବିଦ୍ୟୁତ ବିଭ୍ରାଟ ଏକ ସାମାନ୍ୟ କଥା । ଥରେ ବିଜୁଳି ଚାଲିଗଲେ କେବେ ଆସିବ ତାହା କେହି କହିପାରିବେ ନାହିଁ । ଫୋନଟିଏ କରିବାପାଇଁ ଅନ୍ତତଃ ଦଶ କିମି ବାଟ ଆସିବାକୁ ହୁଏ । ମୋବାଇଲ ଚାଲେନାହିଁ । ସେମିତି କ୍ଷେତ୍ରରେ ଯେଉଁ ଦିନ ଆପଣ ହସପିଟାଲ ଯାଇନଥିବେ ସେହି ଦିନ ହିଁ କେହିଜଣେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କରିଦେବ ଯେ ଡାକ୍ତର ରହୁନାହାନ୍ତି ।

ପରେ ପରେ ଆଉ ଗୋଟିଏ ସ୍ଥାନରେ ଚାକିରୀକାଳରେ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଫାର୍ମାସିଷ୍ଟଙ୍କ ଦୌରାତ୍ମ୍ୟ ଯୋଗୁଁ ମାନସିକ ଦୁଷ୍ଚିନ୍ତା ହେଲା । ଦିନସାରା ହସପିଟାଲ ଖୋଲି ବସିଥିଲେ ସୁଦ୍ଧା ରୋଗୀମାନେ ସବୁ ଯାଇ ଫାର୍ମାସିଷ୍ଟ ଦୁଆରେ ଠିଆ । ଅବସ୍ଥା ଏପରି ଯେ ସିଡିଏମଓ କହିଲେ ସେ ଲୋକାଲ ଲୋକ ତା ସାଙ୍ଗରେ ଲାଗନି । ମୋତେ ଏଇଠୁ ବଦଳି କରାଅ କହିଲେ ସେଥିରେ ସେ ରାଜି ନାହାନ୍ତି, କହିଲେ ସବୁଠି ଏକା ଅବସ୍ଥା କୋଉଠିକୁ ଯିବ ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କେବଳ କାଗଜପତ୍ରରେ ଯାହା ରୋଗୀସେବା ହେଉଥିଲା, ଆଉ ଡାକ୍ତର ହୋଇ କିରାଣୀ କାମ କରିବାକୁ ପଡୁଥିଲା । ସେ ସମୟରେ ମାନସିକ ଅବସ୍ଥା ଯାହା ହେଉଥିବା ଯେ କୌଣସି ବ୍ୟକ୍ତି ବୁଝିପାରିବ । ତେଣୁ ସରକାରୀ ଚାକିରୀ ପ୍ରତି ସ୍ପୃହା କମିବାରେ ଲାଗିଲା ଆଉ ଦିନେ ଚାକିରୀ ଛାଡିଦେବାକୁ ମନସ୍ଥ କରି ଚାଲିଆସିଲି ।

ମୋର ଅନେକ ବନ୍ଧୁ ଯେଉଁମାନେ ସରକାରୀ ଚାକିରୀ ଛାଡି ରାଜ୍ୟ ବାହାରେ ଅଛନ୍ତି ଉଣା ଅଧିକ ସମସ୍ତଙ୍କର ସେହି ଏକା ଅଭିଯୋଗ । ରହିବାପାଇଁ ବିଶେଷ ବ୍ୟବସ୍ଥା ନାହିଁ, ସ୍ଥାନୀୟ ଫାର୍ମାସିଷ୍ଟ ଓ କ୍ଲର୍କ୍ ମୁଣ୍ଡବ୍ୟଥା କରୁଛନ୍ତି, ବିଜୁଳୀ ରହୁନାହିଁ, ପିଇବା ପାଣିର ବ୍ୟବସ୍ଥାନାହିଁ, ସ୍ନାନଶୌଚ ହେବା ପାଇଁ ବ୍ୟବସ୍ଥା ନାହିଁ, ପଦୋନ୍ନତିର ସମ୍ଭାବନା ନାହିଁ, ଇତ୍ୟାଦି ଇତ୍ୟାଦି ।

ତେଣୁ ଓଡିଶାରେ ଡାକ୍ତର ହେବାକୁ କେହି ଚାହାନ୍ତି ନାହିଁ, ଆଉ କେତେଜଣ ଯାହା ରହିଲେ ସେମାନେ ସବୁ ଏଇଥିପାଇଁ ରହିଛନ୍ତି ଯେ କେମିତି ହେଲେ ବି ପିଜିଟେ କରିଦେଲା ପରେ ବାହାରକୁ ଚାଲିଯିବେ ।

ଓଡିଶାରେ ଅନ୍ୟୂନ ୧୨ ହଜାର ଡାକ୍ତର ପଦବୀ ଆବଶ୍ୟକ ଥିବା ସ୍ଥଳେ ମାତ୍ର ଦୁଇ ହଜାରରୁ ସାମାନ୍ୟ ଅଧିକ ଡାକ୍ତର ଅଛନ୍ତି, ଯେଉଁ ମାନେ ବି ଅଛନ୍ତି ସେମାନେ ଅବସର ନେଇଗଲାପରେ ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ର ନିଶ୍ଚୟ ଦୁର୍ବଳ ହୋଇପଡିବ ଏଥିରେ ଦ୍ୱିମତ ନାହିଁ ।

## ବୈତନିକ କର୍ମକ୍ଷେତ୍ରରେ ସେବାକରୁଥିବା ବ୍ୟକ୍ତି – ଡାକ୍ତର

ଜୀବିକା ନିର୍ବାହ ନିମିତ୍ତ ବିଭିନ୍ନ ପ୍ରକାରର ପେଷାକୁ ମଣିଷ ଆପଣାଇଥାଏ, ଏଇ ସବୁ ଭିତରେ ଶ୍ରେଷ୍ଠ ମଣୁଥିବା ଡାକ୍ତରୀ ପେଷା ନିଆରା । ଏହାକୁ ପେଷା କମ, ସେବା ଅଧିକ ବୋଲି ଧରିନିଆଯାଇଛି, ଯେଉଁଥିପାଇଁ ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି ମଧ୍ୟ କେହି କେହି କହିଥାନ୍ତି । ଆଜିକାଲି ଅବଶ୍ୟ ଏପରି କଥା ଶୁଣିବା ବିରଳ, କାରଣ ଡାକ୍ତରଙ୍କ ଗୁଣଗାନ କରିବା ଦୂରେଥାଉ ତାଙ୍କୁ ଉତ୍ତମମଧ୍ୟମ ଦେବାପାଇଁ ଯେମିତି ସମସ୍ତେ ଆଗଭର । ଓଡିଶାର ପ୍ରାୟ ପ୍ରତିବର୍ଷ ଏହିପରି ଅନେକ ଘଟଣା ଘଟୁଥିବାର ନଜିର ରହିଛି । ବଡ ମେଡିକାଲରେ ଅନେକଥର ଡାକ୍ତରଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି,



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏବଂ ପାଲଟା ଆକ୍ରମଣ ଯୋଗୁଁ ମଧ୍ୟ ହାସପାତାଳର ପରିବେଶ କଳୁଷିତ ହୋଇଥିବାର ଅନେକ ଉଦାହରଣ ଆମ ପାଖରେ ଅଛି ।

ବିଗତ ବର୍ଷ ବ୍ରହ୍ମପୁର ବଡ ମେଡିକାଲ ପରିସରରେ ଡାକ୍ତରୀ ଛାତ୍ରଙ୍କ ଉପରେ ହେଉଥିବା ଆକ୍ରମଣର ପ୍ରତିବାଦରେ ଡାକ୍ତରୀ ଛାତ୍ରଙ୍କ ତରଫରୁ ହୋଇଥିବା ପାଲଟା ଆକ୍ରମଣରେ ଗଣମାଧ୍ୟମ ପ୍ରତିନିଧିମାନେ ଆହତ ହୋଇ ଡାକ୍ତରୀଛାତ୍ରଙ୍କ ଉପରେ ମକଦ୍ଦମା କରିଥିବା ସର୍ବ ସାଧାରଣ ଅବଗତ ଅଛନ୍ତି । ପ୍ରଶ୍ନ ଉଠୁଛି, ଡାକ୍ତରଙ୍କ ଉପରେ ଆକ୍ରମଣ ହୁଏ କାହିଁକି? ଏହାର ହୁଏତ ଅନେକ କାରଣ ଥାଇପାରେ, ଏବଂ ସେଥିମଧ୍ୟରୁ ଗୋଟିଏ ହେଉଛି କର୍ତ୍ତବ୍ୟରେ ଅବହେଳା । କିନ୍ତୁ କର୍ତ୍ତବ୍ୟରେ ଅବହେଳା ପ୍ରାୟ ସମସ୍ତେ କରନ୍ତି, ଯନ୍ତ୍ରୀଙ୍କ ଅବହେଳା ହେଲେ ବଡ ବଡ ପୋଲ ବା ଗୃହ ଧରାଶାୟୀ ହୁଏ, ସେଥିରେ ଅଜସ୍ର ଧନହାନୀ ହେବା ସହ ଅଗଣିତ ଲୋକ ମୃତ୍ୟୁ ବରଣ କରନ୍ତି, କିନ୍ତୁ ସେମାନଙ୍କ ଉପରେ କେହି କେବେ ଆକ୍ରମଣ କରିଥିବାର ଦୃଷ୍ଟାନ୍ତ ନାହିଁ । କିନ୍ତୁ ଯେହେତୁ ଡାକ୍ତରଟିଏ ସିଧାସଳଖ ରୋଗୀ ସେବାରେ ନିୟୋଜିତ ହୋଇଥାଏ, ରୋଗୀର ଅସୁବିଧା ହେଲେ ଅବା ମୃତ୍ୟୁ ହୋଇଗଲେ ଡାକ୍ତରଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରାଇ ମାଡ ମାରିବାକୁ ମଧ୍ୟ ପଛାନ୍ତି ନାହିଁ ସାଧାରଣ ଲୋକମାନେ । ଏପରି କ୍ଷେତ୍ରରେ ଡାକ୍ତରଙ୍କୁ ଈଶ୍ୱର ଆଖ୍ୟାଦେବା ସଂପୂର୍ଣ୍ଣ ଅନୁଚିତ ।

ବର୍ତ୍ତମାନ ରାଜ୍ୟରେ ଗାଁ, ସହର ସବୁଠାରେ କ୍ୱାକ୍ ମାନଙ୍କ ରାଜୁତି । ମାତ୍ର କେଇଶହ ଟଙ୍କାଦେଇ ଡାକ୍ତର ବୋଲି ପ୍ରମାଣପତ୍ରଟିଏ ଯୋଗାଡ କରି ନିଜକୁ ଡାକ୍ତର ବୋଲି କହି ନିରୀହ ଲୋକମାନଙ୍କୁ ଠକୁଥିବା ଏହି ଅଣଚିକିତ୍ସକ ମାନଙ୍କୁ ରୋକାଯାଇ ପାରୁନାହିଁ । ସେହି କ୍ୱାକ୍ ମାନଙ୍କ ନିକଟରେ ଚିକିତ୍ସା ହେବାପରେ ଯେତେବେଳେ ରୋଗୀର ଅବସ୍ଥା ଦୁରୂହ ହୋଇପଡେ ସେହି ସମୟରେ ରୋଗୀକୁ ନେଇ ବଡ ମେଡିକାଲକୁ ଆସନ୍ତି, ଆଉ ସେହି ସମୟରେ ରୋଗୀକୁ ବଞ୍ଚାଇ ରଖିବା ଅସମ୍ଭବ ହୋଇ ପଡିଥିବା ବେଳେ ରୋଗୀ ମୃତ୍ୟୁବରଣ କଲେ ସମସ୍ତ ଦୋଷ ଲଦିଦିଆଯାଏ ଡାକ୍ତରଙ୍କ ଉପରେ ।

ଇଂଜିନିୟର ହୁଅନ୍ତୁ ବା ଅଧ୍ୟାପକ ସମସ୍ତେ ପେଷାରେ ଜୀବିକା ନିର୍ବାହ କରନ୍ତି । ଅଥଚ ଦିନରେ ଚବିଶିଘଣ୍ଟା ନିଜ ପରିବାରଠୁ ସମୟ ବାହାର କରି ରୋଗୀକୁ ଚିକିତ୍ସା



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କରୁଥିବା ଡାକ୍ତରମାନଙ୍କ ପେଷାକୁ ସେବାର ନାମଦେବାର ଯଥାର୍ଥତା ନାହିଁ । ଯେଉଁଦିନ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ସେବାରେ ଅବହେଳା ହେଲେ ଡାକ୍ତର ମଧ୍ୟ ଅଭିଯୁକ୍ତ ହୋଇପାରିବେ, ସେହିଦିନ ଏହି ପେଷାକୁ ସଂପୂର୍ଣ୍ଣ ପେଷା ବୋଲି ଧରିନିଆଯିବା ଉଚିତ ଥିଲା । ବର୍ତ୍ତମାନ ଯୁଗରେ ସ୍ୱାସ୍ଥ୍ୟସେବା ଏକ ବ୍ୟବସାୟ ହୋଇଗଲାଣି । ଅଧିକ ଶିକ୍ଷାପାଇଥିବା ଡାକ୍ତର ମାନେ ନିଜର ସେବା ମନୋଭାବକୁ ଦୂରରେ ରଖି ପେଷାକୁ ପ୍ରାଧାନ୍ୟ ଦେଲେଣି । କାହିଁକି ବା ନ ଦେବେ ? ରୋଗୀଟିଏ ଭଲ ହେଲେ କେତେଜଣ ଆସି ଡାକ୍ତରଙ୍କୁ ସାବାସି ଦିଅନ୍ତି, ଅଥଚ ରୋଗୀଟିଏ ମରିଗଲେ, ସବୁଦୋଷ ଲଦିଦିଆଯାଏ ଏହି ଡାକ୍ତର ମାନଙ୍କ ଉପରେ, ତାହେଲେ ଯଦି ରୋଗୀର ଚିକିତ୍ସା ଏତେ ଜରୁରୀ ତା ପାଇଁ ଦେୟ ବି ସେତିକି ଅଧିକ ହେବା ଦରକାର ବୋଲି ଅନେକ ଡାକ୍ତର ଉପଲବଧି କରି ସାରିଲେଣି ।

ଓଡ଼ିଶାରେ ମାତ୍ର ତିନୋଟି ସରକାରୀ ମେଡିକାଲ କଲେଜ ଥିବାବେଳେ ଡାକ୍ତରୀ ପଢିବାପାଇଁ ପିଲାଙ୍କ ସଂଖ୍ୟା ବହୁତ ଅଧିକ, ଯେଉଁଠି ମେଧା ବ୍ୟବସ୍ଥାରେ ନୁହେଁ ବରଂ ସଂରକ୍ଷଣ ଭିତ୍ତିରେ ପିଲା ମାନଙ୍କୁ ପାଠ ପଢିବାର ସୁଯୋଗ ଦିଆଯାଏ, ସେଠାରେ ଯେଉଁ କେତେକ ପିଲା ବାପା ମାଙ୍କ ସହାୟତାରେ ହେଉ ଅବା ବ୍ୟାଙ୍କରୁ ଋଣ ନେଇ ହେଉ ଡାକ୍ତରୀ ପଢିଥାନ୍ତି । ଅନ୍ୟୁନ କୋଡିଏରୁ ତିରିଶ ଲକ୍ଷ ଟଙ୍କା ଡୋନେସନ ଦେଇ ଡାକ୍ତରୀ ପଢିଥିବା ପିଲାଟିଏ ତା ଚାକିରୀକୁ ପେଷାବୋଲି ଗ୍ରହଣ କରିବ ନା ସେବା ? ନେଇଥିବା ଋଣ ସୁଝିବା ପାଇଁ ମାସକୁ ମାସ ଯେଉଁ ଟଙ୍କା ଦେବାକୁ ପଡିବ ସେ ଟଙ୍କା ପାଇଁ ସେ ଅଧିକ ଦରମା ଥିବା ଚାକିରୀ କରିବ ନା ଗ୍ରାମାଞ୍ଚଳରେ ଯାଇ ସରକାରୀ ଭତ୍ତାରେ ଚାକିରୀ କରିବ ? ସବୁଠାରୁ ବ୍ୟୟ ବହୁଳ ଏହି ଶିକ୍ଷାର ଶିକ୍ଷାର୍ଥୀ ମାନେ ଏହି ପେଷାକୁ ସେବା ବୋଲି କାହିଁକି ଭାବିବେ ? ଓଡ଼ିଶାରେ ଡାକ୍ତରଙ୍କ ଅଭାବ କାହିଁକି କମ ହେବ ?

## ଦୁଇ ଟଙ୍କିଆ ଚାଉଳ ଓ ଆମ ଅର୍ଥନୀତି

ବିଗତ ବିଧାନସଭା ପାଇଁ ମତଦାନ ପୂର୍ବରୁ ସରକାର ଦୁଇଟଙ୍କିଆ ଚାଉଳର ଯେଉଁ ଭେଳିକି ଲଗେଇଲେ, ତାହା ସମଗ୍ର ଦେଶରେ ବ୍ୟାପୀଗଲା । ବିପିଏଲ୍ (ବିଲୋ ପୋଭେର୍ଟି ଲାଇନ ବା ଗରୀବି ରେଖା ତଳେ) ଅନ୍ତର୍ଭୁକ୍ତ ପ୍ରତ୍ୟେକ ପରିବାରକୁ ମାସିକ ୨୫ କିଲୋ ଚାଉଳ ମାତ୍ର ଦୁଇଟଙ୍କା ପ୍ରତିକିଲୋ ହିସାବରେ ଦିଆଯିବ । ଯୋଜନା ଟା ସାଙ୍ଗେ ସାଙ୍ଗେ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କାର୍ଯ୍ୟକାରୀ କରିଦିଆଗଲା । ଅନେକ ପରିବାର ଏହାର ସୁଫଳ ପାଇଲେ ।

ସରକାରଙ୍କ ହିସାବରେ ସୁଖି ପରିବାର ହେଉଛନ୍ତି ମାବାପା ଆଉ ଦିଓଟି ସନ୍ତାନ । ଅର୍ଥାତ ଚାରିଜଣିଆ ଗୋଟିଏ ପରିବାର ମାସକୁ କେତେ ଚାଉଳ ଖାଇ ପାରିବେ ? ନିଶ୍ଚୟ ପଚିଶି କିଲୋରୁ ସାମାନ୍ୟ ଏପାଖ କିମ୍ବା ସେପାଖ । ଅର୍ଥାତ ମାତ୍ର ପଚାଶ ଟଙ୍କାରେ ମାସଟା ଯାକର ଚାଉଳ ବ୍ୟବସ୍ଥା ହେଇଗଲା । ତାପରେ ଯୋଜନା କରାଯାଇଛି, ପ୍ରତ୍ୟେକ ପରିବାରରୁ ଅନ୍ତତଃ ଜଣକୁ ବର୍ଷରେ ଶହେ ଦିନର ମଜୁରୀ ବ୍ୟବସ୍ଥା କରାଯିବ । ଯଦି ଦୈନିକ ମଜୁରୀ ଶହେଟଙ୍କା ହୁଏ ତେବେ ଜଣେ ଲୋକ ବର୍ଷରେ ଅନ୍ୟୁନ ଦଶ ହଜାର ଟଙ୍କା ରୋଜଗାର କରିପାରିବ । ସେଥିରୁ ଚାଉଳ ପାଇଁ ସେ ଖର୍ଚ୍ଚ କରିବ ମାତ୍ର ଛଅ ଶହ ଟଙ୍କା । ଏହା ନିଶ୍ଚୟଭାବେ ତା ପରିବାରର ଆର୍ଥିକ ଅଭିବୃଦ୍ଧି ଦିଗରେ ସହାୟକ ହେବ । ହେଲେ ଏହାର ଏକ ଅନ୍ୟ ଦିଗ ବି ରହିଛି ।

ଯେଉଁ ଲୋକ ଦିନଟିଏ କାମକୁ ଗଲେ ତାର ମାସକର ଚାଉଳ ଖର୍ଚ୍ଚ ବାହାରି ଆସୁଛି, ସେ ଅନ୍ୟଦିନ ଗୁଡିକରେ କାମ କରିବାକୁ ଯିବ କାହିଁକି ? ଚାକିରୀ ପେଷା କରୁଥିବା ଲୋକ ସକାଳ ଦଶରୁ ସନ୍ଧ୍ୟା ପାଞ୍ଚ ପର୍ଯ୍ୟନ୍ତ ଖଟିବାକୁ ବାଧ୍ୟ ହେଉଥିବା ବେଳେ ଅଣସଂଗଠିତ ମଜୁରୀଆ ପାଇଁ ସେ ପ୍ରକାରର କୌଣସି ବାଧ୍ୟବାଧକତା ନାହିଁ । ଗରୀବ ସୀମାରେଖା ତଳେ ରହୁଥିବା ଗୋଟିଏ ପରିବାରର ଆବଶ୍ୟକତା ଅନ୍ୟ ପରିବାରର ତୁଳନାରେ କମ ନିଶ୍ଚୟ ଭାବେ, ତାହେଲେ ସେହି ଲୋକ ଅଧିକ ପଇସା ପାଇଲେ ତାକୁ ସେ ସଂଚୟ କରିବ ନା ଦେଶୀ ମଦଭାଟିରେ ଉଡେଇବ ? ମାସରେ ଦଶଦିନ କାମ କରିଦେଲେ ଯଦି ପରିବାର ଚଳିବାରେ କୌଣସି ଅସୁବିଧା ନ ହୁଏ ତେବେ ସେ ମାସ ସାରା କାମ କରିବ କି ?

ଜୀବନ ବୀମା, ବ୍ୟାଙ୍କ ସଂଚୟ ଆଦି ବିଷୟରେ କେତେଟା ବିପିଏଲ୍ ପରିବାର ଜାଣିଥିବେ ? ସରକାର ପ୍ରତିମାସରେ ପରିବାର ପିଛା ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସଂଚୟ କରିବା ପାଇଁ ବାଧ୍ୟ କରିପାରିବେ କି ? ବେତନଭୋଗୀ ଲୋକଟିଏ ବର୍ଷ ଶେଷରେ ସରକାରଙ୍କୁ କର ବା ଟାକ୍ସ ଦେଇଥାଏ, ସେହିପରି ସରକାରଙ୍କଠାରୁ ଭତ୍ତା ପାଉଥିବା ବା ପାଉଣା ପାଉଥିବା ଲୋକମାନେ ସରକାରଙ୍କୁ ଟାକ୍ସ ଦେଉଛନ୍ତି କି ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପରିବା ଦୋକାନ କରୁଥିବା ଅଥବା ରାସ୍ତାକଡରେ ଠେଲାଗାଡିରେ ଫାଷ୍ଟଫୁଡ ବିକୁଥିବା ଲୋକଟା ଯେ ଜଣେ ବେତନଭୋଗୀଠାରୁ ଢେର ଅଧିକ ଆୟ କରେ ଏକଥା କଣ ସରକାର ଜାଣୁନାହାନ୍ତି ? ଯଦି ହଁ ତେବେ ସେମାନଙ୍କୁ ଟାକ୍ସଦେବାପଇଁ ବାଧ୍ୟ କରାଯାଉନାହିଁ କାହିଁକି ? ମୋ ଜାଣତରେ ଏକ ଛୋଟ ଜଳଖିଆ ଦୋକାନ ଅଛି ଯେଉଁଠି ଦୈନିକ ଅନ୍ୟୁନ ଦଶ ହଜାର କିମ୍ବା ତଦୁର୍ଦ୍ଧ ଟଙ୍କାର ବ୍ୟାପାର ହେଉଛି, ଅଥଚ ସେ ଟାକ୍ସ ଦେଉନାହିଁ । ସରକାର ଆମଠୁ ଯେଉଁ ଟାକ୍ସ ନେଉଛନ୍ତି ସେଥିରୁ ହିଁ ଅର୍ଥ ବାହାର କରି ବିପିଏଲ ପରିବାରକୁ ଚାଉଳ ଓ କର୍ମବ୍ୟବସ୍ଥା କରୁଛନ୍ତି, ତେବେ ଯଦି ବିପିଏଲ୍ ପରିବାରକୁ ଦୁଇଟଙ୍କିଆ ଚାଉଳ ଯୋଗାଉଛନ୍ତି ସେପରି ଅନ୍ୟ ପରିବାରକୁ ମଧ୍ୟ ଦୁଇଟଙ୍କିଆ ନହେଲେ ବି ଅନ୍ତତଃ ଦଶଟଙ୍କିଆ ଚାଉଳ ବ୍ୟବସ୍ଥା କରିଦିଅନ୍ତେ ।

ବିଗତ ଦିନରେ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନରେ ରାଜନୈତିକ ଦଳମାନେ ଏହିପରି ଅନେକ ପ୍ରତିଶ୍ରୁତି ଦେଇ ଭୋଟର ମାନଙ୍କୁ ଲୋଭାଇବାର ପ୍ରୟାସ କରିଛନ୍ତି । ତାମିଲନାଡୁରେ ଦୁଇ ପ୍ରମୁଖ ଦଳ ସ୍କୁଲ୍ ବିଦ୍ୟାର୍ଥି ମାନଙ୍କୁ ଲ୍ୟାପଟପ୍ ଦେବାର ପ୍ରତିଶ୍ରୁତି ଦେଇଛନ୍ତି । ଏହି ଲ୍ୟାପ୍‌ଟପ୍ ଆସିବ କେଉଁଠୁ ? ଏହା କେହି କେବେ ଚିନ୍ତା କରି ଦେଖିଛନ୍ତି କି ? ଆପଣ ଓ ଆମ ପରି ଲୋକମାନେ ଚାକିରୀ କରି ଯେଉଁ ଟାକ୍ସ ସରକାରଙ୍କୁ ଦେବା ସେହି ଅର୍ଥରେ ଏହି ଖର୍ଚ୍ଚ କରାଯିବ । ସଂଭବତଃ ଆଗାମୀ ଦିନରେ ଅନ୍ୟ ସବୁ ରାଜ୍ୟ ସରକାର ମାନେ ମଧ୍ୟ ଅନୁରୂପ ପ୍ରତିଶ୍ରୁତି ଦେବାକୁ ପଛାଇବେ ନାହିଁ ।

ଦୁଇ ଟଙ୍କିଆ ଚାଉଳ ହେଉ ଅବା ମାଗଣା ସାଇକେଲ, ନତୁବା ମାଗଣା ଲ୍ୟାପ୍‌ଟପ୍, ସବୁ ପଛରେ ରହିଛି ଏକ ଅନ୍ତର୍ନିହିତ କାମନା, ରାଜନୈତିକ ଅଭିବୃଦ୍ଧି ଓ ଫାଇଦା । କିନ୍ତୁ ଏହା ଦ୍ୱାରା ଯେ ସାଧାରଣ ଜନତା କେଉଁ ପ୍ରକାରର ସୁବିଧା ପାଉଛନ୍ତି ଏବଂ ଏହା ମନୋସ୍ତାତ୍ତ୍ୱିକ ଦୃଷ୍ଟିରେ ଲୋକଙ୍କ ଉପରେ କି ପ୍ରଭାବ ପକାଉଛି ତାହା ପରୀକ୍ଷା କରି ଦେଖିବା କଥା ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିଗତ ଦଶନ୍ଧିରେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ଓ ଏହାର ପ୍ରଭାବ

୧୯୮୦ ମସିହା ବେଳକୁ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିହାର ଯାହା ଥିଲା ବିଗତ ଦଶନ୍ଧିରେ ତାଠୁ ଢେର ଅଧିକ ଉନ୍ନତି ପରିଲକ୍ଷିତ ହୋଇଛି । ଜଣେ ଅର୍ଥନୈତିକ ବିଶେଷଜ୍ଞ କହିପାରିବେ ଏହାର ମାତ୍ରା କେତେ ଥିଲା ଆଉ ତାକୁ ମାପିବା ପାଇଁ କେଉଁ କେଉଁ ଉପାଦାନ ସବୁ ରହିଛି । ହେଲେ ଜଣେ ସାଧାରଣ ମନୁଷ୍ୟ ହିସାବରେ ମୋ ପାଇଁ ଅର୍ଥନୈତିକ ଅଭିବୃଦ୍ଧିର କେତୋଟି ଆଖି ଦୃଶିଆ ପରିବର୍ତ୍ତନ ଅବଶ୍ୟ ରହିଛି, ଏବଂ ସେ ମଧ୍ୟରୁ ଗୋଟିଏ ହେଲା ସମାଜରୁ ଭିଖାରୀ ମାନଙ୍କର ସତ୍ତା ଲୋପ ପାଇବା । ମୋର ମନେ ଅଛି, ବିଗତ ଶତାବ୍ଦୀର ଅଶି ଏବଂ ନବେ ଦଶକରେ ରବିବାର ସକାଳେ ବସି ଟିଭିରେ ରାମାୟଣ ଆଉ ମହାଭାରତ ଧାରାବାହିକ ଦେଖିବା ବେଳେ ଦୁଆର ପାଖରେ ଆସି ଦଳ ଦଳ ଭିଖାରୀ ଭିକ୍ଷା ମାଗୁଥିଲେ । ପ୍ରାୟତଃ ପ୍ରତ୍ୟେକ ରବିବାର ପୂର୍ବାହ୍ଣରେ ଏପରି ଦୃଶ୍ୟ ସାଧାରଣ ଥିଲା, ଆଜିକାଲି ଆଉ ନାହିଁ । ରେଳ ଷ୍ଟେସନ ଓ ବସଷ୍ଟାଣ୍ଡରେ ବି ଭିକାରୀ ଟିଏ ପାଇବା କଷ୍ଟ ହେଲାଣି ।

ବହ୍ମପୁରରେ ଯଦି କେହି କୌଣସି ସ୍ଥାନକୁ ଯିବାକୁ ଚାହୁଁଥିଲେ ରିକ୍ସାରେ ଯାଉଥିଲେ, ସେହି ରିକ୍ସା ବାଲାଏ ଆଜି ଅଟୋ ଚଳେଇଲେଣି । ରିକ୍ସା ଚଳାଉଥିଲା ଲୋକେ ଏବେ ମୋବାଇଲ ଧରି ଗ୍ରାହକଙ୍କ ନିକଟରେ ପହଞ୍ଚିଲେଣି । ଗ୍ରାମ୍ୟ ସ୍ୱରୋଜଗାର ଯୋଜନା, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଫଳରେ ଲୋକମାନଙ୍କର ଅର୍ଥନୀତି ନିଶ୍ଚୟ ବଢିଛି । ଅନ୍ତତଃ ଆଜିକାଲି କେହି ଭୋକରେ ଶୋଉଥିବେ ତାହା ସମ୍ଭବ ନାହିଁ । ଆଉ ଯଦି କେହି କହୁଥାଏ ଯେ ମୁଁ ଗରିବ ତା ହେଲେ ମୋ ମତରେ ତାଠୁ ବଡ ମୂର୍ଖ ଜଗତରେ କେହି ନାହିଁ । ସରକାର ଏତେ ଯୋଜନା କରୁଛନ୍ତି । ଯଦି ଆମେ ସେଥିରୁ ସୁଫଳ ପାଇବାନାହିଁ ତେବେ ସେଇଟା ଆମର ଭୁଲ ।

ଦରଦାମ ବୃଦ୍ଧିପାଉଛି ଅବଶ୍ୟ, ହେଲେ ଏହା ସହିତ ଆମର ଖର୍ଚ୍ଚ କରିବାର ବଳ ବି ବଢିଛି । ଦରମା ବଢିଛି, ଭତ୍ତା ବଢିଛି । ଆଉ ଯେଉଁମାନେ ଦରମା ବା ଭତ୍ତା ପାଉନାହାନ୍ତି ସେମାନଙ୍କ ପାଇଁ ସରକାର ଦୁଇଟଙ୍କାରେ ଚାଉଳ ଯୋଗାଡ କରିଛନ୍ତି ଆଉ ଦିନକୁ ମଜୁରୀ ଏବେ ଶହେ ଟଙ୍କାରୁ ଅଧିକ ହେଲାଣି । ତେଣୁ ଭୋକରେ ରହିବା ଅସମ୍ଭବ ।

ମୁଁ ଅନ୍ତତଃ ଖୁସି ସମସ୍ତେ ଭଲରେ ଅଛନ୍ତି ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସମାଜ ଆମକୁ ଯେତେବେଳେ ଧୋକା ଦିଏ ଯେତେବେଳେ ଆମେ ବିପଦରେ ଥାଉ

ଗୋଟିଏ ଗାଁରେ ଧୋବାଟିଏ ଗଧଟିଏ ପାଳିଥିଲା, ଦିନେ ରାସ୍ତାରେ ଯାଉ ଯାଉ ଗଧଟି ଗୋଟିଏ କୂଅ ଭିତରେ ପଡିଗଲା, ଅନେକ ଚେଷ୍ଟା କଲାପରେ ବି ତାର ବାହାରିପାରିବା ଭଳି କୌଣସି ଉପାୟ କେହି କରିପାରିଲେ ନାହିଁ ।

ବିଚରା ଗଧଟି କୂଅ ଭିତରେ ନିରବରେ ଅଶ୍ରୁ ଢାଳୁଥିବା ସମୟରେ ଉପରେ ଥିବା ଲୋକମାନେ କହିଲେ, ଆଜି ନ ହେଲେ କାଲି ଏ ଗଧ ନିଶ୍ଚୟ ମରିଯିବ, ତେଣୁ ଚାଲ ଆମେ ଏହା ଉପରେ ମାଟି ପକେଇ କୂଅକୁ ପୋତିଦେବା । ଗଧ ଏହା ଶୁଣି ବହୁତ ମନ ଦୁଃଖକଲା । ଯାହାକୁ ନିଜର ଭାବି ଜୀବନ ସାରା ଖଟିଥିଲା ସେ ବି ମାଟି ପକାଇବା ପାଇଁ ରାଜି ହେଇଯିବା ଦେଖି ସେ ଭାରି ଦୁଃଖ କଲା ।

ଯେତେବେଳେ ଲୋକମାନେ ଉପରକୁ ମାଟି ପକାଇବା ଆରମ୍ଭକଲେ, ଗଧଟି ଉପରେ ପଡୁଥିବା ମାଟିକୁ ଝାଡିଦେଉଥିଲା ଏବଂ ତଳେ ପଡୁଥିବା ମାଟି ଉପରେ ଠିଆ ହେଉଥିଲା, ଏହିପରି କରି ଯେତେବେଳେ ପୂରା କୂଅ ଭର୍ତ୍ତି ହେବାକୁ ଆସିଲା, ସେତେବେଳକୁ ଗଧ ଉପରେ ଆସି ପହଞ୍ଚି ଯାଇଥିଲା ।

ଏଥିରୁ ଶିଖିବାକୁ ମିଳିଲା ଯେ ଆମେ ଦୁର୍ବଳ ମୁହୂର୍ତ୍ତରେ ଥିବା ସମୟରେ ସମାଜ ଆମ ଉପରକୁ ମାଟି ପକାଇଲେ ଆମେ ସେ ମାଟି ତଳେ ଦବିନଯାଇ ସେହି ମାଟିକୁ ମଜବୁତ୍ ଆଧାର କରି ତାହା ଉପରେ ଠିଆ ହୋଇପାରିଲେ ଉପରକୁ ଉଠିବା ନିଶ୍ଚୟ ।

ତେଣୁ ସମାଜର ନିନ୍ଦା ଆକ୍ଷେପକୁ ଖାତିର ନ କରି ଯେଉଁମାନେ ଜୀବନ ଯାପନ କରନ୍ତି ସେମାନେ ଅଧିକ ଉଚ୍ଚକୁ ଯାଇ ପାରନ୍ତି ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଯେବେ ନ ଦେଖିବୁ ବେନି ନୟନେ

ପିଲାଦିନେ ଏଇ କଥାଟା ଶୁଣିଥିଲି, ଯେବେ ନ ଦେଖିବୁ ବେନି ନୟନେ, ପରତେ ନ ଯିବୁ ଗୁରୁ ବଚନେ । ଅର୍ଥାତ, ବିନା ପ୍ରମାଣରେ କୌଣସି ବିଷୟକୁ ସହଜରେ ସ୍ୱୀକାର କରିବା ଉଚିତ ନୁହେଁ । ହେଲେ ଏହି କଥାଟା କେବଳ କଥାରେ ହିଁ ରହିଗଲା । ସେହି ଗୁରୁଙ୍କ ବୋଲ ବଚନ ମାନି ପାଠ ପଢିଲୁ । ଗୁରୁ କହିଲେ ଦୁନିଆଟା ଗୋଲ ଦେଖିନୁ ହେଲେ ହିଁ ଭରିଲୁ, ଗୁରୁ କହିଲେ ନଟା ଗ୍ରହ, ଦେଖିନୁ ଅଥଚ ହିଁ ଭରିଲୁ । ବାସ କଥାଟାର ଗୁରୁତ୍ୱ ସ୍ୱୟଂ ଗୁରୁ ହିଁ କମ କରିଦେଲେ ।

ପୃଥିବୀ ପୃଷ୍ଠକୁ ମନୁଷ୍ୟ ଆସିଲେ କୋଉଠୁ, ଗୁରୁ କହିଲେ ମାଙ୍କଡରୁ ମଣିଷ ହେଲେ । ନିଶ୍ଚୟ ହେଇଥିବ, ନହେଲେ ଆମେ ମାଙ୍କଡାମୀ ଶିଖିଲୁ କୋଉଠୁ ? ହେଲେ ମାଙ୍କଡ ଆସିଲେ କୋଉଠୁ ? ଗୁରୁ ରାଗିଲେ କହିଲେ ଏତେ ଚାଲାକି ଚାଲାକି ପ୍ରଶ୍ନ ଯଦି ପଚାରିବାକୁ ଇଛା ଯା ବୈଜ୍ଞାନିକ ହେଇ ସବୁ ତତ୍ତ୍ୱର ଉତ୍ତର ଖୋଜେ । ଏବେ ଗୁରୁଙ୍କ ସବୁ କଥା ମାନିବା କଣ ସମ୍ଭବ, ଅଗତ୍ୟା ମନକୁ ବୁଝେଇଦେଲୁ, ମାଙ୍କଡ କୋଉଠୁ ଆସିଲା ଜାଣିକି କରିବା କଣ ? ଆମକୁ ଲାଗିଲା ଆମେ ସବୁ ମାଙ୍କଡରେ ହିଁ ରହିଯାଇଛୁ ମଣିଷ ହେବାକୁ ଆହୁରି ଯୁଗେ ଲାଗିବ ।

ବିବର୍ତ୍ତନବାଦରେ କୁହାଯାଇଛି, ସବୁ ପ୍ରାଣୀ ତାର ପୂର୍ବର କୌଣସି ପ୍ରାଣୀଠାରୁ ଉଦଗମ ହୋଇଛନ୍ତି, ସବୁଠୁ ଛୋଟ ବୋଲି ଧରିନିଆ ଯାଇଥିବା ଆମିବା କାଳେ ସମୁଦ୍ର ପାଣିରେ ଜନମି ଥିଲା । ପ୍ରକୃତରେ ପୃଥିବୀ ବଡ ବିଚିତ୍ର । ପୃଥିବୀକୁ ସୃଷ୍ଟି କରିଥିବା ସ୍ରଷ୍ଟା ସେ ସାମାନ୍ୟ ଆମିବା ହେଉ ଅବା ଭଗବାନ ହୁଅନ୍ତୁ, ସେମାନେ ନିଶ୍ଚୟ ସମ୍ମାନର ପାତ୍ର । ହିନ୍ଦୁ ଧର୍ମରେ ତେତିଶିକୋଟି ଦେବତା ରହିଛନ୍ତି । ଯେତେବେଳେ ଭାରତର ସମଗ୍ର ଜନସଂଖ୍ୟା ତେତିଶିକୋଟି ନଥିଲା ସେ ସମୟରେ ବି ଏହି ଭଗବାନ ମାନେ ଥିଲେ, ଏହା ଗୋଟିଏ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଦିନରେ ତ ଆବିଷ୍କାର ହୋଇନଥିବ, ଯୁଗ ଅନୁକ୍ରମେ ସବୁ ଧିରେ ଧିରେ ଜଣାପଡିଥିବ ।

ଶାସ୍ତ୍ରରେ କୁହାଯାଇଛି ଯେ ଭାରତ ଭୂମିରେ କୃଷ୍ଣ ବି ଜନମିଥିଲେ ଆଉ ରାମ ବି, ତେବେ ସେ ସବୁ ନିଶ୍ଚୟ ଭାବେ ସତ ହେଇଥିବ କାରଣ ତାହା ଆମେ ଦେଖିନୁ । ଯଦି ଗୁରୁ କହିବା ପ୍ରକାରେ ନଦେଖିବା ଜିନିଷ ସତ ହେଇଥିବ ତେବେ ରାମାୟଣ ବି ସତ ହେଇଥିବ, ଆଉ ମହାଭାରତ ବି । ଏଥିରେ ଅବିଶ୍ୱାସ କରିବାର କୌଣସି କଥା ନାହିଁ । ଯଦି ଏ ସବୁ ସତ ତେବେ କଣ କୃଷ୍ଣ ସତରେ ନିଜ ଆଙ୍ଗୁଠିରେ ପର୍ବତ ଉଠେଇଥିବେ ? ସତରେ କଣ ଜଣେ ଲୋକ (ସଞ୍ଜୟ) ରାଜ ଉଆସରେ ବସି ବହୁ କୋଶ ଦୂରରେ ହେଇଥିବା ମହାଭାରତ ଯୁଦ୍ଧକୁ ଦେଖିପାରୁଥିବ ? ସତରେ କଣ ରାବଣର ଏକ ମନଯାନ ଥିବ ଯୋଉଥିରେ ବସିଗଲେ ମନ ମୁତାବକ ସେ ଉଡି ଉଡି ଚାଲୁଥିବ ?

ଯଦି ଏ ସମସ୍ତ କଥା ସତ, ତେବେ ଆମେ ବର୍ତ୍ତମାନ ବିଜ୍ଞାନରେ ଯାହା ବି ଅଗ୍ରଗତି କରିଛୁ ବୋଲି ଭାବୁଛେ ସବୁ ତୁଛ ହେଇଯିବ । ଯଦି ବିନା ଟିଭିରେ ଜଣେ ଲାଇଭ ଟେଲିକାଷ୍ଟ ଦେଖିପାରୁଛି, କିମ୍ବା ବିନା ଚାଳକ ଓ ଇନ୍ଧନରେ ଆକାଶରେ ଉଡି ପାରୁଛି, ତେବେ ସେ ପ୍ରକାରର ବିଜ୍ଞାନ ନିଶ୍ଚୟ ଭାବେ ଅଦ୍ଭୁତପୂର୍ବ ହେଇଥିବ । ଯୁଗ ଯୁଗରୁ ରହିଆସିଥିବା ଏହି ସବୁ କଥା ନିଶ୍ଚୟ ଭାବେ ଯେ କାହାଣୀ ନୁହେଁ ଏହି ଧାରଣା ଆମ ମନରେ ରହିଛି । ଗୁଜୁରାତର ସମୁଦ୍ରକୂଳରେ କାଳେ ଶ୍ରୀକୃଷ୍ଣଙ୍କ ରାଜ ଉଆସ ସମୁଦ୍ର ତଳେ ରହିଥିବାର ପ୍ରମାଣ ମିଳିଛି । ବିଗତ କିଛି ଦିନତଳେ ଅଯୋଧ୍ୟାର ଏକ ଅଦାଲତ ଏହା ମାନିଛନ୍ତି ଯେ ଅଯୋଧ୍ୟାରେ ପ୍ରକୃତରେ ପ୍ରଭୁ ଶ୍ରୀକୃଷ୍ଣ ଜନ୍ମ ହୋଇଥିଲେ, ଏହାଠୁ ବଳି ବଳିଷ୍ଠ ପ୍ରମାଣ ଆଉ କଣ ହୋଇପାରେ, କିନ୍ତୁ ପ୍ରଶ୍ନ ଉଠୁଛି ଏହା କିଏ ଦେଖିଛନ୍ତି ?

ସବୁ ଅବିଶ୍ୱସ୍ୟ ଜିନଷ ଆମ ପାଇଁ ଚିନ୍ତାର ଖୋରାକ ଯୋଗାଇଛି ସତ, କି ନ୍ତୁ କଣ କରିବା ସବୁ କଥା ଶୁଣିଲା ବେଳକୁ ଗୁରୁଙ୍କ କଥାଟା ମନେ ପଡିଯାଉଛି, ଯେବେ ନ ଦେଖିବୁ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଲ୍ୟାପ୍‌ଟପ୍ କିଣିବା ବେଳେ କେଉଁ ବିଷୟ ପ୍ରତି ଧ୍ୟାନ ଦେବେ ?

ଦିନକୁ ଦିନ ଲ୍ୟାପ୍‌ଟପ୍‌ର ଦାମ କମ ହେବାକୁ ଲାଗିଛି, ଆଗରୁ ଲୋକମାନେ ବିଶେଷତଃ ଡେସ୍କଟପ୍ କିଣୁଥିବା ବେଳେ ଆଜିକାଲି ଲ୍ୟାପ୍‌ଟପ୍ ପ୍ରତି ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି । ଲ୍ୟାପ୍‌ଟପ୍ ଦ୍ୱାରା ଆପଣ ଯେ କୌଣସି ସମୟରେ ଯେ କୌଣସି ସ୍ଥାନରେ କଂପ୍ୟୁଟର ବ୍ୟବହାର କରିପାରିବେ । ଆଜିକାଲି ବିଭିନ୍ନ ସ୍ଥାନରେ ୱାଇଫାଇ ସ୍ପଟ ମାନ ନିର୍ମାଣ ହେବାରେ ଲାଗିଛି । ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ବ୍ୟବସ୍ଥା ଲାଗୁ ହେବା ଦ୍ୱାରା ଲ୍ୟାପ୍‌ଟପ୍‌ର ବହୁଳ ବ୍ୟବହାର ନିମିତ୍ତ ଲୋକମାନେ ଆଗ୍ରହୀ ହେଉଛନ୍ତି ।

କିନ୍ତୁ ଯଦି ଆପଣ ଲ୍ୟାପ୍‌ଟପ୍ କିଣିବାକୁ ଚାହାନ୍ତି ତେବେ କଣ ସବୁ ଦେଖି କିଣିବେ

୧. ପ୍ରସେସର୍ - ନୂତନ ଭାବରେ ଆସିଥିବା ପ୍ରସେସର ଯଥା ଇଣ୍ଟେଲ ଆଇ ୩/୫/୭ ବର୍ତ୍ତମାନ ବହୁଳ ଭାବେ ଉପଲବଧ । ଏହି ସବୁ ପ୍ରସେସର୍‌ରେ କଂପ୍ୟୁଟରର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିଥାଏ । ଏତଦ୍ ବ୍ୟତୀତ ଇଣ୍ଟେଲ୍ ଡୁଆଲ କୋର, ଆଟମ୍, ଆଦି ପ୍ରସେସର୍‌ର ମଧ୍ୟ ବ୍ୟବହାର ଉତ୍ସାହଜନକ ହୋଇଛି ।

୨. ରାମ୍ - ଆଜିକାଲି କଂପ୍ୟୁଟରରେ ଗେମ୍ ଓ ଭିଡିଓ ଆଦିର ବହୁଳ ବ୍ୟବହାର ନିମନ୍ତେ ଅନ୍ୟୁନ ଏକ ଜିବି ରାମ ଆବଶ୍ୟକ । ଆପଣ ନିଜ ଆବଶ୍ୟକତା ମୁତାବକ ଅଧିକ ରାମ୍ ରଖିବେ ।

୩. ହାର୍ଡ୍ ଡିସ୍କ - ଯଦି ଆପଣ ନିଜ କଂପ୍ୟୁଟରରେ ଅଧିକ ଡାଟା ରଖିବାକୁ ଚାହୁଁଥାନ୍ତି, ତେବେ ଅଧିକ ବଡ ହାର୍ଡଡିସ୍କ କିଣିବା ନିତାନ୍ତ ଜରୁରୀ ।

୪. ସ୍କ୍ରିନ୍ ଆକାର - ସାମାନ୍ୟତଃ ୧୪ ଇଞ୍ଚ ଆକାରର ମନିଟର ଯଥେଷ୍ଟ, କିନ୍ତୁ ଯଦି ଆପଣ ଚିତ୍ର ଓ ଭିଡିଓ ଆଦି କାମ କରୁଥାଆନ୍ତି, ତେବେ ୧୫.୬ ଇଞ୍ଚ ଆକାରର ମନିଟର



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କିଣନ୍ତୁ । ଆଜିକାଲି ୧୦ ଇଞ୍ଚ ଓ ତାଠାରୁ ବି ସାନ ଆକାରର କଂପ୍ୟୁଟର ସ୍କ୍ରିନ୍ ମିଳିଲାଣି

୫· କ୍ୟାମେରା - ଯଦି ଆପଣ ଅନଲାଇନ ଚାଟିଂ କରୁଥାଆନ୍ତି ତେବେ କ୍ୟାମେରା

୬· ବ୍ଲୁଟୁଥ୍, ୱାପ୍, ୱାଇ ଫାଇ - ଇଣ୍ଟରନେଟ ପାଇଁ ଏହା ସବୁ ହେବ ଜରୁରୀ । ୱାଇଫାଇରେ ସବୁଠାରୁ ଉନ୍ନତ ସଫ୍ଟୱେର ଆଣନ୍ତୁ ।

୭· ଗ୍ୟାରେଣ୍ଟି - ଅତ୍ୟନ୍ତ ଜରୁରୀ, ବିନା ରସିଦରେ ଲ୍ୟାପ୍‌ଟପ୍ କିଣନ୍ତୁ ନାହିଁ । ବ୍ରାଣ୍ଡେଡ୍ ଲ୍ୟାପ୍‌ଟପ୍ କିଣିଲେ ଭବିଷ୍ୟତରେ ସେବାମାନ ସହଜରେ ମିଳିଥାଏ ।

୮· ବଜେଟ୍ - କେତେ ଦାମ ଦେଇ କିଣିବେ ଲ୍ୟାପ୍‌ଟପ୍ ? ଯଦି ଆପଣ କେବଳ ଇଣ୍ଟରନେଟ କରିବାପାଇଁ ଲ୍ୟାପ୍‌ଟପ୍ କିଣୁଥାଆନ୍ତି ତେବେ ୨୦-୩୦ ହଜାର ଭିତରେ ବଡ ଧରଣରେ ଲ୍ୟାପ୍‌ଟପ୍ ମିଳିବ । ଯଦି ଆପଣ ସଉକ ପାଇଁ ଛୋଟ ଲ୍ୟାପ୍‌ଟପ୍ ଚାହୁଁଥାଆନ୍ତି ତେବେ ୧୨-୨୪ ହଜାର ଭିତରେ ୧୦ ଇଞ୍ଚ ଆକାରର ଲ୍ୟାପ୍‌ଟପ୍ ମିଳିପାରିବ । ବଡ ବ୍ରାଣ୍ଡେଡ୍ ଲ୍ୟାପ୍‌ଟପ୍ କିଣିଲେ ଆପଣଙ୍କୁ ୩୦-୫୦ ହଜାର ମଧ୍ୟରେ ଦେବାକୁ ପଡିପାରେ । ଏହାଠାରୁ ଅଧିକ ଦାମର ଲ୍ୟାପ୍‌ଟପ୍ ମଧ୍ୟ ଆପଣ ଚାହିଁଲେ କିଣିପାରିବେ । କିନ୍ତୁ ମନେ ରଖନ୍ତୁ ଅଧିକ ଦାମର ଲ୍ୟାପ୍‌ଟପ୍ କିଣୁଥିଲେ କେବଳ କୌଣସି ଭଲ କଂପାନୀର ଦେଖି କରି ହିଁ କିଣନ୍ତୁ, ଯାହାଦ୍ୱାରା ଭବିଷ୍ୟତରେ ଆପଣ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

ସଂପ୍ରତି ବଜାରରେ ଏଚ୍‌ପି, ଏଚ୍‌ସିଏଲ୍, ଲେନୋଭୋ, ଡେଲ୍, ସାମସଙ୍ଗ୍ କଂପାକ୍ ଆଦି ଅନେକ କଂପାନୀର ଲ୍ୟାପ୍‌ଟପ୍ ମିଳୁଛି, ପ୍ରାୟତଃ ସବୁ ଲ୍ୟାପ୍‌ଟପ୍‌ର ଦାମ ପାଖାପାଖି ସମାନ ଥାଏ । ତେବେ ବହୁ ରାଷ୍ଟ୍ରୀୟ କଂପାନୀର ଲ୍ୟାପ୍‌ଟପ୍ ସବୁ ସାମାନ୍ୟ ଅଧିକ ଦାମରେ କିଣିବାକୁ ପଡିଥାଏ ।

ସେ ଯା ହେଉ ବିନା ରସିଦରେ କୌଣସି ଲ୍ୟାପ୍‌ଟପ୍ କେବେ ବି କିଣିବେ ନାହିଁ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମାଙ୍କଡ ହାତେ ଶାଳଗ୍ରାମ

ଓଡିଆ ଭାଷାରେ ଯଦିଓ ଏହି ପ୍ରକାରର ଅନେକ କଥା ରହିଛି, ତଥାପି ମୋ ମନକୁ ହଠାତ୍ ଏଇ ମାଙ୍କଡ କଥାଟା ଜୁଟିଲା । କହିବା ବାହୁଲ୍ୟ ଯେ ଏହି ପରି କହିବା ପଛରେ ନିଷ୍ଚୟ କିଛି ଗୁଢ ରହସ୍ୟ ରହିଥିବ । ସେମିତି କିଛି ନାହିଁ । ହଠାତ ଏମିତି ବସି ଭାବୁ ଭାବୁ ଲାଗିଲା ସତେ ଯେମିତି ଆଜିକାଲି ଦୁନିଆରେ ଯାହା ବି ହେଉଛି ସବୁ ଏଇ ମାଙ୍କଡ ମାନଙ୍କ ଦ୍ୱାରା ହିଁ ହେଉଛି । ଯିଏ ଶାସନରେ ରହିଲା ସେ ନିଜକୁ ସର୍ବେସର୍ବା ବୋଲି ଭାବିଲା । ଆଉ ଆମ ଜନତା ହେଲେ ଅନ୍ଧ ଏବଂ ତାଠୁ ବି ବଳି ମୂର୍ଖ ।

ବ୍ରହ୍ମା ବିଳିବିଳେଇଲେ ବେଦ, ନ୍ୟାୟରେ ଶାସନରେ ଥିବା ବ୍ୟକ୍ତିର ପ୍ରତ୍ୟେକ କଥାକୁ ଅକ୍ଷରେ ଅକ୍ଷରେ ସତ ବୋଲି ଧରି ନେବାଟା ଆମର ଜାତୀୟ ଚରିତ୍ର ହୋଇସାରିଛି । ବୋଧହୁଏ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ଗୋଟେ ଗପ ପଢିଥିଲେ ଯେଉଁଥିରେ ଜଣେ ବୁଣାକାର ରାଜାଙ୍କ ପାଇଁ ଅଦୃଶ୍ୟ ପୋଷାକ ସିଲେଇ କରିଥିଲେ । ବୋଧହୁଏ ଏଇଥି ପାଇଁ ଅନେକ କହନ୍ତି ରାଜା ଗୋଜା ! ଯାହା ବୁଝିଥିବେ ସେୟା ଠିକ୍ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଲୋକେ କହନ୍ତି ।

ସେଥିଲା ପୁରୁଣା ଯୁଗର ରାଜାଙ୍କ କଥା, ଏବେ ଆସନ୍ତୁ ଏବେକାର ରାଜାଙ୍କ କଥା ଚିନ୍ତା କରି ଦେଖିବା । ହେଲେ ଏହା ପୂର୍ବରକ୍ସୁ ଗୋଟିଏ ଉଦାହରଣ ବିଷୟରେ କଥା ହେବା । ପୁରାଣ କାଳରେ ଜଣେ ରାଜା ନିଜର ସୁରକ୍ଷା ଦାୟିତ୍ୱରେ ଜଣେ ମାଙ୍କଡକୁ ରଖିଥିଲେ, ହେଲେ ମାଙ୍କଡ ଭଲା ନିଜ ମାଙ୍କଡାମୀ ଛାଡିବ କେମିତି, ରାଜାଙ୍କ ଗଳାରେ ବସିଥିବା ମାଛିକୁ ମାରିବା ପାଇଁ ଗଳାରେ ଖଣ୍ଡା ଚଳାଇ ଦେଲା, ଠିକ ସେଇୟା ହେଉଛି, ଆଜିକାଲି । ଓଡିଆ ଭାଷାର ଉଦ୍ଧାରକର୍ତ୍ତାବୋଲି ନିଜକୁ ନିଜେ ଘୋଷଣା କରିଦେଇ ଭାଷାକୁ ଯାହା ଇଛାତାହା ରୂପ ଦେଇ କଦର୍ଯ୍ୟ କରିଦେଉଛନ୍ତି । ତୁଣ୍ଡବୋଲା ଭାଷାକୁ ଲେଖାରେ ଲେଖିବାର ଧୃଷ୍ଟତା କରୁଛନ୍ତି । ହେଲେ ଏହାକୁ ବିରୋଧ କରୁଥିବା ଲୋକଙ୍କୁ ମୂର୍ଖବୋଲି କହିବାକୁ ବି ପଛାଉନାହାନ୍ତି ।

ଅନେକ ଉଦାହରଣ ତ ରହିଛି, ହେଲେ ଲୋକ ଭାବୁଛନ୍ତି ଯେତେବେଳେ ଜଣେ ଭାଷା ସୁରକ୍ଷା ପାଇଁ କାମ କରୁଛି ଆମେ ତାକୁ ଉତ୍ସାହିତ କରିବା, ହେଲେ ସେ କଣ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କରୁଛନ୍ତି ସେଥିପ୍ରତି କାହାର ନିଘା ନାହିଁ । ଭାଷାକୁ କଦର୍ଯ୍ୟ କରିବାର ଅଧିକାର କିଏ ଯେ ତାଙ୍କୁ ଦେଲା ତାହା ବି ଆମକୁ ଅଜଣା । ଅବଶ୍ୟ ଯୁଗେ ଯୁଗେ ଅନେକ ଲେଖକ କବି ନିଜର ଭାଷାକୁ ନିଜ ଲେଖାରେ ପରିପ୍ରକାଶ କରି ଆସୁଛନ୍ତି, ହେଲେ ତାହାକୁ ଆମେ ବିରୋଧ କରିବୁନାହିଁ, କାରଣ ସେଇଟା ତାଙ୍କର ସଂପୂର୍ଣ୍ଣ ନିଜସ୍ୱ ଶୈଳୀ, ହେଲେ ସେ କେବେ ବି କାହାକୁ ବାଧ୍ୟ କରିପାରିବ ନାହିଁ ନିଜ ଲେଖାକୁ ହିଁ ସଠିକ ବୋଲି କହି ପାରିବ ନାହିଁ, ହେଲେ ଆଜିକାଲି ଭାଷାକୁ ବଞ୍ଚାଇବା ପ୍ରୟାସରେ କେବଳ ଯେ ଭାଷାକୁ କେତେ ଶହ ବର୍ଷ ପଛକୁ ଠେଲି ଦିଆଯାଇଛି, ବରଂ ଏହାର ସୁନ୍ଦର ସ୍ୱରୂପକୁ କଦର୍ଥ କରି ଦିଆଯାଇଛି । ଜଣେ ଚାହିଁଲେ ଏହା ସହଜରେ ଦେଖିପାରିବ ଓ ଜାଣିପାରିବ, ହେଲେ ଯେମିତି ପ୍ରଥମରୁ କହିଲି, ଆମ ସାଧାରଣ ଜନତା ହେଲେ ମୂର୍ଖ, ସେମାନେ ଏଥିପ୍ରତି ଚିନ୍ତିତ ନାହାନ୍ତି ।

କୋଉ ପଦକୁ କିଏ କେମିତି କହୁଛି ଓ ଲେଖୁଛି ଏହା ଦେଖିବାପାଇଁ କାହା ପାଖରେ ସମୟ ଅଛି କହିଲେ । ସେମିତିରେ ଦେଖିଲେ ବି ଆମେ ବି ବ୍ୟସ୍ତ । ହେଲେ ଆମ ମାତୃଭାଷାକୁ ଯଦି କେହି ଅବମାନନା କରେ ତାହା ଆମେ ସହ୍ୟ କରିବା କେମିତି ? ପିଲାଦିନୁ ଭାଷା ସହ ଜଡିତ ରହିବା ସହିତ ଏହାର ଉତ୍ଥାନ ଓ ପତନକୁ ଦେଖି ଆସିଛୁ ଆମେ । ସ୍ଥାନ ବିଶେଷରେ ଉଚିତ ପଦର ବ୍ୟବହାର, ସୁନ୍ଦର ଓ ସାବଲୀଳ ଭାଷାର ବ୍ୟବହାର ପରିବର୍ତ୍ତେ ମୁହଁବୋଲା ଭାଷାର ବ୍ୟବହାର କେତେଦୂର ଯୁକ୍ତିଯୁକ୍ତ ତାହା ସମସ୍ତେ ଚିନ୍ତା କରିଦେଖିବା ଉଚିତ ।

ନିଜର ଜ୍ଞାନକୁ ନିଜ ପାଖରେ ରଖି ସର୍ବସମ୍ମତରେ ବୁଝି ହେଉଥିବା ଭଳି ଭାଷାରେ ଲେଖିଦେଲେ କଣ ପାପ ହୋଇଯିବ କେଜାଣି । ଆମେ ସବୁ ବୋଧହୁଏ ମୂର୍ଖ । ଆମକୁ ଭାଷା ବିଷୟରେ କିଛି ଜଣାନାହିଁ । ସତ କଥା । କେମିତି ଜାଣିବୁ କହିଲେ, ଆମକୁ ପାଠ ପଢେଇବା ମାଷ୍ଟ୍ରେ ବୋଧହୁଏ ଏତେ ଜ୍ଞାନୀ ନଥିଲେ । କିମ୍ବା ପାଠ ପଢାଇବା ବେଳେ ଜାଣିଶୁଣି ଆମକୁ ଓଲଟ ପାଲଟ ପାଠ ପଢେଇ ଦେଇଯାଇଥିବେ । କିଏ ଜାଣିଛି କେଜାଣି । ଏଠି ତ ସମସ୍ତେ ମାଙ୍କଡ । କାହାକୁ କହିବା, କଣ କହିବା ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମହାଶ୍ୱେତା ରାୟ - ଓଡିଆ ଚଳଚ୍ଚିତ୍ର ଜଗତର ଅଦ୍ୱିତୀୟା ତାରକା

୧୯୭୬ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ ଶେଷ ଶାବଣରୁ ନିଜ ଅଭିନୟର ଜୀବନ ଆରମ୍ଭ କରିଥିବା ମହାଶ୍ୱେତା ରାୟ ଓଡିଆ ଚଳଚ୍ଚିତ ଜଗତର ଅଦ୍ୱିତୀୟା ତାରକା ଭାବେ ପରିଗଣିତା । ବର୍ତ୍ତମାନ ସୁଦ୍ଧା ଓଡିଆ ସିନେମା ଜଗତ ସହ ପତ୍ୟକ୍ଷଭାବେ ଜଡିତ ରହି ସେ ଦର୍ଶକ ମାନଙ୍କ ମନକୁ ମୋହି ନେଉଛନ୍ତି । ନିଜର ନିଖୁଣ ଅଭିନୟ ପତିଭା ନିମନ୍ତେ ସିନେମା ଜଗତ ଦ୍ୱାରା ଅନେକ ଥର ପୁରସ୍କୃତା ମହାଶ୍ୱେତା ଜନ୍ମ ହୋଇଥିଲେ ଏକ ଓଡ଼ିଆ ପରିବାରରେ । ସେ ଓଡିଆ ଏବଂ ବଙ୍ଗାଳୀ ଉଭୟ ଭାଷାରେ ଚଳଚ୍ଚିତରେ ଅଭିନୟ ଦକ୍ଷତା ପତିପାଦନ କରିପାରିଛନ୍ତି । ଏହା ସହିତ ସେ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ନିଜର ଅଭିନୟ ଦକ୍ଷତା ଦେଖାଇଛନ୍ତି ।

୧୯୭୬ ରେ ଶେଷ ଶାବଣ, ୧୯୭୭ରେ ଏ ନୁହେଁ କାହାଣୀ, ୧୯୭୮ରେ ପିୟତମା, ଝିଲ୍‌ମିଲ୍, ସତୀ ଅନୁସୂୟା, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଶଙ୍ଖ ମହୁରୀ, ଗୌରୀ, ୧୯୭୯ରେ ବଳିଦାନ, ନିଝୁମ ରାତିର ସାଥୀ, ଚିହ୍ନା ଅଚିହ୍ନା, ୧୯୮୦ରେ ଦଣ୍ଡ ବାଳୁଙ୍ଗା, ମା ଓ ମମତା, ୧୯୮୧ରେ ପୂଜା, ଟିକେ ହସ ଟିକେ ଲୁହ, ୧୯୮୨ରେ ହିସାବ ନିକାସ, ସମୟ ବଡ ବଳବାନ, ଶୀତରାତି, ୧୯୮୩ରେ ସ୍ୱପ୍ନ ସାଗର, ୧୯୮୪ରେ ଜଗାବଳିଆ, ଡୋରା, ୧୯୮୫ରେ ଗୃହଲକ୍ଷ୍ମୀ, ୧୯୮୬ରେ ପକାକମ୍ବଳ ପୋତ ଛତା, ୧୯୮୭ରେ ଗୋଲାମଗିରି, ୧୯୮୯ରେ ଯା ଦେବୀ ସର୍ବଭୂତେଷୁ, ପଞ୍ଚୁ ପାଣ୍ଡବ, ୧୯୯୦ରେ କଣ୍ଢେଇ, ବସ୍ତ୍ର ହରଣ, ୧୯୯୨ରେ ଘର ମୋର ସ୍ୱର୍ଗ ଏବଂ ପରେ ପରେ ସାବତ ମା ଆଦି ବିଭିନ୍ନ ଚଳଚ୍ଚିତରେ ତାଙ୍କର ନିଖୁଣ ଓ ଜୀବନ୍ତ ଅଭିନୟ ପାଇଁ ସେ ସମଗ୍ର ଓଡିଆ ଜାତି ପାଇଁ ସବୁଦିନ ମନେ ରହିବେ ।

ନିଜର ପଥମ ଚଳଚ୍ଚିତ ଓଡିଆ ସିନେମା ଜଗତର ନାୟକ ପଶାନ୍ତ ନନ୍ଦଙ୍କ ସହ ଅଭିନୟ କରିଥିବାବେଳେ ମହାଶ୍ୱେତା ନିଜର ଅଧିକାଂଶ ଚଳଚ୍ଚିତ ପଶାନ୍ତ ନନ୍ଦଙ୍କ ସହ କରିଥିବା ବେଳେ, ସେ ସମୟର ଆଗଧାଡିର ନାୟକ, ଅଜିତ ଦାସ, ବିଜୟ ମହାନ୍ତି ପମୁଖଙ୍କ ସହ ମଧ୍ୟ ସେ ଅଭିନୟ କରିଥିଲେ ।

ବର୍ତ୍ତମାନ ସେ ଓଡିଆ ଚଳଚ୍ଚିତ ସମେତ ଟିଭିରେ ପସାରିତ କିଛି ଧାରାବାହିକ ଓ ଅନ୍ୟ କାର୍ଯ୍ୟକମ ସହ ସଂପୃକ୍ତ ଅଛନ୍ତି । ଭଗବାନ ତାଙ୍କୁ ଅଶେଷ ଆୟୁଷ ଦିଅନ୍ତୁ । ଆହ୍ୱାନ ଓଡିଆ ନାରୀ ପରିବାର ତରଫରୁ ଭଗବାନଙ୍କ ନିକଟରେ ଏହି ପ୍ରାର୍ଥନା କରୁଛୁ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆତ୍ମା ପରତେ ତତ୍ତ୍ୱଜ୍ଞାନୀ (ପ୍ରଥମ ଭାଗ)

ସରୋଜକାନ୍ତ ରଥ, ଏମ୍.ଏ., ବି. ଇଡି., ଡି.ଟି.ଇ
ରାଜ୍ୟସରକାରଙ୍କ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ
ଗୋପାଳପୁର ବେଳାଭୂମି, ଓଡିଶା

ମନୁଷ୍ୟ ସର୍ବ ପ୍ରଥମେ ନିଜକୁ ପ୍ରଶ୍ନକରୁ- ସେ କିଏ ? ସେ ତାର ବାହ୍ୟ ସ୍ୱରୂପ ଓ ଅନ୍ତଃସ୍ୱରୂପ ଦର୍ଶନ କରୁ । ବାହାରଟା ତାର ସୁନ୍ଦରଭାବେ ଚିତ୍ରିତ ହେବାବେଳେ ଭିତରଟା ଅତ୍ୟନ୍ତ ବିଚିତ୍ର । କବି ମଧୁସୂଦନଙ୍କ ଭାଷାରେ-

ଫେଡି ଅନ୍ତର ଦେଖ କି ନାରଖାରରେ

ଭଗବାନଙ୍କ ସୃଷ୍ଟ ମନୁଷ୍ୟର ଏକ ବିଚିତ୍ର ଆତ୍ମା ଅଛି ଯହିଁରେ ମନ, ବୁଦ୍ଧି, ସଂସ୍କାରର ମିଶ୍ରଣ ଦେଖିବାକୁ ମିଳେ । ଆତ୍ମାର ଭିନ୍ନ ଭିନ୍ନ ବିଚାରକୁ ମନ ଆଖ୍ୟା ଦିଆଯାଇଛି । ଆତ୍ମାର ଭଲମନ୍ଦ ବିଚାରକୁ ଆମେ ବୁଦ୍ଧିଶକ୍ତି କହୁ । ଆତ୍ମା ଯାହା ଚିନ୍ତାକରେ ତାକୁ କାର୍ଯ୍ୟରେ ପରିଣତ କରିବା ହେଉଛି ସଂସ୍କାର । ଆତ୍ମା ଜ୍ୟୋତି ସ୍ୱରୂପ । ଏହା ଅତି ସୂକ୍ଷ୍ମ । ଆତ୍ମା ତ୍ରିକୁଟରେ ଥାଏ ବୋଲି ଶାସ୍ତ୍ର କହେ, ତେଣୁ ଆମେ ତାର ପୂଜା ନିମିତ୍ତ ତ୍ରିକୁଟରେ ଚନ୍ଦନ ସିନ୍ଦୁର ଲଗାଇଥାଉ ।

ଆତ୍ମାର ଧର୍ମକୁ ଶାସ୍ତ୍ରମତରେ ସାତ ପ୍ରକାର ବୋଲି ବର୍ଣ୍ଣନା କରାଯାଇଛି । ସେଗୁଡିକ ହେଲା - ଶାନ୍ତି, ଜ୍ଞାନ, ପ୍ରେମ, ଆନନ୍ଦ, ସୁଖ, ପବିତ୍ରତା ଓ ଶକ୍ତି ।

ଦେହର ଧର୍ମହେଲା - କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ଈର୍ଷା, ଦ୍ୱେଷ, ଅଭିମାନ ଆଦି ମଧ୍ୟ ଦେଇ ଯିବା । ଆମେ ସବୁ ବର୍ତ୍ତମାନ ଦୈହିକଧର୍ମରେ ଦୀକ୍ଷିତ ଅଛୁ । ଏଣୁ ଏ ସବୁ ଗୁଣ ଗୁଡିକ ଆମ ନିକଟରେ ପରିଲକ୍ଷିତ ହେଉଛି ।

ଯେଉଁ ଦିନ ଆମେ ଆତ୍ମିକ ଧର୍ମରେ ଦୀକ୍ଷିତ ହେବା, ସେ ଦିନ ଭଗବାନଙ୍କୁ ପାଇପାରିବା । ଆତ୍ମିକ ଧର୍ମକୁ ପ୍ରେମ କହନ୍ତି । ଦୈହିକ ଧର୍ମକୁ ଲୋଭ ବା କାମନା କହନ୍ତି । କାମପିପାସା, ଭୋଗ ବିଳାସ, ଆଶା ଆଦି ଦୈହିକ ଧର୍ମ । ଏହାର ତୃପ୍ତିକେସି ଅଛି । ଏଗୁଡିକ ନ ମିଳିଲେ ମନୁଷ୍ୟ କ୍ରୋଧ ପ୍ରକାଶ କରେ । ଆତ୍ମିକ ଧର୍ମ ହେଲା ପ୍ରେମ । ଏହା ପ୍ରଶସ୍ତ, ଯଥା- ମାତୃପ୍ରେମ, ଦେଶପ୍ରେମ, ଭ୍ରାତୃପ୍ରେମ, ପିତୃପ୍ରେମ, ଈଶ୍ୱରୀୟ ପ୍ରେମ ପ୍ରଭୃତି । ଏହା ସ୍ୱଚ୍ଛ ଓ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନିର୍ମଳ । ଏଥିରେ ଦ୍ୱିମତ ନାହିଁ । ସଦ୍‌ଭାବନା ସହ ମାନସିକ କ୍ରିୟାକୁ ପ୍ରେମ କୁହାଯାଇପାରେ । ଆଗାମୀ ଦିନର ସୁଃଖ କିମ୍ବା ଦୁଃଖ ଆମର କର୍ମ, କୁକର୍ମ, ଅକର୍ମ ଓ ସୁକର୍ମ ଉପରେ ନିର୍ଭର କରେ । ଅକର୍ମ କହିଲେ ଯାହା କରଣୀୟ ନୁହେଁ, କୁକର୍ମ କହିଲେ ଯାହା ଖରାପ କାମ ଏବଂ ସୁକର୍ମ ଯାହା ଭଲ କାମକୁ ବୁଝାଏ । ଭାଗବତରେ ଲେଖା ଅଛି-

ଅର୍ଜିଲା କର୍ମ ଭୁଞ୍ଜେ ଦେହୀ
ଏହାର ପ୍ରିୟାପ୍ରିୟ ନାହିଁ ॥

ଆମର କର୍ମ ହିଁ ଆମକୁ ଆଗାମୀ ଦିନରେ ସୁଖ ଓ ଦୁଃଖ ଆଣିଦିଏ । ଇଂରେଜୀ ଭାଷାରେ କୁହାଯାଇଛି, ଯେମିତି ବୁଣିବ ସେମିତି ପାଇବ । ଭଲକାମ କଲେ ଭଲ ଫଳ ଅବଶ୍ୟ ମିଳିବ, କିନ୍ତୁ ଫଳର ଆଶା ନ ରଖି ଭଲ କାମ କରିବା ଉଚିତ । ଏହାହିଁ ଆତ୍ମାତତ୍ତ୍ୱ । ଅନ୍ୟକୁ ଭଗବାନ ମନେକରି ତାଙ୍କର ସେବା କର । ତାଙ୍କୁ ସାହାଯ୍ୟ କର । ଦେଖିବ ଦିନ ଆସିବ ତୁମେ ଭଗବାନଙ୍କ ନିକଟତର ହୋଇଯାଇଛ । ଏହା ଅନୁଭବର ବିଷୟ । ଏହା ବିଶ୍ୱାସର ବିଷୟ । ଭଗବାନ କରନ୍ତୁ ଆପଣମାନେ ମୋତେ ବୁଝନ୍ତୁ । ଭଗବାନଙ୍କୁ ବୁଝନ୍ତୁ । ଏବଂ ତତ୍‌ପରେ ଯାହା କରଣୀୟ ବୋଲି ଭାବୁଛନ୍ତି କରନ୍ତୁ ।

ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟା,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

କ୍ରମଶଃ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆତ୍ମା ପରତେ ତତ୍ତ୍ୱଜ୍ଞାନୀ (ଦ୍ୱିତୀୟ ଭାଗ)

ଧର୍ମ ନାମ ମୁହଁରେ ଧରି, ଅଧର୍ମ କର୍ମମାନ କଲେ ତାର ଫଳ ସେହି ବ୍ୟକ୍ତି ଅବଶ୍ୟ ଭୋଗିବେ । ଏପଟେ ରାମଚରିତ ମାନସ ବ୍ୟାଖ୍ୟାକରି, ତୁଳସୀ ପତ୍ର ସେବନ କରି, କିଛି ନଖାଇବା କଥା କହି, ସେପଟେ ଘରକୁ ଯାଇ ପଖାଳଭାତ ଶୁଖୁଆପୋଡା ଖାଇବା ନିଶ୍ଚିତ ଭାବେ ଅକର୍ମ । ଏପଟେ ମହାଭାରତର ଟୀକା ଆଲୋଚନା କରି, ସେପଟେ ଲୁଚି ଲୁଚି ପରନାରୀହରଣ କରିବା କୁକର୍ମ ଅଟେ । ସାଧୁ ସଚ୍ଚୋଟ ଭଳି ଦେଖାଇ ହେବାରେ କୌଣସି ଧର୍ମ ହୁଏ ନାହିଁ ।

ଛୋଟ ଶିଶୁଟିଏ କୁ ସ୍ନେହ ପ୍ରେମଦେଇ ପରିବର୍ଦ୍ଧିତ କଲେ ବଡ ଦିନେ ସେ ସଂସ୍କାରକୁ ଠିକ୍‌ଭାବେ ବୁଝିବ । ଶିଶୁକୁ ନିଜର ଚରିତ୍ରଦ୍ୱାରା ଆକର୍ଷିତ କରି କେଉଁ କାମ କଲେ କଣ ହେବ ବୁଝାଇଲେ ସେ ବୁଝେ ଏବଂ ଉତ୍ତମ କାର୍ଯ୍ୟକରେ । ଏହି ଭଲକାମକୁ ଆମେ ସୁକର୍ମ କହିପାରିବା । କାରଣ ଶିଶୁଟି ଫଳରେ ଆଶା ନ ରଖି ଭଲକାମଟିଏ କରିଦେଲା । ସେ ଆତ୍ମାତତ୍ତ୍ୱ ବୁଝୁ ବା ନ ବୁଝୁ, ଭଲ କାମଟିଏ କରିବା ଦ୍ୱାରା ତାର ଯେଉଁ ପୁଣ୍ୟ ଅର୍ଜନ ହେଲା- ତାହା ତାର ମଙ୍ଗଳ ହିଁ ମଙ୍ଗଳ କରେ ।

ପାପ ବୋଲି କିଛି ନାହିଁ । ଆମେ ଜାଣିଶୁଣି ଭୁଲକାମ କରିବାକୁ ହିଁ ପାପ ପଦବାଚ୍ୟ କରାଯାଇଛି । ମନୁଷ୍ୟ ଭଲମନ୍ଦ ବିଚାର କରିବା ଶକ୍ତିଥାଇ ସୁଦ୍ଧା ଭୁଲକାମ କରିଥାଏ । ଅନ୍ୟର ଅମଙ୍ଗଳ ଚିନ୍ତାକରେ । ଓ ତାକୁ କାମରେ ପରିଣତ କରେ । ଯେଉଁ କେତେ ଲୋକ ଉଚ୍ଚ ଆସନରେ ବସି ଓ କ୍ଷମତାରେ ବାନ୍ଧିହୋଇ, ବିଭିନ୍ନ ଅନୈତିକ କାମ କରନ୍ତି, ତାହାର ପ୍ରଭାବ ସମାଜ ଉପରେ ଯଥେଷ୍ଟ ପଡେ । କାରଣ ଏଥିରେ ତିନି ପିଢିର ଲୋକ ସଂପୃକ୍ତ ରହନ୍ତି । ନଚେତ୍ ବା ଜଣେ ଉଚ୍ଚ ଅଫିସର ନିଜ ବାପା, ମାଆ, ସ୍ତ୍ରୀ, ପୁଅକୁ ହତ୍ୟା କରନ୍ତା କାହିଁକି ? ଏ ସବୁ ଅକର୍ମ ଓ କୁକର୍ମର ଫଳ ମାତ୍ର ।

ବନ୍ଧୁଗଣ ! ଆପଣ ମୋତେ ଭୁଲ ବୁଝିବେନି । ମୁଁ ସତ୍ୟକୁ ହିଁ ପ୍ରକାଶ କରୁଛି । ହୁଏତ ଏହା ଅପ୍ରିୟ ହୋଇପାରେ । ତେବେ ଯେଉଁମାନେ ଏପ୍ରକାରର ଅକର୍ମ ଓ କୁକର୍ମରେ ଲିପ୍ତ ରହୁଛନ୍ତି ସେମାନଙ୍କ ପରିବାରରେ ସୁଖ, ଶାନ୍ତି ନଥାଏ । ସାଧାରଣ ଆଖିକୁ ଯାହା ସୁଖ ଓ ଶାନ୍ତିପରି ଦେଖାଯାଉଥିଲେ ସୁଦ୍ଧା ତାହା ଅସତ୍ୟ । ସେ ସୁଖ କ୍ଷଣିକ, ଚିରସ୍ଥାୟୀ ନୁହେଁ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏଣୁ ଅଭାବ ଅସୁବିଧାକୁ ସୁବିଧାମଣି, ଏହାହିଁ ଆମକୁ ଭଗବାନଙ୍କ ପରୀକ୍ଷା ଭାବି ଭଲକାମ କରିବା, ଶ୍ରମ ଓ କଷ୍ଟ ସ୍ୱୀକାର କରିବାକୁ – ସୁକର୍ମ କୁହାଯାଏ । ଭଗବାନ ଚାହିଁଥିଲେ ସୁଦାମାଙ୍କୁ ଏତେ କଷ୍ଟ କରିବାକୁ ପଡିନଥାନ୍ତା । ତେବେ ସୁଦାମାଙ୍କ କପାଳରେ ସେହି ଦୁଃଖକଷ୍ଟ ଯୋଗଥିଲା । ଯାହାକୁ ଆମେ ପ୍ରାରବ୍ଧ ବୋଲି କହୁ । ତଥାପି ସୁଦାମା ଦିନେ ହେଲେ ଭଗବାନଙ୍କ ନାମ ନ ଭୁଲି ତାଙ୍କ ପ୍ରେରଣା ସ୍ରୋତରେ ନିଜ ସ୍ତ୍ରୀ ପିଲାଙ୍କୁ ଅନୁଗାମୀ କରାଇ ପାରିଥିଲେ ଓ ପରିଣତି କଣ ହେଲା ତାହା ସମସ୍ତେ ଜାଣନ୍ତି ।

ଅତଏବ ଜନ୍ମରୁ ହିଁ ସଂସ୍କାରମୂଳକ କାମ କରି, ଭଗବାନ ଶ୍ରୀରାମକୃଷ୍ଣ ପରମହଂସଙ୍କ ଭଳି ପ୍ରଶସ୍ତ ହୁଅନ୍ତୁ ଓ ସ୍ତ୍ରୀ ଜାତିକୁ ସମ୍ମାନ ପ୍ରଦର୍ଶନ କରନ୍ତୁ । ଯେତେଦିନ ମନୁଷ୍ୟ ସ୍ତ୍ରୀ ଜାତିକୁ ଏକ ସୌନ୍ଦର୍ଯ୍ୟର ପ୍ରତୀକ ଓ ଭୋଗ୍ୟବସ୍ତୁ ବୋଲି ଭାବିଛି – ସେତେଦିନ ତାର ମୋକ୍ଷନାହିଁ ।

ମୋକ୍ଷ ଅର୍ଥ ହେଲା ଭଗବାନଙ୍କ ଚରଣାବିନ୍ଦରେ ଲୀନ ହେବା । ଯେ କାୟ-ମନୋ-ବାକ୍ୟରେ ଶୁଦ୍ଧାକାର୍ଯ୍ୟ କରିଛି ଏବଂ ତାର ସେ କାମଦ୍ୱାରା ଭବିଷ୍ୟତରେ କିଛି ଆଶା ନାହିଁ – ସେ ମୋକ୍ଷ ପାଇବ ନିଶ୍ଚୟ । ଗୋଟିଏ ଉଦାହରଣ ନିଅନ୍ତୁ । ଆଶ୍ରମ ଛାଡି ଋଷି ତୀର୍ଥାଟନରେ ବାହାରିଲେ । ଭାରତ ଭ୍ରମଣ କରିବେ । ସବୁ ସ୍ଥାନରେ ଭଗବାନଙ୍କୁ ଦର୍ଶନ କରିବେ । ଆଶ୍ରମଭାର ଜଣେ ମୂର୍ଖଛାତ୍ରକୁ ଦେଲେ, ଯାହାକୁ ଗୋଟିଏ ବି ମନ୍ତ୍ର ଆସେ ନାହିଁ । ତଥାପି ସେ ଆଶ୍ରମର ସକଳ ରୀତିନୀତିକୁ ଠିକ ଭାବେ ପରିଚାଳନ କରିଚାଲିଥାଏ । ଯେହେତୁ ସେ ନିପଟ ମୂର୍ଖ, ପ୍ରସାଦ ପ୍ରଥମେ ଭଗବାନ ଖାଇଲେ ତାପରେ ଅନ୍ୟମାନେ ଖାଇବେ ଏ ଧାରଣା ତାର ମନରେ ଥାଏ । ଆଜି ପ୍ରସାଦ ଭଗବାନଙ୍କୁ ଦେଇ ଖାଇବାପାଇଁ କହିବାପରେ ମଧ୍ୟ ଭଗବାନ ପ୍ରସାଦ ଗ୍ରହଣ କରିନଥିଲେ । ଫଳରେ ସେ ରାଗିଯାଇ ପଥର ନିର୍ମିତ ଗୋପାଳ ମୂର୍ତ୍ତିକୁ ଏକ ଶକ୍ତ ଚାପୁଡା ଦିଏ ଓ ତାପରେ ପରେ ଅପରାଧକୁ ସ୍ୱୀକାର କରେ । ଫଳରେ ଗୋପାଳ ଓ ମୂର୍ଖଛାତ୍ର – ଏହି ସମୟରେ ପ୍ରତିଦିନ ଏକତ୍ର ପ୍ରସାଦ ଗ୍ରହଣ କରିବାରେ ଲାଗିଲେ ।ହଜାରେ ବର୍ଷ ବାଳଗୋପାଳଙ୍କ ସେବାକରି ଗୁରୁଦେବ ଭଗବାନଙ୍କ ଦର୍ଶନ ଲାଭ କରିପାରିଲେ ନାହିଁ , ଅଥଚ ଏକ ମୂର୍ଖ ଶିଷ୍ୟ ଭଗବାନଙ୍କ ସାନିଧ୍ୟ ଲାଭ କରିପାରିଲା ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବନ୍ଧୁଗଣ ! କେତେବେଳେ କାହାକୁ ଭଗବାନ କିପରି ଭାବରେ ଦର୍ଶନ ଦେବେ ତାହା କେହି କହିପାରିବ ନାହିଁ । ଏଣୁ ସୁକର୍ମ କରି ଭଗବାନଙ୍କ ନିକଟତର ହେବା କଣ ଖରାପ କଥା ! ଆସନ୍ତୁ ଆମେ ସମସ୍ତେ ମିଳିମିଶି ସୁକର୍ମ କରି , ଅନ୍ୟମାନଙ୍କୁ ସେହି ରାସ୍ତା ଦେଖାଇବା ଓ ଭଗବାନଙ୍କର ନିକଟରୁ ନିକଟତର ହେବା ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ, ।

କ୍ରମଶଃ

## ମଝି ନଈରେ ଭାରତର ମଧ୍ୟମବର୍ଗ

ଓଡିଶାରେ ଅସମୟରେ ବର୍ଷା ହେବାଫଳରେ ଚାଷୀମାନେ ସେମାନଙ୍କ ବହୁଦିନରୁ ଚାଷ କରିଥିବା ଧାନରେ ବିଲରେ ହିଁ ପଡିରହି ଗଜା ହୋଇଗଲା ବୋଲି ବିରୋଧି ଦଳ ସରକାରଙ୍କୁ ଚାପ ପକାଇ ୯ ଶହ କୋଟିର ସହାୟତା ପ୍ୟାକେଜ ଘୋଷଣା କରାଇଲେ, ତଥାପି ଚାଷୀମାନେ ଅସନ୍ତୁଷ୍ଟ ବୋଲି ବିଭିନ୍ନ ଜିଲ୍ଲାରେ ହେଉଥିବା ଧାରଣା ଓ ରାଲିରୁ ଜାଣିବାକୁ ମିଳୁଛି ।

କହିଲେ କଥାଟା ଅସୁନ୍ଦର ବୋଲି ଅନେକେ କହିବେ, କିନ୍ତୁ ଯଦି କୌଣସି ବର୍ଷ ଚଷାଟିର ଜମିରେ ଭଲ ଅମଳ ହେଲେ ସେ ସରକାରଙ୍କୁ କିଛି ଅର୍ଥ ଦେଉଛନ୍ତି କି ? ଯଦି ଏବେ ସେମାନଙ୍କ ଜମିରେ ଚାଷ ହୋଇଥିବା ଧାନ ନଷ୍ଟ ହୋଇଗଲେ ସେମାନଙ୍କୁ କେଉଁ ନ୍ୟାୟରେ ସହାୟତା ରାଶି ଦିଆଗଲା ? ସହାୟତା ଦେବାପାଇଁ ଯେଉଁ ଅର୍ଥ ଖର୍ଚ୍ଚ କରାଗଲା ତାହା ଆସିଲା କେଉଁଠୁ ?

ଆପଣ ଓ ଆମ ଭଳି ଭାରତୀୟ ମଧ୍ୟମ ବର୍ଗ ଦ୍ୱାରା ପ୍ରତିବର୍ଷ ଦିଆଯାଉଥିବା ଆୟକର ଧନରୁ ଏହା ଭରଣ ପୋଷଣ ହେଉଛି ବୋଲି କୁହାଯାଉଛି । ଚଷା ବିଲରେ ହଳ କଲେ ଓ ଚାଷ କଲେ ଆମେ ଖାଇବାକୁ ପାଇଥାଉ, କିନ୍ତୁ ସେମାନେ ଆମକୁ ମାଗଣାରେ ଧାନ ଦିଅନ୍ତି କି ? ସେମାନଙ୍କ ଜମିରେ ଅମଳ ହେଉଥିବା ଧାନର କେତେ ଅଂଶ ସରକାର ଟିକସ ଆକାରରେ ନିଅନ୍ତି ?

ବର୍ତ୍ତମାନ ଚିନ୍ତା କରି ଦେଖନ୍ତୁ ଯଦି ଆପଣ ଉଚ୍ଚ ଶିକ୍ଷିତ ହୋଇ ଘରେ ବସିଥାନ୍ତି



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ତେବେ ସରକାର କଣ ଆପଣଙ୍କୁ ଏମିତିକା ସହାୟତା ରାଶି ଦେବେ ? ଆପଣ ମଧ୍ୟମବର୍ଗରେ ଜନ୍ମ ହୋଇଗଲେ ସରକାର ଧରିନେଲେ ଯେ ଆପଣଙ୍କ ଦାୟିତ୍ୱ ନେବା ଆଉ ଦରକାର ନାହିଁ । ଅଥଚ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ପିଲାଟିକୁ ପିଲାଦିନୁ ମାଗଣାରେ ଶିକ୍ଷା ସୁବିଧା, ତା ରହିବାପାଇଁ ମାଗଣାରେ ଆବାସ ଯୋଜନା, ଖାଇବା ପାଇଁ ଦୁଇ ଟଙ୍କିଆ ଚାଉଳ ଆଉ କେତେ କଣ ସୁବିଧା ମିଳି ଯାଉଛି ।

କେତେ ଦିନ ଆଉ ଏହି ପ୍ରକାର ବ୍ୟବସ୍ଥା ଚାଲୁ ରହିବ ? ସଂରକ୍ଷଣ ବ୍ୟବସ୍ଥା ଆସିବା ପରେ ଆମ ଘର ମାନଙ୍କରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବାକୁ ଲାଗିଲାଣି, ଚାକିରୀ କରିବାପାଇଁ ବ୍ୟବସ୍ଥା ନାହିଁ, ଅଥଚ ସରକାର ଅଧିକରୁ ଅଧିକ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ ସୃଷ୍ଟି କରି ଚାଲିଛନ୍ତି । ଆଗକୁ ଯାଇ ଏହି ସବୁ ଶିକ୍ଷାନୁଷ୍ଠାନରୁ ଯେଉଁ ସବୁ ବେକାର ମାନେ ବାହାରିବେ ସେମାନେ କେବଳ ଯେ ମଧ୍ୟମ ବର୍ଗର ହୋଇଥିବେ ଏଥିରେ ସନ୍ଦେହ ନାହିଁ ।

ଉଚ୍ଚ ବର୍ଗର ପରିବାର ମାନେ ଆର୍ଥିକ ରୂପେ ସ୍ୱଚ୍ଛଳ, ନିମ୍ନ ବର୍ଗ ଲୋକଙ୍କୁ ସରକାରଙ୍କ ଅହେତୁକ ଅନୁକଂପା, ବାକି ରହିଲେ ମଧ୍ୟମ ବର୍ଗ, ଆମକୁ ସାହା କିଏ ? ଆଜି ଜମି ଖଣ୍ଡେ କିଣିବାପାଇଁ ଆମକୁ ମୁଣ୍ଡଝାଳ ତୁଣ୍ଡରେ ମାରି, ଗାଁ ପରିବାର ଛାଡି, ବିଦେଶରେ ଚାକିରୀ କରିବାକୁ ପଡୁଛି, ଆଗାମୀ ଦିନରେ ଅବସ୍ଥା କଣ ହେବ, ଏହା ଚିନ୍ତା କରିବାର ବିଷୟ ନିଶ୍ଚୟ ।

ସଂରକ୍ଷଣ ବ୍ୟବସ୍ଥାଦ୍ୱାରା ଆମ ସମାଜରେ ଅସମାନତା ହିଁ ଦେଖାଦେବ । ଉଦାହରଣ ତ ଅନେକ ଅଛି କିନ୍ତୁ ଭାବି ଦେଖନ୍ତୁ, ଅଧିକ ସଂଖ୍ୟା ପାଇଥିବା ସତ୍ତ୍ୱେ ଜଣେ ସ୍ୱଚ୍ଛଳ ବର୍ଗର ପ୍ରାର୍ଥୀକୁ କୌଣସି ଶିକ୍ଷାନୁଷ୍ଠାନରେ ହେଉ ଅଥବା କାର୍ଯ୍ୟାଳୟରେ ହେଉ, ଯୋଗ୍ୟ ବିବେଚିତ କରାଯାଉ ନାହିଁ । ଅଥଚ ଢେର କମ ଫଳ ପାଇଥିବା ଜଣେ ବ୍ୟକ୍ତିକୁ ଏହି ପଦବୀ ଦିଆଯାଉଛି । ଏହା ଫଳରେ କର୍ମକ୍ଷେତ୍ରରେ ମାନବସଂବଳର ଅଭାବ ଦେଖାଯାଉଛି, ଏବଂ କର୍ମକ୍ଷେତ୍ରର କାର୍ଯ୍ୟଦକ୍ଷତା କମ ହେଉଛି ଏଥିରେ ସନ୍ଦେହ ନାହିଁ । ସଂରକ୍ଷଣ ମାତ୍ର କିଛି ସମୟ ପାଇଁ ହୋଇଥିଲେ, ଭଲ ହୋଇଥାନ୍ତା । କିନ୍ତୁ ଯେଉଳି ଭାବରେ ଏହାକୁ ସ୍ୱାଧିନତା ପରବର୍ତ୍ତୀ ଦୀର୍ଘ ଷାଠିଏ ବର୍ଷ ହେଲା ବଳବତ୍ତର ରଖାଯାଇଛି, ଏବଂ ଦିନକୁ ଦିନ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏଥିରେ ନୂଆ ନୂଆ ଶ୍ରେଣୀର ଲୋକମାନଙ୍କୁ ସଂରକ୍ଷଣ ଦିଆଯାଉଛି, ଏହା ଫଳରେ ଭାରତୀୟ ମଧ୍ୟମବର୍ଗ ହିଁ ସର୍ବାଧିକ ପ୍ରଭାବିତ ହେଉଛି, ଏଥିରେ ଦ୍ୱିମତ ନାହିଁ ।

ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଶ୍ରୀ ଜୱାହାରଲାଲ ନେହେରୁଙ୍କ ମତ ସଂରକ୍ଷଣ ପାଇଁ ଅଲଗା ଥିଲା, ସେ କହୁଥିଲେ ଯେ ସଂରକ୍ଷଣ ଦ୍ୱାରା ଆମର କାର୍ଯ୍ୟଦକ୍ଷତା କମ ହେବ, ବିଭିନ୍ନ କଳକାରଖାନାର ଉତ୍ପାଦନ କମ ହେବ, ସେ ଠିକ କହିଥିଲେ, ହେଲେ ସେ ବି ଭାରତୀୟ ରାଜନୀତି ଆଗରେ ମୁଣ୍ଡ ନୁଆଇଁ ଦେଇଥିଲେ । ବିଶ୍ୱର ଅନେକ ଦେଶରେ ସଂରକ୍ଷଣ ବ୍ୟବସ୍ଥା ନାହିଁ । ଆଉ ବିକଶିତ ଦେଶ ମାନଙ୍କରେ ସବୁ ପ୍ରକାର କାମକୁ ସମାନ ସମ୍ମାନ ଦିଆଯାଇ ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରି ଦିଆ ଯାଇଛି । ଏହା ଫଳରେ ସେହି ଦେଶମାନେ ଉନ୍ନତି କରୁଛନ୍ତି ।  ମଧ୍ୟମବର୍ଗର ଲୋକମାନେ ହିଁ ସର୍ବାଧିକ ସଂରକ୍ଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି ।

ବିଗତ କିଛି ବର୍ଷ ଭିତରେ ଜମିର ମୂଲ୍ୟ ହୁ ହୁ ହୋଇ ବଢିଛି । ଆଗ ଅପେକ୍ଷା ଅନ୍ୟୁନ ଚାରିରୁ ପାଞ୍ଚଗୁଣ ଅଧିକ ଦର ହୋଇଯାଇଛି । ହଠାତ୍ ଏତେ ଦର ବୃଦ୍ଧି କାହିଁକି ହେଲା ତାହା ଆମ ଆଲୋଚନା ଅନ୍ତର୍ଭୁକ୍ତ ନୁହେଁ କିନ୍ତୁ ଜମିଖଣ୍ଡେ କିଣିବା କେତେ କଷ୍ଟକର ହେଲାଣି ତାହା କେବଳ ମଧ୍ୟମ ବର୍ଗର ଲୋକ ଟିଏ ହିଁ କହିପାରିବ । ଦରମା ଅପେକ୍ଷା ପେଟ୍ରୋଲ ଦର ଅଧିକ ହେଲାଣି, ଏବେ ମଧ୍ୟମ ବର୍ଗକୁ କେବଳ ଭଗବାନ ହିଁ ଭରସା ।

## ପେଟ୍ରୋଲ ଲିଟର ୬୦ ଟଙ୍କା, କଣ କରିବ ଆମ ଆଦମୀ???

ଚଳିତ ବର୍ଷ ପ୍ରାରମ୍ଭରୁ ଅନେକ ସୂଚନା ମିଳୁଥିଲା ଯେ ଏହି ବର୍ଷ ଦରଦାମ ବୃଦ୍ଧିର ସମସ୍ତ ସୀମାପାର କରିଯିବ । ଅର୍ଥଶାସ୍ତ୍ରୀମାନେ ସୂଚନା ଦେଉଥିଲେ ଯେ ସମ୍ଭବତଃ ଏହି ବର୍ଷ ପେଟ୍ରୋଲର ଦାମ ଲିଟର ପିଛା ଏକଶହ ଟଙ୍କା ପର୍ଯ୍ୟନ୍ତ ହୋଇପାରେ । ଆଉ ବର୍ଷର ପ୍ରଥମ ଦୁଇ ସପ୍ତାହରେ ଏହାର ଦାମ ପହଞ୍ଚିଲା ଅଠାବନ ଟଙ୍କାରେ । ଆଉ ମାତ୍ର କେଇ ମାସରେ ଏବେ ହେଲାଣି ତେଷଠି ଟଙ୍କା । ତା ହେଲେ ଶହେ ହେବାକୁ ଆଉ ବେଳ କେତେ ଲାଗିବ ?

ସରକାର ସବୁ ଚିନ୍ତା ମୁଣ୍ଡରୁ ଉଠେଇ ସାରିଛନ୍ତି । ବିଭିନ୍ନ ତୈଳ ଉତ୍ପାଦନକାରୀ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।


କଂପାନୀ ମାନଙ୍କୁ ପେଟ୍ରୋଲର ଦରଧାର୍ଯ୍ୟ କରିବାପାଇଁ ସବୁ ସୁବିଧା ଯୋଗେଇ ଦେଇଛନ୍ତି । ସରକାର ସିନା ଆମ କଥା ଚିନ୍ତା କରିବେ, ବେସରକାରୀ କଂପାନୀ କାହିଁକି ଲୋକମାନଙ୍କ ହିତ କଥା ଚିନ୍ତା କରିବେ ଭଲା ?

ପେଟ୍ରୋଲ ଦର ବଢିଲେ ଗାଡିବାଲାଏ ଧାରଣା ଦେଇ ବସଭଡା ବଢେଇଦେବେ, ପରିବା ଦୋକାନୀ ମାନେ ପିଆଜ କିଲୋ ଷାଠିଏ ରେ ବିକୁଛନ୍ତି ଅଶୀରେ ବିକିବେ, ସବୁ ମହଙ୍ଗା ହେଇଯିବ, ଏ ସବୁରୁ ଲାଭ କାହାର ହେବ କେଜାଣି, କିନ୍ତୁ ଆମେ ମଧ୍ୟମବର୍ଗ ସବୁ ହରାଇବା । ଆମ ଦରମା ବଢିବ ନାହିଁ ।

ଯଦି ସରକାର ଦରଦାମ ବୃଦ୍ଧିକୁ ରୋକିବାରେ ଅସମର୍ଥ ତାହେଲେ ଏକ ସରକାରୀ କମିଟି ଗଠନ କରନ୍ତୁ, ପେଟ୍ରୋଲ ଦର ବଢିଲା ବେଳକୁ ସବୁ ବୈତନିକ କର୍ମଚାରୀଙ୍କୁ ମଧ୍ୟ ଭତ୍ତାର ବ୍ୟବସ୍ଥା କରନ୍ତୁ । ନହେଲେ ଚଳିବା ମୁସ୍କିଲ୍ । ମାସିକ ଦରମାର କିଛି ଅଂଶ ଯାହା ବି ଯିଏ ବି ସମର୍ଥ ହେଉଥିଲେ ସଂଚୟ କରି ରଖୁଥିଲେ, ଆଜିକାଲି ତାହା ଆଉ ସମ୍ଭବ ହେଲା ପରି ଦିଶୁନି । ଆଗାମୀ ଦିନରେ ଏହାଦ୍ୱାରା ଆମର ଆର୍ଥିକ ସ୍ଥିତି କଣ ହେବ ତାହା ଆମ ଆଖିକୁ ଅନ୍ତତଃ ଜଳ ଜଳ ହେଇ ଦିଶୁଛି ।


ଏହି ଅବସ୍ଥାରୁ ଆମକୁ ଯଦି କେହି ରକ୍ଷା କରିପାରିବେ ତା ହେଲେ ସେ ହେଉଛନ୍ତି ଭଗବାନ, ତେଣୁ ଆସ ସମସ୍ତେ ମିଶି ପ୍ରାର୍ଥନା କରିବା...

ଆହେ ଦୟାମୟ ବିଶ୍ୱବିହାରୀ





ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।



# ପଦ୍ୟ ଓ କବିତା ବିଭାଗ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମୋ ପଥର ପଥିକ ମୁଁ

ମୋ ପଥର ପଥିକ ମୁଁ
ନାହିଁ କେହି ସାଥିରେ
ଏକା ଏକା ଚାଲୁଅଛି
ଏ ଅନ୍ଧାର ରାତିରେ
ଖାଁ ଖାଁ ନିରବତା
ନାହିଁ ପାଶେ ଛାଇ ରେ
ଚାଲୁଛି ମୁଁ ନିର୍ବିକାର
ନାହିଁ କିଛି ଲକ୍ଷ୍ୟରେ
ପଛେ ଛାଡି ଆସିଛି ମୁଁ
ଦୁନିଆ ମୋ ପ୍ରିୟରେ
ପ୍ରେମ ପ୍ରୀତି ଭୟ ଭୀତି
ନାହିଁ ଆଉ ମନରେ

ଏକୁଟିଆ ପଥିକ ମୁଁ — ଯାଉ ଅଛି ଚାଲିରେ—



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବୋଉ –

ସରୋଜ ସାହୁ

ନାହିର ନାଡ
ଦେଇ ରକ୍ତ, ଛାତିରୁ
କ୍ଷୀର, ପାପୁଲିରୁ ଭାଗ୍ୟ
ବାଣ୍ଟିଲୁ ମୋ ସାଙ୍ଗରେ,

ପଣତରେ ଅସୂୟା,
ପତରରେ ଭୟ
ପୋଛିଦେଇ,
ଆଙ୍ଗୁଠିରେ ସଳଖିଲୁ ବାଟ,

ମୋ ଆବଶ୍ୟକତାର
ଖଟ, କବାଟ, ଚୌକାଠ
କଣ ନ ହେଇଛୁ ଯେ ତୁ,

ବୋଉଲୋ –
ବେସର ପରି ବାଟିହେଲୁ,
ପରିବାସାଙ୍ଗେ କାଟିହେଲୁ,
ଜୀବନପାକ ତରକାରି ଭଳି
ଶିଝିଲୁ ବୋଲି ବୋଧେ

ଅଳିଆ ସାଙ୍ଗରେ ତୋତେ
ଓଳେଇ ଦେଇଛି
ତୋ ଆଜ୍ଞାଧୀନ, ସନ୍ତାନ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଭାଷା ମୁଁ ବଞ୍ଚିଛି

ତୁ ନ ପଢିଲେ
ଆଉ କେ ପଢିବ
ଭାଷା ମୁଁ ମରିବି ନାହିଁ...
ଆଜି ସିନା ମୋତେ ଭୁଲିଗଲୁ
ଜନମ ବେଳରୁ
ତୁଣ୍ଡରେ ତ ଧରି
ବଡ ହେଇଛୁରେ ଧନ
ଆଜି ତୋତେ ଭଲ ଲାଗୁଛି
ହିନ୍ଦୀ, ଇଂରେଜୀର କଥା
ଦିଶୁନାହିଁ ମୋର ଅପମାନ...
ମୁଁ ଥିଲି
ମୁଁ ରହିବି ମଧ୍ୟରେ
ଯୁଗ ଯୁଗ ଧରି ତୋରି ହୋଇ
ତୁ ହିଁ ହୋଇଲୁ
ଅସ୍ଥିର ଛୁରିରେ
ସ୍ୱାର୍ଥପର ଆଉ ବିମୁହଁ ହୋଇ...
ମୋତେ କି ରଖିବୁ
ତୋଅରି ଦୟାରେ ମୁଁ
ତୋ ଦୟାର ପାତ୍ରୀ ନୁହେଁ
ଆଜି ବି ସକାଳୁ ନିଦ ଭାଙ୍ଗୁ ଭାଙ୍ଗୁ
ଓଡିଆର ମୁହଁ ଓଡିଆ କୁହେ...

ବଞ୍ଚିଛନ୍ତି ଧନ
ବଞ୍ଚାଇଛନ୍ତି ରେ
ଏଇ ଭାଷାର ସେ ସନମାନ,
ଦୁଇ ଚାରି ଜଣ ବିମୁଖ ହେଲେ କି
ଭାଷାର ହୁଏ ରେ ଅପମାନ,

ଦୟା ଲୋଡା ନାହିଁ,
ନାହିଁ ତୋ ସାହାଯ୍ୟ...
ଯାଅ ତୁମେ ସବୁ ସ୍ୱାର୍ଥନ୍ୱେଷୀ
ମୋ ପାଇଁ ଅଛନ୍ତି କୋଟିଏ ସୁଖରେ
ତୁମେ ଭାଷା ଛାଡି ହୁଅରେ ଖୁସି ॥



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମୁଁ କହିବାପାଇଁ ହିଁ ଆସିଛି

ମୁଁ କହୁଛି
ମୁଁ କହିବାପାଇଁ ହିଁ ଆସିଛି
କିଏ ଜଣେ ତ ନିଶ୍ଚୟ ଶୁଣୁଛି
ନ ହେଲେ ବି ଶୁଣିଲାପରି ବୋଧ ହେଉଛି,

ଯଦି ତୁମେ ଆଜି କାନ ବନ୍ଦ କରି ଦେଉଚ
ଆଖି ଖୋଲାଥାଇ ବି ଅନ୍ଧପରି ଅଭିନୟ କରୁଚ
ସେଥିରେ ମୋର କିଛି ଯାଏ ଆସେ ନାହିଁ,

ମୁଁ ଜଣେ କର୍ତ୍ତା
ମୁଁ ମୋ କର୍ତ୍ତବ୍ୟ କରୁଛି,
ଯଦି ତୁମ ଓଠରୁ ବାଃ ବାଃ ଶୁଣୁଛି
ଖୁଶି ହେଇ ଆଉ ଦୁଇପଦ କହିବାକୁ ଚାହୁଁଛି
ଯଦି ତୁମେ ନିରବ
ଭାବୁଛି, ମୋ କଥା ବୋଧହୁଏ ବୁଝିପାରିଲନି
ତେଣୁ ଆହୁରି ଅଧିକ କହିବାକୁ ଚେଷ୍ଟା କରୁଛି

ମୁଁ ତ କହିବି ନିଶ୍ଚୟ,
କାରଣ

ମୁଁ କହିବାପାଇଁ ହିଁ ତ ଆସିଛି



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଉତ୍କଳ ସନ୍ତାନ

ଉତ୍କଳଗୌରବ ମଧୁସୂଦନ ଦାସ

ତୁ ପରା ବୋଲାଉ   ଉତ୍କଳ ସନ୍ତାନ
ତେବେ କିଂପା ତୁହି ଭୀରୁ ।
ତୋହର ଜନନୀ   ରୋଦନ କରିଲେ
କହିବାକୁ କିଂପା ଡରୁ ?

ତୋ ପୂର୍ବପୁରୁଷେ   ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କର ଔରସେ   ଜନ୍ମହୋଇ ତୁହି
କେଉଁଗୁଣେ ତାଙ୍କୁ ସରି ?

ତୁ ମନେ ଭାବିଛୁ   ତୋଷାମଦ କରି
ବଢ଼ାଇବୁ ଜାତି ମାନ,
ତୋଷାମଦିଆର   କୁକ୍କୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ

ତୋଷାମଦକାରୀ   କ୍ଷିପ୍ତ ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟଭାବ ଧରି   ଗୋଡ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।

ତୋଷାମଦ ଅଟେ   ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ
ଅକାତରେ ତାକୁ ନାଶେ

ଜାତିର ଉନ୍ନତି   ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି ?
ଗୋଦର ଗୋଡରେ   ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ?



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଗାଡି ଦାନାର ତୋବଡା
ଘୋଡା ମୁହେଁ ବନ୍ଧା ଥିଲେ ?

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର

ଜାଗରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡିବ କି କେବେ ମନେ ?

ତୋହରି ଜନନୀ ବୀର ପ୍ରସବିନୀ
ଧୂଳିରେ ପଡିଛି ଦେଖ,
ଏହି ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ?

ତୋ ପୂର୍ବ ପୁରୁଷ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କରି ଜୀବନ କରି ବିସ୍ମରଣ
କରୁଛୁ ତୁ ମହାପାପ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଉଠ କଙ୍କାଳ

ଗୋଦାବରୀଶ ମହାପାତ୍ର

ଦୁର୍ଗମଗିରି ଦୁର୍ଗପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି
ଡାକେ ତାନ୍ତ୍ରିକ ମନ୍ତ୍ରସାଧନେ-ଜାଗ୍ରତ ପୁରବାସୀ
ପୃଥ୍ୱୀ ବିଦାରି ବାରବାଟୀ ମଡା ଉଠ ଉଠ ଚଞ୍ଚଳ
ଖୋରଧାର ଶତ ସରଦାର ଶିର କର ଉନ୍ନତତର ।
ଉଠ କଙ୍କାଳ, ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

ମେଘାସନତଳ ମନ୍ଦ୍ରନିନାଦ ବାଜେ ପ୍ଳୁଲଝର ବୁକେ
ରାଇବଣିଆର ରଣସଙ୍ଗୀତ ଗଞ୍ଜାମ ପଥେ ଡାକେ ।
ସିଂଭୂମି କହେ ମରଣ ଦୁଆରେ ବିଶାଖାପାଟଣେ ଚାହିଁ ।
ସନ୍ତାନମୁଖେ, ଶମଶାନ ବୁକେ ପ୍ରାଣ ସଙ୍କେତ ନାହିଁ ।
ଉଠ ଦୁର୍ବଳ, ଜାଗ କଙ୍କାଳ, ଛିଡୁ ଶୃଙ୍ଖଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

ଚିରବନ୍ଦିତା ବନ୍ଦିନୀ ମାଆ ବନ୍ଧନ ଫେଇବାରେ
ସମ୍ବଲପୁର ସମ୍ବଲବୀର ଦମ୍ଭ କି ନାହିଁ ଧରେ ?
ଗଙ୍ଗା ଧୋଇଲା ଚିକୁର ଯାହାର, କୃଷ୍ଣା ଚରଣତଳ,
ଶମଶାନ ଆଜି, ମଡା ଦେଶ ଆଜି ଏହି ସେହି ଉତ୍କଳ ।
ଜାଗ ଦୁର୍ବଳ, ଛିଡୁ ଶୃଙ୍ଖଳ, ଉଠ କଙ୍କାଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନିଜାମଭୁବନେ କୁଳବର୍ଗର ଅର୍ଗଳ ଏଡି ଦିନେ
ଗଜପତି ବୀର ବେରାର ଭେଦିଲା ଜୟଗୌରବ ଗାନେ,
ଦୁର୍ବାର ଗତ ଦେବର କୋଣ୍ଡା କହେ ଆଜି ସେହି କଥା
ବାରବାଟୀ ବୀର ଦେଇଥିଲା ତାର ରଣେ ଉନ୍ନତ ମଥା ।
ଛିଡୁ ଶୃଙ୍ଖଳ, ଜାଗ କଙ୍କାଳ, ଉଠ ଦୁର୍ବାର ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

ଖଣ୍ଡାକୁଶଳ ଖଣ୍ଡାୟତର ଦୁର୍ବାର କରବାଳେ
ଅଜେୟ ବଙ୍ଗବାହିନୀ ଶୋଇଲେ ଶତ ଗଡ ପ୍ରାନ୍ତରେ
ଗଉଡଭୁବନ ହେଲା ପଦାନତ, ମଗଧ ପାଇଲା ଲୀନ
ପ୍ରତାପୀ ପୁଷ୍ପମିତ୍ର ହଟିଲା ଦେଇ ଉତ୍କଳେ ରଣ ।
ଜାଗ କଙ୍କାଳ, ଜାଗ କଙ୍କାଳ, ଜାଗ କଙ୍କାଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

କଥା କହ କଥା କହ କଙ୍କାଳ - ସେ କେତେ ଯୁଗର କଥା
ହିମାଚଳ ତଳେ ଟେକିଥିଲା ଯେବେ ଏ ଜାତିର ବୀରମଥା ।
ବିଜୟ ବିଜୟନଗର ମାଗିଲା ଶରଣ ଚରଣ ତଳେ
ବାହାମନି ପତି ଯବନ, ଶମନ-କାତରେ ଲୁଚିଲା ଘରେ ।
ଉଠ କଙ୍କାଳ, ଉଠ ଦୁର୍ବଳ, ଛିଡୁ ଶୃଙ୍ଖଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

ହାତପାଶୁ ଆଜି ଭାଷା ବହିଆସୁ, ଫୁଟୁ ମତା ମୁଖେ ହସ
ଭଗ୍ନ ଏ ଗଡ ମନ୍ଦିରେ ଶୁଭୁ ଦୁନ୍ଦୁଭି ଅହର୍ନିଶ ।
ଶମଶାନ ଧୂଳି ଅଞ୍ଜଳି ଭରି ନିଅ ପୁରବାସୀଜନ
ଲକ୍ଷ ଜୀବନ ସାକ୍ଷ୍ୟ ଦେବରେ ଗୌରବେ ମହୀୟାନ,


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଉଠ କଙ୍କାଳ, ଭେଦି ମହାକାଳ, ଜାଗ ଦୁର୍ବଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।

ବେଳ ନାହିଁ ବେଳ ନାହିଁ କଙ୍କାଳ ଟେକ ଚଞ୍ଚଳ ମଥା
ବିଦାରି ଉପଳ ନିର୍ମଳ ତବ ପିଞ୍ଜରୁ ଉଠୁ ବ୍ୟଥା ।
ବାଜି ଉଠୁବାରେ ମରଣ ବିଜୟୀ ବଂଶୀ ସେ ବୁକୁ ତଳେ
ଧୂର୍ଜଟିଜଟା ଛୁଟୁ କଂପାଇ ଯୌବନ କୁତୂହଳେ
ଉଠ କଙ୍କାଳ, ଉଠ ଦୁର୍ବଳ, ଜାଗ କଙ୍କାଳ ଆଜି,
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବରାଜି ।





ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# କବି ଆଉ ତା କବିତା

ବିଷ୍ଣୁ ପ୍ରସାଦ ଚୌଧୁରୀ

ଏଇ ଯେ କବିତା ରଚିଛି ତା ରଚୟିତା
କେତେ ମଧୁର ତା ଭାବ କେତେ ମଧୁର ତା ଭାଷା
ବିସ୍ମୟ ତାର ଯେ କଥା ଅଭିଳାଷି ମନର ଆଶା
ପ୍ରେମଭରା ତା ରିତି ପ୍ରୀତି ଭରା ମଧୁମିଶା
କବି ଲେଖିଛି ଏଠି
ତା ନାୟିକାର କଥା
ଆଉ ତା ପ୍ରେମିକାର ଗାଥା

କବିତା ଥିଲା କେତେ ପ୍ରସିଦ୍ଧ ଆଉ କେତେ ସ୍ନେହଭରା
ହେଲେ ଖାଲି ଆଜି ତା ରଚୟିତା
ନା ଅଛି ସେହି ଭାବ ନା ଅଛି ସେହି ଭାଷା
ଖାଲି ମନ ଆଉ ଖାଲି ମିଛ ଭରସା
ତେଣୁ ଏ କବିତା ନିଜେ ଘୃଣା କରେ ତା ରଚନାକୁକୁ,

ହଁ ଆଜି ବି ଦୁନିଆ ଗାଉଛି ସେ ମିଠା କବିତାକୁ
ଆଜି ବି ପଢୁଛି ଏ ସ୍ମୃତି ରଚନାକୁ
ହେଲେ ଦେଖିତ ପାରୁନି ରଚଚୟିତାର ଆଜିକୁ
କାନ୍ଦୁଛିତା ରଚୟିତା, ଲେଖି ପାରୁନି ସେ କବିତା
ନା ପାଇଛି ନାୟିକାକୁ
ନା ପୂରା କରିପାରିଛି
ତା ମିଠା ମିଠା ସପନକୁ
ରଚିତ ପାରୁନି ଆଉ ନୂଆ କବିତା



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଦେଖିତ ପାରୁନି ଆଉ ନୂଆ ସପନ
ଖେଳିତ ପାରୁନି ମନେ ନୂଆ ଆଶା
ଖାଲି ଯାହା ଝୁରି ଝୁରି ହାରିଯାଇଛି ତା ରଚୟିତା

ତେଣୁ ଏ କବିତା ଘୃଣା କରେ ଏ ରଚନାକୁ
ଘୃଣାକରେ ଏ ପୃଥିବୀକୁ
ଘୃଣାକରେ ଏ ଦୁନିଆକୁ
ଘୃଣାକରେ ଏଠିକା କୃତ୍ରିମ ମନକୁ
ଘୃଣାକରେ ସମାଜର ଅନ୍ଧ ମୋହ ମାୟାକୁ
ଘୃଣାକରେ ସେ କୁହୁକ ନାୟିକାକୁ
ଘୃଣାକରେ ତାର ମିଛ ମାୟା ପ୍ରେମକୁ
ଘୃଣାକରେ ତାର ରଚନାକୁ
ଘୃଣାକରେ ତାର ରଚନାକୁ....


# http://www.odiaguru.com

ଓଡ଼ିଶାର ପ୍ରମୁଖ ୱେବସାଇଟ୍ ନିର୍ମାଣକାରୀ ସଂସ୍ଥା । ଆପଣଙ୍କର ୱେବସାଇଟ୍ ନିର୍ମାଣ ହେତୁ ସମସ୍ତ ପ୍ରକାରର ସହାୟତା ଆମେ ଯୋଗାଇଦେଉ । ଡୋମେଇନ୍ ନେମ୍ ରେଜିଷ୍ଟ୍ରେସନ୍, ୱେବ୍ ହୋଷ୍ଟିଂ, ସାଇଟ୍ ଡିଜାଇନ୍, ରିମୋଡେଲିଂ ଆଦି ପାଇଁ ଆମ ସହ ଯୋଗାଯୋଗ କରନ୍ତୁ । ସଂପୂର୍ଣ୍ଣ ଓଡ଼ିଆରେ ସାଇଟ୍ ନିର୍ମାଣ ପାଇଁ ସଂପର୍କ କରନ୍ତୁ । ଆମେ ନିର୍ମାଣ କରୁ ଓଡ଼ିଆ ସଂବାଦ ଭିତ୍ତିକ ୱେବ୍ସାଇଟ୍ ।

www.kiddz.in
www.aahwaan.com
www.myodisha.cz.cc
www.odisha.cz.cc
www.odiapua.org
www.eodishasamachar.com
www.homeopathytimes.com
www.silkcityonline.com




ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସୁଦର୍ଶନ ସ୍ମରଣେ

ଜ୍ୟୋତ୍ସ୍ନାରାଣୀ ଗୁଣ୍ଡା

ଜନମ ଲଭିଲେ ମରଣ ନିଶ୍ଚିତ
ବିଧିର ବିଧାନ ଏହା
ଚାରିଦିନର ଏ ଲୀଳା ଖେଳା ପାଇଁ
ଜୀବନ ମିଳଇ ଯାହା । ୧ ।

ଜନ୍ମିଥିଲ ତୁମେ ଶ୍ରେଷ୍ଠ ଦ୍ୱିଜ କୁଳେ
ବୃତ୍ତିରେ ଥିଲ ଶିକ୍ଷକ
ସତ୍ୟପ୍ରିୟ ନ୍ୟାୟବାଦୀ ଦାନବୀର
ଭାବନା ତ ଆଧ୍ୟାତ୍ମିକ । ୨ ।

ଲେଖନୀ ମୁନରେ ସଦା ଝରୁଥିଲା
ଛନ୍ଦମୟ କାବ୍ୟଧାରା
ବଙ୍ଗଳାଶ୍ରୀ ରାଗର ସମ୍ରାଟ
ଗୀତି କବିତାର ଧାରା । ୩ ।

ଧର୍ମପଥେ ଅର୍ଜିତ ସ୍ୱଳ୍ପ ବେତନରେ
ପ୍ରତିପାଳି ପରିବାର
ସେଥିରୁ ସଞ୍ଚିତ ଦାନଧର୍ମଲାଗି
ଚିନ୍ତାଧାରା ଚମତ୍କାର । ୪ ।

ଦୃଢ଼ ମନୋବଳ ସାତ୍ତ୍ୱିକ ଆହାର
ଉତ୍ତମ ସୃଜନୀ କଳା
ପୂଜାପାଉଅଛି ପ୍ରେରଣାର ଉତ୍ସ
ଆଧ୍ୟାତ୍ମିକ ଗୀତିମାଳା । ୫ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିଂଶ ଶତାବ୍ଦୀର ଶେଷ ଯନ୍ତ୍ରଣା
ଉପଦେଶ ସଂହିତା
ଦିଗ୍‌ଦର୍ଶନ ଦେବ ଭ୍ରଷ୍ଟାଚାର,
ଚରିତ୍ର ସଂହିତା ଦେଶାନୁଚିନ୍ତା । ୬ ।

ପାଣ୍ଡୁଲିପି ଅଛି ଅସଂଖ୍ୟ ଗଚ୍ଛିତ
ପ୍ରକାଶିତେ ଯୋଗୀ ସୁତ
ଅନ୍ୟ ଯୋଗଜନ୍ମା ସାହିତ୍ୟ ଆସରେ
ଘେନ ମୋର ଦଣ୍ଡବତ । ୭ ।

ରାମହରି ନଗର
ବ୍ରହ୍ମପୁର - ୧

## ମୂଲ୍ୟବୋଧ

ପ୍ରଦୀପ୍ତ କୁମାର ମିଶ୍ର

ସଫଳତା ବିଫଳତାର ଗତିପଥରେ
ଦୁଃଖସୁଖର ସମୟଟେ
କର୍ମମୟ ଜୀବନ ଜଂଜାଳ ହିସାବ ନିକାଶରେ
ଶୋଭନୀୟ ସାଉଁଟାର
ସ୍ମୃତିଭରା ପ୍ରୀତି ଗଣ୍ଠାକରେ
ଗଣା ଅଗଣା - ବଛା ଅବଛା ମାଇଲ ଖୁଣ୍ଟ ଟେ ଭରିଦିଏ
ଏ ମଣିଷ ଜୀବନର ପ୍ରତିଟି ଚଲାପଥରେ
ମୁଖ୍ୟ ସ୍ରୋତର ଏକ ପାଣ୍ଡୁଲିପିଟେ
ବର୍ଷ ବର୍ଷ ବୟସ ତମାମର ଅପେକ୍ଷାରେ
କିଛି ଗନ୍ଧବାସ୍ନା ଆଉ ହସ କାନ୍ଦର


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଆଦ୍ୟ ଅନ୍ତ କ୍ଷତ ବିକ୍ଷତର ସମୟ ସ୍ରୋତରେ ।
ମନୁଷ୍ୟ ଜୀବନ ମରଣ ସ୍ୱଳ୍ପ ସମୟର ବ୍ୟବଧାନରେ
କର୍ମମୟ ଜୀବନ ରାସ୍ତାରେ ଆଣିଦିଏ-

ଅଜସ୍ର ସୁକର୍ମର ରାହାଟେ
ଖୋଦିତ ରହେ ଭାଷା ଭଣ୍ଡାରର ଗ୍ରନ୍ଥାବଳୀରେ
ଲିପିବଦ୍ଧ ହୁଏ କିଛି ମହାନ ଗ୍ରନ୍ଥରେ
ସୁରକ୍ଷିତ ରହେ - ଅସଂଖ୍ୟ କାବ୍ୟ କବିତାରେ
ଦିଗ୍‌ଦର୍ଶିତ ଆଦରେ
ଦିଗ୍‌ଦର୍ଶନ ବଳୟର....
ପ୍ରତିଟି ଆମ ଐତିହ୍ୟ ପରଂପରାରେ ।
ମଣିଷ ପଣିଆର କିଛି ସମୀକରଣରେ
ଆକାଂକ୍ଷା -ଉଦ୍ଦୀପନାର ଏକ ନୂତନ ଅଧ୍ୟାୟଟେ
ଶୁଭମୟ ଚଲାପଥର ଯଶ ଖ୍ୟାତି ସନ୍‌ମାନଟେ
ବାସ୍ତବଧର୍ମୀ ଆଲେଖ୍ୟର ବିଷୟ ବସ୍ତୁଟେ
ଆରମ୍ଭରୁ ଶେଷ ଯାଏ, ଦିନରୁ ରାତିଯାଏ
ମାନ ଅଭିମାନର ହୃଦୟଟେ
ଅଙ୍କା ବଙ୍କା ଆତଜାତ ମହୀତଳେ
ସଂଘର୍ଷରତ ଜୀବନ ଖୋଳପା ଭିତରେ
ଶିକ୍ଷଣୀୟ ଆଦର୍ଶତାର ପ୍ରତିପାଦିତଟେ

ସଫଳ ସରଳ ରେଖାର ସମ୍ମୁଖରେ
ଗାର ଟଣାଯାଏ, ଚିତ୍ର ଅଙ୍କାଯାଏ
ଅନେକ କବିତା ଆଉ ଗଳ୍ପରେ ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବୃଦ୍ଧ ବାପାର ସାନ୍ତ୍ୱନା

ଡା ଚନ୍ଦ୍ରମଣି ସ୍ୱାଇଁ

ପୁଅରେ ବ୍ୟସ୍ତ ହେବୁନି
ମୁଁ ଓ ତୋ ବୋଉ
ଦୁହେଁ ଏବେ ଖୁବ୍ ଭଲରେ ଅଛୁ ।
ଭୋକକୁ ଖାଇ ବଞ୍ଚିବା ଶିଖି ଗଲୁଣି
ମନ୍ଦିର ମଣ୍ଡପକୁ
ଗାମୁଛା ଓ ପଣତରେ ଝାଡି
ଶୋଇବା ବି ଅଭ୍ୟାସ କଲୁଣି ।
ଠାକୁରଙ୍କ ଭୋଗରୁ
ମିଳୁଥିବା ପ୍ରସାଦ ସହିତ
ଢାଳେ ଢାଳେ ପାଣି ମିଶାଇ ଦେଲେ
ପେଟ ପୁରିଗଲାପରି ଲାଗୁଛି ।
ବୋହୂର ଛି ଛାକର କଥା,
ତୋ ରାଗ ଗରଗର ଉପଦେଶ
ଆଉ ଶୁଣିବାକୁ ପଡୁନି ।
ଭାରୀ ଭଲ ଲାଗୁଛିରେ ଏଠି ।
ତୋ ସାଇତା ଖାଦ୍ୟ ଗୋଦାମରେ
ଅନେକ ଖାଦ୍ୟତ ଥିବ,
ହେଲେ ତାହା ଆମପରି
ଅଲୋଡା ଅପାଂକ୍ତେୟ
ବୃଦ୍ଧଙ୍କ ପାଇଁ ନୁହେଁରେ ।
ତୁମପାଇଁ ଆଉ ଆମ ନାତି ନାତୁଣୀଙ୍କ ପାଇଁ ।
ତେଣୁ ତ ଖୁସି ଲାଗୁଛି



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସେମାନେ ବଞ୍ଚିଲେ ମୋ କୂଳ ରହିବ
ସପ୍ତ ପୁରୁଷ ପିଣ୍ଡ ପାଇବେ
ଏହା ତ ଆମ ପରଂପରା
ଯାହା ଖାଲି ଦୁଃଖ ଲାଗୁଛି
ଗୁଲୁ ଗୁଲିଆ ନାତି ନାତୁଣୀଙ୍କୁ ନ ଦେଖି
ତା ବି ଭବିଷ୍ୟତ ପାଇଁ ମଙ୍ଗଳ,
କାଳେ ସେମାନେ ଆମର
ଏ ଅବସ୍ଥା ଦେଖି ଭବିଷ୍ୟତରେ
ତୁମକୁ ବି ଏମିତି ମିଛସୁଖ
ଭୋଗିବାକୁ ଛାଡି ଦେଇ
ଅଲଗା ରହିପାରନ୍ତି ।

ତେଣୁ ଆମ ପାଇଁ ବ୍ୟସ୍ତ ହେବୁନି
ନିଜ ଘର ସଂସାର ଭଲରେ ଚଳାଉଥିବୁ ।
ଆମେ ଖୁବ୍ ଭଲରେ ଅଛୁ,
ଖୁବ୍ ଆନନ୍ଦରେ ଅଛୁ ।

କଙ୍କୋରଡା, ଗଞ୍ଜାମ

## ବଂଚିବାର ନିଶା

ପ୍ରମିଳା ମହଲା

ମୁଣ୍ଡ ଉପରେ
ବାରହାତ ଖଣ୍ଡା
ଖସିଲେ ପୋଛି ନେବ
ଭୂତ ଭବିଷ୍ୟତ
ଆଉ ବର୍ତ୍ତମାନର



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କଳ୍ପିତ ଦିଗନ୍ତ ।

ତଥାପି ଆବଶ୍ୟକ
ଐରାବତ - ଉଚ୍ଚୈଶ୍ରବା-
ଚନ୍ଦନ-ଚର୍ଚ୍ଚିତ-
ନବକଳେବର,
ଯଦିଓ -
ପ୍ରତି ମୁହୂର୍ତ୍ତରେ ଚାଲିଛି
ଜୀବନ ଓ ମୃତ୍ୟୁର
ଟଣା ଓଟରା,

ତେବେ ପ୍ରତିକ୍ଷଣେ
ଶୋଷ ବଢ଼ି ଚାଲିଛି
ଆଉ ଟିକେ ବଞ୍ଚିବାର
ନିଶା ଘାରୁଛି... ।

ଏଲ ଆଇ ଜି -୨୪, ଫେଜ୍ - ୨
ବ୍ରିଟ୍ କଲୋନୀ, ନୀଳକଣ୍ଠ ନଗର
ବ୍ରହ୍ମପୁର-୨



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଚଢେଇ

ପ୍ରକାଶ ଚନ୍ଦ୍ର ମିଶ୍ର

ଉଡିଗଲା ଏ ଚଢେଇଟି ନୀଳ ଗଗନରେ
ଏତେ ଯେ ଶୋଭା ଏ ଆକାଶ
ମନରେ ଅନେକ ଛାପ ନେଇ
ଶୂନ୍ୟରେ ଉଡିବା କେତେ ସୁନ୍ଦର
ନୀଳ ଆକାଶ ମେଘ ତୋ ସାଥୀ
ହସଖୁସି ଏଇ ଜୀବନଟା
ପ୍ରତିଟି ବିନ୍ଦୁରେ ତୋର ମୋର ସ୍ନେହ
ଏ ଚଢେଇ ଆ ବୋଲି
ତୋତେ ଡାକିଥାଉ, ନାହିଁ ତୁ ଶୁଣୁ
ଅମାନିଆ ମନ ନେଇ ଖାଲି ତୁ ଉଡୁ
ଚଞ୍ଚଳ ପଣରେ ଉଡୁ ତ ଉଡୁ
କେଉଁ ପାହାଡ ନଈ ଡେଇଁରେ
ଶୂନ୍ୟରୁ ତୋତେ ଡାକରା ଆସେ
ଛୋଟ ଛୋଟ ଡେଣାରେ
ଏତେ ବଳ ଫୁରୁ ଫୁରୁ ଖାଲି ଉଡୁ
ସାଥୀ ହେଲେ ମୋର ଆନନ୍ଦଯେ
ଅତି ଦୂର ଯାଇ ପାରିବିନି
ତୋ ସାଥୀ ଖାଲି ମିଛେ ମିଛେ
ମଧୁର ଗୀତ ଗାଉ ତୋ କଣ୍ଠେ
ସହଜ ସରଳ ସୁନ୍ଦର ଗୀତ ପରା ।
ଜମା ବୁଝି ହେଉନି ତୋ ଗୀତର ଭାଷା,
ଗୀତ ତୋର ଜିଣିଛି ହୃଦୟକୁ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏତେ ଆନନ୍ଦ ତୋ ମନ
ଗାଅ ଗୀତ ଚଢେଇ
ଶୁଣିବା ସଭିଏଁ ପରା
ଶାଶ୍ୱତ ଏ ଧରା ତୋ ପାଇଁ

ବିଜିପୁର
ବ୍ରହ୍ମପୁର

# ଜୀବନର ଶେଷ ପର୍ଯ୍ୟାୟ

ଶ୍ରୀମତି ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ

ଜୀବନର ସବୁ ବାଆବତାସ
ସବୁକାନ୍ଦ ହସ
ସବୁ ଝଡ ଆଉ ଝଞ୍ଜା
ସବୁ ଦୁଃଖ ଆଉ ଯନ୍ତ୍ରଣା
ଚକ୍ରବ୍ୟୂହର ଲୁହ ଭରା କୋହ ।
ଚାଲିଯାଏ ମାସ ଆଉ ବର୍ଷ
ଏନ୍ତୁଡିରୁ ଶମସାନ ଯାଏଁ
କେତେ ଖାଲ ଖମା ଦେଇ
ଲମ୍ବିଥାଏ ରେଖାଟିଏ ପରି
କିଛି ମିଛ ଅଭିନୟ
ପ୍ରିୟା ପ୍ରୀତିର ସଂସ୍ପର୍ଶ
ଜଂଜାଳର ହୁତ୍ ହୁତ୍ ଜ୍ୱଳନ ।
ପାରିବାରିକ ଜୀବନରେ
ମିଳେ ଖାଲି ଯନ୍ତ୍ରଣା
ଭୋକ ଉପାସରେ ରହି



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବସିରହେ ଘର କୋଣେ
ଭଲ ମଣିଷ ହୁଏ ବାଟବଣା
ସବୁ ଶେଷ ହୁଏ ମଣିଷ ଯେବେ
ଛାଡିଦିଏ ଶେଷ ନିଶ୍ୱାସ
ହୃତ୍‌ପିଣ୍ଡର ସ୍ପନ୍ଦନ ବନ୍ଦ ହୁଏ ଯେବେ
ଶ୍ମଶାନ ଜୁଇରେ ଦୁଇଖଣ୍ଡ
କାଠ ଲଦିଲା ପରେ
ନିଶ୍ଚିନ୍ତ ନିଦ୍ରାରେ ଶୋଇଯାଏ
ପାଲଟି ଯାଏ ଶବ ।
ରହିଯାଏ ଦୁଇଖଣ୍ଡ ହାଡ ଓ ପାଉଁଶ
ଶ୍ମଶାନକୁ ଶବ ସତ୍କାର କରି
ଯାଇଥିବା ମଣିଷ ଫେରିଆସେ
ଆଖିରୁ ଦୁଇଟୋପା ଲୁହ ପୋଛି
ଗାମୁଛାରେ....

ଗେଟ ବଜାର
ବ୍ରହ୍ମପୁର

# ଅଲିଭା ଦୀପର ଛାଇ

ଲକ୍ଷ୍ମୀନାରାୟଣ ପଟ୍ଟନାୟକ

ଲମ୍ବା ଛାଇ ଥାଇ ମଣିଷ ଅଛନ୍ତି
ଅଳପ ସଂଖ୍ୟା ସେ ସିନା,
ବହୁ ଦୂର ଯାଏଁ ତାଙ୍କ ଲମ୍ବା ଛାଇ
କରିପାରେ ବାଟବଣା ।। ୧ ।।

ସକାଳେ ସନ୍ଧ୍ୟାରେ ସେଇ ଛାଇ ଲମ୍ବା
ମଧ୍ୟାହ୍ନେ ପାଦର ତଳେ


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଅତି ଲମ୍ବା ଅବା ଅତି କ୍ଷୁଦ୍ର ମଧ୍ୟ
ନିଷ୍କ୍ରିୟ ବି ବେଳେ ବେଳେ ॥ ୨ ॥

ମଣିଷ ଜୀବନେ ଆଦ୍ୟ ଆଉ ପ୍ରାନ୍ତ
ଶୈଶବ ଓ ବୃଦ୍ଧାବସ୍ଥା,
ନିଷ୍ପାପ, ପ୍ରବୃଦ୍ଧ କହନ୍ତି ପଣ୍ଡିତେ
କ୍ରମେ ଆସିଥାଏ ଯଥା ॥ ୩ ॥

ସବୁ ଅବତାରେ ଶିଶୁ ଅବସ୍ଥାରେ
ଲୀଳା ଖେଳା ସର୍ବାଧିକ
ତେଣୁ ଏ ଧରାରେ ଦେବତା ଜନ୍ମନ୍ତି
ଧର୍ମ, ପ୍ରେମ ରକ୍ଷା ଲକ୍ଷ୍ୟ ॥ ୪ ॥

ମଝିରେ ଯୁବକ ବୟସେ ଉଦ୍‌ଭ୍ରାନ୍ତ
ଚରିତ୍ର ସ୍ଖଳନ ଯଦି
ହୁଏ ଲମ୍ବା ଛାଇ ମାତୃ ଗର୍ଭୁ, ଘରୁ
ଅଭାବୁ ସଂସ୍କାର ସିଦ୍ଧି ॥ ୫ ॥

ଗାନ୍ଧି, ଗୋପବନ୍ଧୁ, ବୁଦ୍ଧ ଓ ନରେନ୍ଦ୍ର
ପରି ଆଉ କେହି ନାହିଁ,
ଗଲେଣି ସେ ପାରି କିନ୍ତୁ ଏ ଧରାରେ
ରହିଅଛି ତାଙ୍କ ଛାଇ ॥ ୬ ॥

ଅହିଂସା ପରମଧର୍ମ, ବିଶ୍ୱପ୍ରେମ
ଧରାଧାମେ ସତ୍ୟ ଏହି,
କ୍ଷମତା ଓ ଅର୍ଥ ଅଥବା ପାଣ୍ଡିତ୍ୟ
କଦାପି ଦିଏନି ଛାଇ ॥ ୭ ॥

ରହିଛି ରହିବ ଯାବତ ଏ ଭବ
ଗାନ୍ଧୀବାଦ ଆଉ ବ୍ରତ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସ୍ୱାର୍ଥଦୁଃଖେ ଶୋକ ଅହିଂସା ଓ ମୋକ୍ଷ
ବିଶ୍ୱ ଭ୍ରାତୃପ୍ରେମ ତଥ୍ୟ ॥ ୮ ॥

ମଣିଷ ଜନମେ ମଣିଷ ପଣିଆ
ତାହା ସିନା ସତ୍ୟ ଲମ୍ବା ଛାଇ
ଜାଣି ଜାଣି କିଆଁ ଅହଂକାର ତୋର
ମଣିଷ ଜୀବନ ପାଇ ॥ ୯ ॥

କରାଖଣ୍ଡି, କଙ୍କୋରଡା
ଗଞ୍ଜାମ, ଓଡିଶା

## ପୁଅ

ଶିବ ସୁନ୍ଦର ରଥ

ପୁତ୍ ନାମ ନର୍କରୁ
ଉଦ୍ଧାର କରିବା ପାଇଁ
ପୁଅଟିଏ ଜନ୍ମ ନିଏ

ଅବଶ୍ୟ ନର୍କର ଠିକଣା
ଏଯାଏଁ ମିଳିନି
ତେବେ
ସୁଖର ଅନ୍ୟନାମ ସ୍ୱର୍ଗ
ଦୁଃଖର ଅନ୍ୟନାମ
ନର୍କ ହୋଇପାରେ !

ପିଲାବେଳ କିପରି କଟିଲା
ଠିକ୍ ମନେ ନାହିଁ
ଯୌବନ ପରେ ପରେ
ନିଶ୍ଚୟ ଆସିବ ବାର୍ଦ୍ଧକ୍ୟ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ମନ୍ଥର ହୋଇଯିବ
ଜୀବନର ଗତି
ଦେହ ମନ ସବୁ
ଖୋଜିବ ବିଶ୍ରାମ ।

ଗୃହ ମୃତରେ ଘାଣ୍ଟି ହୋଇ ହୋଇ
ଖୁବ୍ ଚିଡି ଚିଡା ଲାଗିବ ଏ ଜୀବନ
ସେତେବେଳେ ମନ, ହୃଦୟ ସବୁ
ଖୋଜିବ ପୁଅକୁ ।

ହେଲେ ଆମ ଭଳି ପୁଅମାନେ
ନଥିବେ ପାଖରେ
ନିରୀହ ପ୍ରାଣଟିଏ ବନ୍ଧା ହୋଇ
ଜୁଳୁଜୁଳୁ ଚାହୁଁଥିବ
ବାର୍ଦ୍ଧକ୍ୟର ଯୂପ କାଠରେ ।

ଜୟ ମଙ୍ଗଳ ନଗର
ବ୍ରହ୍ମପୁର-୧

# ହେ ଅନ୍ଧାର, ସ୍ୱାଗତ ତୁମକୁ !

ଦିବାକର ଆଚାର୍ଯ୍ୟ

ହେ ଅନ୍ଧାର, ସ୍ୱାଗତ ମୁଁ ଜଣାଏ ତୁମକୁ
ଆଲୋକ ଭଳି ସଂକୀର୍ଣ୍ଣମନା ତ ନୁହଁ ତୁମେ
ଦିଗ୍‌ବଳୟ ସମ ସୁଦୂର ପ୍ରସାରି ତୁମ ବୁକୁ ।

ତୁମରି ସେ ସର୍ବବ୍ୟାପୀ ଅନ୍ତର ଭିତରେ
ଜଣାପଡେ ନାହିଁ କିଏ ବା ସୁନ୍ଦର



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କିଏ କଦାକାର ।
ତୁମରି ନିକଟେ ନାହିଁ ତ ପାର୍ଥକ୍ୟ
କୁଷ୍ଠରୋଗୀ ଆଉ କନ୍ଦର୍ପର
ତୁମେ ତ ବାରି ଦିଅନି ସାଧୁ ଓ ଚୋରକୁ ।

ସଂକୀର୍ଣ୍ଣତାର ଗଣ୍ଡିଭିତରେ
ନାଇଁ ତୁମ ସ୍ଥିତି
ବୁଝନାଇଁ ତୁମେ-
ଲାଭ ସହେ କିଏ
କିଏ ଅବା କ୍ଷତି ।

ତୁମରି ସକାଶେ ସିନା ଆଲୋକର ଗର୍ବ
ତୁମବିନା ମୂଲ୍ୟହୀନ ବଡପଣ ତାର
ତୁମରି ଆଦର୍ଶ ହେଉ ପାଥେୟ ଆମର
ଧ୍ୱଂସ ମୁଖୁଁ ରଖିବାକୁ ମାନବ ଜାତିକୁ ।





ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଚଳିତ ମାସର ବିଶେଷ



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସାବିତ୍ରୀ ବ୍ରତ କଥା



ଏକ ଦନି ପଣ୍ଡୁସୁତ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ବିନୟ ବଚନରେ ପଚାରିଲେ, ହେ ଦେବ ଦେବ ମୋ ପ୍ରତି ଅନୁଗ୍ରହ କରି, ମୁଁ ଯାହା ପଚାରୁଛି ତାହା କୁହନ୍ତୁ। କେଉଁ ବ୍ରତ କଲେ ନାରୀମାନେ ଭାଗ୍ୟବତୀ ହୋଇ ବିଧବା ନୁହନ୍ତି ଓ ଜନେ ସୁଖୀ ହୁଅନ୍ତି? ଦୟାକରି ଆମ୍ଭ ଆଗରେ ତାହା ପ୍ରକାଶ କରନ୍ତୁ। ଯୁଧିଷ୍ଠିରଙ୍କ ବାକ୍ୟ ଶୁଣି ଶ୍ରୀ କୃଷ୍ଣ କହୁଛନ୍ତି ହେ ରାଜନ, ତୁମ୍ଭେ ଯାହା ପଚାରିଲ ତାହା ମୁଁ ଏବେ କହୁଅଛି ଶୁଣ।

ସ୍ତ୍ରୀମାନେ ନାନାଦି ବ୍ରତ ପାଳନ୍ତି, ତହିଁ ମଧ୍ୟରୁ ପ୍ରଧାନ ବ୍ରତ ସାବିତ୍ରୀ ବ୍ରତ ନାମରେ କଥିତ। ସେ ବ୍ରତକଲେ ପତି ପୁତ୍ର ଧନ ଓ ମାନ ଲାଭ କରନ୍ତି। ଅତି ଆନନ୍ଦରେ ଦି କଟାନ୍ତି। ଏହାଶୁଣି ଶ୍ରୀ କୃଷ୍ଣ ଅତି ମଧୁର ବଚନ କହୁଅଛନ୍ତି, ହେ ଧର୍ମସୁତ, ଅଶ୍ୱପତି ନାମରେ ଏକ ରାଜା ଥିଲେ। ସେ ଅବନୀ ମଣ୍ଡଳରେ ଦୟାଶୀଳ ଧର୍ମପରାୟଣ ପ୍ରଜାପାଳନ ଓ ନାନା ଗୁଣରେ ବିଖ୍ୟାତ ଥିଲେ। କୁବେର ଭଣ୍ଡାର ପରି ତାହାଙ୍କ ଭଣ୍ଡାର ପରିପୂର୍ଣ୍ଣ ଥାଏ, କେବଳ ତାଙ୍କର ପୁତ୍ର ନଥିବାରୁ ସେ ରାଜାଙ୍କ ମନ ବିରସ ହୋଇଥାଏ। ଏହିପରି କିଛି ଦି ବିତିଗଲା ଉତ୍ତାରୁ ଏକ ଋଷିବର ସେହି ରାଜାଙ୍କ ନିକଟକୁ ଗମନ କଲେ। ସେ ରାଜା ଋଷିଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ ହୋଇ ପୁଣି ପାଦଧୌତ କଲେ। ସେ ରାଜାଙ୍କର ଭକ୍ତିଭାବ ଦେଖି ଋଷି ମହାସନ୍ତୁଷ୍ଟ ହେଲେ। ଧ୍ୟାନବଳରେ ରାଜାଙ୍କ ମନର ଦୁଃଖ ଜାଣି କହିଲେ, ହେ ରାଜନ୍, ତୁମ୍ଭେ ଏତେ ବିରସ ମନରେ କାହିଁକି ଅଛ? ଏହା ଶୁଣି ରାଜା କହିଲେ, ହେ ମୁନିବର, ଧନଧାନ୍ୟ ପ୍ରଜାସୁଖରେ





ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ।

ରହି ମଧ୍ୟ ଏକ ପୁତ୍ର ନଥିବାରୁ ମନରେ ଶାନ୍ତି ନାହିଁ। ଋଷି କହିଲେ, ହେ ରାଜନ ଆମ୍ଭେ ଗୋଟିଏ ମନ୍ତ୍ର କହିବୁ, ସେହି ମନ୍ତ୍ର ଭକ୍ତିରେ ଜପ କଲେ ତାହା ବଳରେ ଗୋଟିଏ କନ୍ୟା ହେବ। ସେ କନ୍ୟା ତୁମର ନୀତିକୂଳ ଉଦ୍ଧାର କରିବ ଏବଂ ମହୀତଳରେ ଯଶ ରହିବ, ତୁମ୍ଭେ ଏହି କଥା କର। ମୁନିବର ରାଜାଙ୍କୁ ମନ୍ତ୍ରଟି କହି ଚାଲିଗଲେ।

ସେହିଦିନ ଠାରୁ ଅଶ୍ୱପତି ରାଜା ନିୟମରେ ମନ୍ତ୍ର ଜପନ୍ତି, କେତେ ଦି ଉତ୍ତାରୁ ସେହି ମନ୍ତ୍ରର ପ୍ରଭାବରୁ ଏକ ଦୁହିତା ଶୁଭଲଗ୍ନରେ ଜନ୍ମହେଲା, ସେହି ଦୁହିତା (ସାବିତ୍ରୀ) ମନ୍ତ୍ର ପ୍ରଭାବରୁ ଜନ୍ମିଥିବାରୁ ସାବିତ୍ରୀ ବୋଲି ନାମ ଦେଲେ। ଚନ୍ଦ୍ର ପକ୍ଷରେ ଚନ୍ଦ୍ର ବୃଦ୍ଧିପରି ମାତାପିତାଙ୍କ ଆଦରରେ ସାବିତ୍ରୀ ବଢନ୍ତି। କ୍ରମେ ସାବିତ୍ରୀଙ୍କୁ ଅଠର ବର୍ଷ ହେଲା। ସାବିତ୍ରୀଙ୍କ ସଙ୍ଗରେ ପରିଚାରିକାଧରି ଋଷିଙ୍କ ଆଶ୍ରମକୁ ଯାଆନ୍ତି, ଋଷିମାନଙ୍କ ସେବା କରନ୍ତି। ଋଷିମାନେ ସାବିତ୍ରୀଙ୍କ ସେବାଦେଖି କଲ୍ୟାଣ କରନ୍ତି। ସାବିତ୍ରୀ ସ୍ୱପ୍ନରେ ହେଲେ ପୁରୁଷଙ୍କ ମୁହଁ ଦେଖିନାହିଁ, ଦିନକରେ ସଖିମାନଙ୍କୁ ଧରି ବନବିହାର କରୁଥିଲେ। ଏମନ୍ତ ବେଳେ ଋଷିମାନଙ୍କ ସହ ଏକ ସୁନ୍ଦର ପୁରୁଷକୁ ଦେଖିଲେ। ସେ ପୁରୁଷକୁ ଦେଖି ମୋହିତ ହୋଇ ଚକ୍ଷୁ ପିଛାଡି ପାରିଲେ ନାହିଁ।

ସାବିତ୍ରୀ ଋଷିଙ୍କୁ ପୁଛାକଲେ, ହେ ମୁନିବର ! ଏ ଯୁବକ କାହାର ସୁତ ମୋତେ କୁହନ୍ତୁ। ଏହା ଶୁଣି ମୁନି କହିଲେ, ଅବନ୍ତୀନଗର ଦ୍ୟୁମତସେନ ବୋଲି ଏକ ରାଜା ଥିଲେ। ତାହାଙ୍କର ସୁତ ସ୍ୱକୁଟୁମ୍ବ ଧରି ଏହି ବନରେ ବାସ କରୁଅଛନ୍ତି। ତାହାଙ୍କର ନାମ ସତ୍ୟବାନ ଓ ଦ୍ୱିତୀୟନାମ ଚିତ୍ରସେନ। ଏହି ଚିତ୍ରସେନ ଦ୍ୟୁମତସେନଙ୍କର ଏକମାତ୍ର ପୁତ୍ର। ମୁନି ମୁଖୁ ଏହା ଶୁଣି ସାବିତ୍ରୀ ମନେ ମନେ ଭାବିଲେ, ଏହି ଚିତ୍ରସେନଙ୍କୁମୁଁ ପତିରୂପରେ ବରିବି। ଏହା ଭାବି ଗୃହକୁ ସମସ୍ତେ ଚଳିଗଲେ। ସାବିତ୍ରୀ ମାତାଙ୍କୁ ସକଳ ବିଷୟକହିଲେ। ରାଣୀ ସେହି କଥାପାଇ ରାଜାଙ୍କୁ କହିଲେ। ରାଜା କହିଲେ ସେ କାହାର ପୁତ୍ର, କିପରି ତାଙ୍କୁ ଦୁହିତା ଦାନ ଦେବା? ଏହି ସମୟରେ ନାରଦ ମହାମୁନି ପ୍ରବେଶ ହେଲେ, ରାଜା ନାରଦ ମହାମୁନିଙ୍କୁଦେଖି ଯଥାମାନ୍ୟରେ ପଦଧୌତ କରି ଦିବ୍ୟ ଆସନରେ ବସାଇଲେ। ଏମନ୍ତ ସମୟରେ ସେହି ସ୍ଥାନରେଦୁହିତା ସାବିତ୍ରୀ ଯାଇ ପ୍ରବେଶ ହେଲେ। ନାରଦ ପଚାରିଲେ, ହେ ରାଜନ୍, ଏ କାହାର କୁମାରୀ? ରାଜାକହିଲେ, ହେ ମୁନିବର ବହୁ ତପେ ଏ କୁମାରୀକୁ ପାଇଛି। ଏ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ।

ମୋହର ଅନୂଢା କନ୍ୟା, ବନସ୍ତରେ ଏ କାହାକୁ ବରିଅଛି ବୋଲି କହୁଛି। ନୃପତିଙ୍କ ବାକ୍ୟ ନାରଦ ମୁନି ସାବିତ୍ରୀଙ୍କୁ ପଚାରିଲେ, ଗୋ ସାବିତ୍ରୀ, ତୁ କାହାକୁ ବରିଅଛୁ ଆମ୍ଭ ଆଗରେ କହ? ଏହା ଶୁଣି ସାବିତ୍ରୀ କହିଲେ, ଅବନ୍ତୀ ନଗରର ଏକ ରାଜାଥିଲେ,ତାହାଙ୍କର ନାମ ଦ୍ୟୁମତସେନ। ତାହାଙ୍କର ପୁତ୍ର ସତ୍ୟବାନ ଓ ଚିତ୍ରସେନ, ତାହାଙ୍କର ରୂପଗୁଣ ଦେଖିମୋହର ଶ୍ରଦ୍ଧାବଳିଲା, ଏହା ଶୁଣି ନାରଦ କହିଲେ, ହେ ଅଶ୍ୱପତି, ଦ୍ୟୁମତସେନ ଚକ୍ଷୁହୀନ ହେବାରୁ ଶତ୍ରୁମାନେ ରାଜ୍ୟନେଲେ, ତଦୁତ୍ତାରୁ ସେହି ରାଜା ସକୁଟୁମ୍ବ ଅରଣ୍ୟରେ ବାସ କରୁଛନ୍ତି। ସେହି ରାଜାସକଳ ଗୁଣରେ ଗୁଣୀ ଅଟନ୍ତି, ମାତ୍ର ଆମ୍ଭେ ବୋଲୁଅଛୁ ଏ ବିବାହ ଅନୁଚିତ। ସେ ସତ୍ୟବାନର ଏକ ବର୍ଷମାତ୍ର ଆୟୁଷ ଅଛି, ସେଥି ଯୋଗୁଁ ଆମ୍ଭେ ନାସ୍ତି କରୁଛୁ। ତେଣୁକରି ଅନ୍ୟସ୍ଥାନେ ବିବାହ ଦେବା ଉଚିତ୍। ସାବିତ୍ରୀ କହିଲେ, ହେ ପିତା ତାହାଙ୍କ ଛଡା ଅନ୍ୟ ପୁରୁଷ ବରିବିନାହିଁ। ଅନ୍ୟ ପୁରୁଷ ବରିଲେ ମୁଁ ଅସତୀ ଦୋଚାରୁଣୀ ହେବି। ଅତଏବ ମୋ ଭାଗ୍ୟରେ ଯାହା ଅଛି ତା ଫଳିବ। ସତ୍ୟବାନ ବି ଅନ୍ୟ ପୁରୁଷକୁ ବରିବି ନାହିଁ, ସତ୍ୟବାନଙ୍କୁ ମୋତେ ପ୍ରଦାନ କରନ୍ତୁ। ସାବିତ୍ରୀଙ୍କ ଠାରୁ ନାରଦ ଏପରି ବଚନ ଶୁଣି ମହାସନ୍ତୋଷରେ କହିଲେ, ଧନ୍ୟ ତୋ ସତୀପଣ, ତୋର ମନୋବାଞ୍ଛା ସିଦ୍ଧ ହେଉ। ତୁ ନିଶ୍ଚୟ ଭାଗ୍ୟବତୀ ହେବୁ, ଏହାକହି ମୁନିବର ନିଜ ସ୍ଥାନକୁ ଚାଲିଗଲେ। ତହୁଁ ଅଶ୍ୱପତି ରାଜା ବିଭାଘର ଉତ୍ସବମଣ୍ଡାଇବାକୁ ଆଦେଶ ଦେଲେ। ଶୁଭଲଗ୍ନରେ ସତ୍ୟବାନଙ୍କୁ କନ୍ୟା ସଂପାଦନ କଲେ। ସତ୍ୟବାନ ସାବିତ୍ରୀଙ୍କୁଘେନି ପିତୃସମୀପକୁ ଚାଲିଗଲେ। ସତ୍ୟବାନ ପିତାମାତାଙ୍କୁ ନମସ୍କାର କଲେ। ସାବିତ୍ରୀ ଶାଶୁଶ୍ୱଶୁରଙ୍କୁନମସ୍କାର କଲେ। ରାଜା ଓ ରାଣୀ ପୁତ୍ରବଧୂଙ୍କୁ ଶୁଭାଶୀର୍ବାଦ କଲେ। ପ୍ରତିଦିନ ସାବିତ୍ରୀ ଶାଶୁଶଶୁରଙ୍କୁଯଥାଭକ୍ତିରେ ସେବା କରୁଥାଆନ୍ତି। ଦେବତା ବ୍ରାହ୍ମଣଙ୍କୁ ଭକ୍ତିକରି ପୂଜା କରୁଥାଆନ୍ତି। ଏପରି କେତେଦିନ ଗଲା, ନାରଦଙ୍କ କଥା ସାବିତ୍ରୀଦେବୀ ସର୍ବଦା ମନରେ ଭାବନା କରୁଥାଆନ୍ତି। ରାଜାରାଣୀ କିମ୍ବା ସତ୍ୟବାନ କେହି ଜାଣନ୍ତି ନାହିଁ। ସାବିତ୍ରୀଙ୍କ ସ୍ୱଭାବଦେଖି ଶାଶୁଶ୍ୱଶୁର ଅତ୍ୟନ୍ତ ଆନନ୍ଦ ଲଭୁଥାନ୍ତି। ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ଦିରେ ସତ୍ୟବାନଙ୍କ ଆୟୁଷ ଶେଷ ହେବ। ଏ କଥା ସାବିତ୍ରୀ ହେତୁ ରଖିଥାଆନ୍ତି। କ୍ରମେ ସତ୍ୟବାନଙ୍କ ଆୟୁ ଶେଷ ନିକଟ ହେଲା। ରାତିପାହିଲେ କୃଷ୍ଣପକ୍ଷ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଅମାବାସ୍ୟା ହେବ । ଏ କଥା ସାବିତ୍ରୀ ଜାଣି ଲକ୍ଷ୍ମୀନାରାୟଣ ପୂଜା ନିମନ୍ତେ ଉପବାସ କଲେ ଓ ଲକ୍ଷ୍ମୀନାରାୟଣ ସ୍ତୋତ୍ରମାନ ପାଠକଲେ । ଆମ୍ବ କଦଳୀ ନଡିଆ ତାଳ ଖଜୁରୀକୋଳି ନାନା ଦ୍ରବ୍ୟମାନ ପୂଜାକଲେ । ବ୍ରାହ୍ମଣ ଭୋଜନ କରାଇଲେ ।

ସାବିତ୍ରୀ ଶାଶୁଶ୍ୱଶୁର ଓ ଗେରସ୍ତଙ୍କୁ ଡାକି ଭୋଜନ ସାମଗ୍ରୀ ବାଢିଲେ । ଭୋଜନାନ୍ତେ ଶାଶୁଶ୍ୱଶୁର କହିଲେ, ବଧୂ ତୁମେ ଭୁଞ୍ଜିବସ । ସାବିତ୍ରୀ କହିଲେ ମୁଁ ବ୍ରତ ପାଳିଛି, ଆଜି ଦିନ ଶେଷରେ ଭୁଞ୍ଜିବି । ଏପରି କହି ତାଙ୍କୁ ପ୍ରବୋଧ କଲେ । କ୍ରମେ କ୍ରମେ ଦ୍ୱିପହର ବେଳ ହେଲା । ସତ୍ୟବାନ କହିଲେ, ପିତା କାଠ ଫଳଫୁଲ ନାହିଁ, ମୁଁ ଯାଉଛି ଖୋଜିକରି ଆଣିବି । ଏପରି ପିତାମାତାଙ୍କୁ ସତ୍ୟବାନ କହିବାରୁ ସାବିତ୍ରୀ ବିଚାର କଲେ, ମରଣ ସ୍ଥାନକୁ ବିଧାତା ବାଟ କଢାଉଛି । ଏ ସମୟରେ ସାବିତ୍ରୀ ଶାଶୁଶ୍ୱଶୁରଙ୍କୁ ନମସ୍କାର କରି କହିଲେ ମୁଁ ମଧ୍ୟ ସ୍ୱାମୀଙ୍କ ସହିତ ଯିବି । ବନରୁ ଆସିଲେ ଭୁଞ୍ଜିବି ମନାକରନ୍ତୁ ନାହିଁ । ସାବିତ୍ରୀଙ୍କ ଏପରି ଦୃଢ ବଚନ ଶୁଣି ରାଜାରାଣୀ ସତ୍ୟବାନଙ୍କୁ ଡାକି କହିଲେ, ଆରେ ବାବୁ ବଧୂ ତୋ ସାଙ୍ଗରେ ଯାଉଛି, ସାବଧାନରେ ଯିବୁ, ଅନ୍ଧାର ନ ହେଉଣୁ ଫେରିଆସିବୁ । ସତ୍ୟବାନ ପିତାମାତାଙ୍କ ଠାରୁ ଏପରି ଶୁଣି ସାବିତ୍ରୀ ସହିତ ବନକୁ ଗଲେ । ବନରୁ ନାନା ଫଳଖୋଜି ସାବିତ୍ରୀଙ୍କ ନିକଟରେ ଦେଇ କହିଲେ, ପ୍ରିୟେ ଏଠାରେ ବସି ମୁଁ କାଠ ହାଣିବି ଏହା କହି ସତ୍ୟବାନ ବୃକ୍ଷ ନିକଟକୁ ଗଲେ । ତାଙ୍କୁ ସେହି ସ୍ଥାନ ଅନ୍ଧାର ଦିଶିଲା । ସେହି ସ୍ଥାନରେ ବସିପଡି କହିଲେ ମୋର ମୁଣ୍ଡ କାହିଁକି ବ୍ୟଥା କରୁଛି, ମୋତେ ଅନ୍ଧାର ଦିଶୁଛି, ମୋର ପ୍ରାଣ ବାହାରିଗଲା ପରି ଲାଗୁଛି, ଉଠିବାକୁ ଶକ୍ତି ହେଉନାହିଁ, ମୋତେ ବଡ କଷ୍ଟ ଲାଗୁଛି । ଏହା ଶୁଣି ସାବିତ୍ରୀ ବିଚାର କଲେ ମରଣ ନିକଟ ହେଲା ଏହା ଭାବି କହିଲେ, ଏହି କାନି ପଣତ ବିଛାଇ ଦେଉଛି ଏଥିରେ ଶୟନ କରନ୍ତୁ, ଏହି କ୍ଷଣି ଦେହ ସୁସ୍ଥ ହେବ । ସାବିତ୍ରୀଙ୍କ ଜାଣୁରେ ମୁଣ୍ଡଦେଇ ସେହି କାନିପଣତରେ ଶୋଇଲେ । ସଂଧ୍ୟାପ୍ରବେଶ ହେଲା, କାନ୍ତ ସନ୍ଧ୍ୟା ହେଲାଣି ଉଠନ୍ତୁ । ସାବିତ୍ରୀ ଉଠାଇଲେ, ସତ୍ୟବାନ ଉଠିଲେ ନାହିଁ । ତହୁଁ ସାବିତ୍ରୀ ଆଉ ସ୍ଥିର ରହି ନପାରି ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ଏପରି ସମୟରେ ଯମଦୂତମାନେ ପ୍ରବେଶ ହେଲେ । ପତିବ୍ରତା ସତୀ ଶିରୋମଣି ସାବିତ୍ରୀଙ୍କ ତେଜରେ ଯମଦୂତମାନେ କେହି ପଶିପାରିଲେ ନାହିଁ । ଫେରିଯାଇ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଯମଙ୍କୁ କହିଲେ, ହେ ଯନ୍ତୁରାଜ, ସତ୍ୟବାନଙ୍କ ମୃତ୍ୟୁ ହେବାରୁ ଆଣିବାକୁ ଗଲୁ, ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କୁ ଦେଖି ତାଙ୍କ ପାଖରେ ପଶିପାରିଲୁ ନାହିଁ, ଫେରି ଆସିଲୁ, ଦୂତମାନଙ୍କ ଠାରୁ ଏପରି ଶୁଣି ଜନ୍ତୁରାଜ ନିଜେ ସାବିତ୍ରୀଙ୍କ ନିକଟକୁ ଗମନ କଲେ। ସାବିତ୍ରୀ ଜାନୁ ଉପରେ କାନ୍ତଙ୍କୁ ଧରି ଆତି ଆଦରରେ ରୋଦନ କରୁଛନ୍ତି। ସାବିତ୍ରୀଙ୍କ ବିକଳ ଦେଖି ଜନ୍ତୁରାଜ କହିଲେ, ହେ ମାତ, ରୋଦନ କରୁଛ କାହିଁକି? ରୋଦନ କରନାହିଁ। ଜନ୍ମହେଲେ ମରଣ ଘଟେ, ଯେ ଯେତିକି ଦନିକୁ ଆସିଥାଏ, ସେ ସେତିକି ଦିନ ପୂର୍ଣ୍ଣ ହେଲେ ଫେରି ଚାଲିଯିବ। ଏଥିକି କାହିଁକି ରୋଦନ କରୁଛ, ଆଉ କାନ୍ଦନାହିଁ। ଯମରାଜଙ୍କ ବଚନ ଶୁଣି ସାବିତ୍ରୀ ପଚାରୁଛନ୍ତି, ତୁମ୍ଭେ କିଏ ସେ? କେଉଁଠାରୁ ଆସିଲ ତାହା ମୋତେ କୁହନ୍ତୁ? ମୋର ସନ୍ଦେହ


## ସାବିତ୍ରୀ ବ୍ରତ କଥା ଡାଉନ୍‌ଲୋଡ୍



ସଂପୂର୍ଣ୍ଣ ଓଡ଼ିଆରେ ଲିଖିତ ପବିତ୍ର ସାବିତ୍ରୀ ବ୍ରତ କଥା ଇ-ପୁସ୍ତିକା ଡାଉନଲୋଡ୍ କରିବାପାଇଁ ନିମ୍ନରେ ଦିଆଯାଇଥିବା ସାଇଟ୍‌କୁ ଆସନ୍ତୁ

www.aahwaan.com/sabitri




ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଫିଟିପିବ। ଯମ ସାବିତ୍ରୀଙ୍କ ବଚନ ଶୁଣି କହୁଛନ୍ତି, ମୁଁ ଜନ୍ତୁପତି ଯମରାଜ। ସତ୍ୟବାନଙ୍କୁ ନେବାପାଇଁ ଆସିଛି। ଯମଙ୍କଠାରୁ ଏପରି ଶୁଣି ସାବିତ୍ରୀ ସତ୍ୟବାନଙ୍କୁ ଛାଡିଦେଇ ଉଭାହେଲେ। ସତ୍ୟବାନଙ୍କ ଦେହର ଜୀବନକୁ ଯମରାଜ ବାନ୍ଧିନେଇ ବାହାରିଲେ। ସାବିତ୍ରୀ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ, ଜନ୍ତୁରାଜ ଲେଉଟି ଚାହିଁ ସାବିତ୍ରୀଙ୍କୁ ପଛରେ ଦେଖି କହିଲେ, ହେ ରାଜଜେମା ତୁ କାହିଁକି କାନ୍ଦି କାନ୍ଦି ଆସୁଛୁ? ତୁ ଘରକୁ ବାହାରି ଯା। ଏହା ଶୁଣି ସାବିତ୍ରୀ କହିଲେ ହେ ଜନ୍ତୁରାଜ ମୋର କାନ୍ତ ତୁମ୍ଭ ଭବନକୁ ଯାଉଛନ୍ତି, ତେଣୁ ମୁଁ ବି ମଧ୍ୟ ତୁମ ସାଙ୍ଗରେ ଯିବି। ଅନ୍ୟଥା ସଂସାରରେ କିଛି କାର୍ଯ୍ୟନାହିଁ, ଚାଲ ତୁମ୍ଭ ଭବନକୁ ଯିବା ତୁମ୍ଭଗ୍ଭରି ସତ୍‌ସଙ୍ଗମୋତେ ମିଳିବ ନାହିଁ, ତୁମ୍ଭେ ଅନୁଗ୍ରହ କରି ମୋତେ ତୁମ୍ଭ ସାଙ୍ଗରେ ନିଅ। ମୋ ପ୍ରତି ବିରାଗ ହୁଅନ୍ତୁ ନାହିଁ। ଏପରି ସାବିତ୍ରୀଙ୍କ ବିନୟ ବସନ ଶୁଣି ଯମରାଜ ହସି ହସି କହୁଛନ୍ତି ଗୋ ପତିବ୍ରତା ଶିରୋମଣି, ମୁଁ ତୁମ୍ଭ ପ୍ରତି ଅତ୍ୟନ୍ତ ସନ୍ତୁଷ୍ଟ। ତୁମ୍ଭେ ସତ୍ୟବାନର ପ୍ରାଣଛଡା ଯାହା ମାଗିବ ତାହା ଦେବି। ଏପରି ବଚନ ଶୁଣି ସାବିତ୍ରୀ କହିଲେ ମୋ ଶାଶୁଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ ତାଙ୍କୁ ଚକ୍ଷୁ ପ୍ରଦାନ କରନ୍ତୁ ଓ ରାଜ୍ୟ ପ୍ରଦାନ କରନ୍ତୁ। ଏହାଶୁଣି ଯମରାଜ ତଥାସ୍ତୁ କହି ଚାଲିଗଲେ। ସାବିତ୍ରୀ ତାଙ୍କ ପଛେ ଗୋଡାଇ ଅଛନ୍ତି, ଯମ ଫେରି ଚାହିଁଲେ କହିଲେ ତୁମ୍ଭେ ଗୃହକୁ ଫେରିଯାଅ। ଏହା ଶୁଣି ସାବିତ୍ରୀ କହିଲେ ତୁମ୍ଭେ ନାରାୟଣଙ୍କ ଅଂଶ ତୁମ୍ଭକୁ ସେବା କରିବି। ମୋତେ ସାଙ୍ଗରେ ନିଅନ୍ତୁ। ଏହା ଶୁଣି ଜନ୍ତୁପତି କହିଲେ ହେ ସୁତା ଆଉ କି ବର ମାଗୁଛ ମାଗ? ଏହା ଶୁଣି ସାବିତ୍ରୀ କହିଲେ ମୋର ପିତାଙ୍କର ପୁତ୍ର ନାହିଁ, ପୁତ୍ର ଦରକାର, ଜନ୍ତୁରାଜ ତଥାସ୍ତୁ କହି ଚାଲିଗଲେ। ସାବିତ୍ରୀ ତଥାପି ପଛରେ ଚାଲିଲେ। ଏହା ଦେଖି ଜନ୍ତୁରାଜ କହିଲେ ହେ କନ୍ୟା, ସତ୍ୟବାନର ପ୍ରାଣଛଡା ଅନ୍ୟଏକ ବର ମାଗ, ସାବିତ୍ରୀ କହିଲେ ସତ୍ୟବାନପି ମୋର ଶତପୁତ୍ର ହେଉ, ମୋତେ ଏହି ଆଜ୍ଞାକର। ଯମରାଜ ସାବିତ୍ରୀଙ୍କ ଭକ୍ତିଦେଖି ଭୋଳ ମାନସରେ ତଥାସ୍ତୁ କହି ସାବିତ୍ରୀଙ୍କୁ ଫେରିଯିବାକୁ କହିଲେ, ତହୁଁ ସାବିତ୍ରୀ କହିଲେ ହେ ଦେବ। ଆପଣଙ୍କ କଥା ତ ଆନ ନୁହଇଁ ଆପଣ ଯେଉଁ ବର ଦେଲେ ତାହା କିପରି ଫଳିବ? ସତ୍ୟବାନଙ୍କୁ ତୁମ୍ଭେ ଘେନିଯାଉଅଛ। ମୋର ଶତପୁତ୍ର କିପରି ହେବ? ଏହା ଶୁଣି ଜନ୍ତୁପତି ସ୍ଥିର ହୋଇଗଲେ ଓ ପରେ କହିଲେ, ହେ ସାବିତ୍ରୀ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ।

ତୁମେ ଧନ୍ୟ, ଧନ୍ୟ ତୁମ ସତୀପଣ, ତୁମ୍ଭେ ତିନିକୁଳ ଉଦ୍ଧାର କଲ, ମୋତେ ମଧ୍ୟ ବିନୟ ଗୁଣରେ ପରାଜିତ କଲ। ଏକଥା ତୋହର ବିଖ୍ୟାତ ହେବ। ଯୁଗଯୁଗାନ୍ତରେ ତୋର ନାମ ବିଖ୍ୟାତ ହେବ। ଜ୍ୟେଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା ଦିନ ତୋର ନାମ ସ୍ମରଣ କରି ଯେଉଁ ନାରୀ ସଙ୍କୁଚିତ ମନରେ ସାବିତ୍ରୀ ବ୍ରତ କରିବ, ସେହି ନାରୀ ଜନ୍ମେ ଜନ୍ମେ ସଧବା ଓ ପତି ପରାୟଣା ହୋଇ ପୁତ୍ରବତୀ ଓ ଧନବତୀ ହେବ। ଅନ୍ତିମକାଳରେ ବୈକୁଣ୍ଠକୁ ପ୍ରାପ୍ତି ହେବ। ଏହା କହି ସତ୍ୟବାନଙ୍କୁ ଛାଡିଦେଲେ। ସାବିତ୍ରୀ ସତ୍ୟବାନଙ୍କ ପ୍ରାଣଧରି ଯେଉଁସ୍ଥାନରେ ସତ୍ୟବାନ ପଡିଅଛନ୍ତି, ସେହି ସ୍ଥାନରେ ପ୍ରବେଶ ହେଲେ। ସାବିତ୍ରୀଙ୍କ ହସ୍ତରୁ ଜୀବ ଯାଇ ସତ୍ୟବାନଙ୍କ ପିଣ୍ଡରେ ପ୍ରବେଶ ହେଲେ, ସତ୍ୟବାନ ନିଦ୍ରାଗତ ପରି ଉଠି କହିଲେ ଆଗୋ ପ୍ରିୟେ କେତେ ରାତ୍ର ହୋଇଗଲା ମୋତେ ଉଠାଇଲ ନାହିଁ। ପିତାମାତା ବଡ ଦୁଃଖରେ ଥିବେ। ଏହାଶୁଣି ସାବିତ୍ରୀ କହିଲେ ଶୋଇଥିବା ଲୋକର ନିଦ୍ରା ଭାଙ୍ଗନ୍ତି ନାହିଁ। ଆଜି ରାତ୍ର ଏହି ବୃକ୍ଷମୂଳରେ ରହିବା, ସକାଳ ହେଲେ ଗୃହକୁ ଯିବ।

ସତ୍ୟବାନ ସାବିତ୍ରୀଙ୍କଠାରୁ ଏପରି ବଚନ ଶୁଣି ରାତ୍ରକ ସେଠାରେ ରହିଗଲେ। ସତ୍ୟବାନ କହୁଛନ୍ତି, ଆଗୋ ପ୍ରିୟେ ଆଜି ରାତ୍ର ମୁଁ ଗୋଟିଏ ସ୍ୱପ୍ନ ଦେଖିଲି। ଯମରାଜ ଆସି ମୋତେ ବାନ୍ଧି ଘେନି ଯାଉଥିଲା। ତୁ ପଛରେ ଗୋଡାଇଥିଲୁ। ବହୁତ ବିନିମୟରୁ ତୁ ମୋର ଜୀବନ ଆଣିଲୁ। ଏହିପରି ବହୁତ ସପ୍ନ ଦେଖିଲି, ସାବିତ୍ରୀ କହିଲେ ନିଶ୍ଚୟ ହୋଇଥିବ। ଏମନ୍ତ ସମୟରେ ସତ୍ୟବାନଙ୍କ ପିତାମାତା ଅତି ବ୍ୟାକୁଳ ହୋଇ ଏତେ ରାତ୍ର ହେଲା ସତ୍ୟବାନ କାହିଁକି ଆସିଲା ନାହିଁ, ସାଙ୍ଗରେ ବଧୂକୁ ନେଇଛି, ବନରେ କି ବିପତ୍ତି ପଡିଲା, ମୋର ଚକ୍ଷୁକୁ ତ ଦିଶୁ ନାହିଁ। ମୁଁ କେଉଁ ଆଡେ ଯିବି ଏହା ଭାବି ଶୋକ କରନ୍ତେ, ନିକଟସ୍ଥ ଋଷିମାନେ କହିଲେ ହେ ରାଜା କାହିଁକି ଶୋକ କରୁଛ? ତୋର ସକଳ ମଙ୍ଗଳ ହେବ। ଆମ୍ଭମାନଙ୍କୁ ସେହିପରି ଦୃଶ୍ୟ ହେଉଛି। ଋଷିମାନଙ୍କର ଏହିପରି ବଚନ ଶୁଣି ସେମାନେ ସ୍ଥିର ହେଲ। ପରଦିନ ସତ୍ୟବାନ ଓ ସାବିତ୍ରୀ ଘରକୁ ଆସିଲେ, ମୁନିମାନେ ଓ ପିତାମାତା ଦେଖି ଆନନ୍ଦେ ପଚାରିଲେ, କାଲି ରାତି କେଉଁଠାରେ ଥିଲ? ତହୁଁ ସାବିତ୍ରୀ ସକଳ କଥା କହିଲେ। ସାଧୁମାନେ ଏପରି କଥା ଶୁଣି କହିଲେ ଧନ୍ୟ ରାଜଜେମା, ତୋର ପିତାମାତା ଧନ୍ୟ, ମୃତ ପତି ଜିଆଁଇଲୁ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପିତାର ଅପୁତ୍ରିକ କୂଳ ରକ୍ଷାକଲୁ । ଶ୍ୱଶୁରକୁ ରାଜ୍ୟ ଓ ଚକ୍ଷୁଦାନ ଦେଲୁ । ଯେଉଁ ନାରୀ ଶୁଦ୍ଧ ମନରେ ଏ ବ୍ରତ କରିବେ ତାହାର ମଙ୍ଗଳ ହେବ । ଏପରି କେତେଦିନ ଗଲାଉତ୍ତାରୁ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ପ୍ରବେଶ ହେଲା । ସାବିତ୍ରୀ ଲକ୍ଷ୍ମୀନାରାୟଣ ବ୍ରତ କରିବାକୁ ପ୍ରାତଃକାଳୁ ଉଠି ସ୍ନାନ କଲେ, ଘର ଲିପାପୋଛା କଲେ, ପାଟପଡନୀ ପିନ୍ଧିଲେ । ମୁଗ ବଟୁରାଇଲେ, ତାଳ, ନଡିଆ, ଖଜୁରୀକୋଳି, ପଣସ, ଆମ୍ବ, ଆଖୁ, କଦଳୀ, କାଚ, ଅଳତାପତ୍ର, କଳାମାଳି, ନୂଆଁଲୁଗା ସର୍ବ ଆୟୋଜନ କଲେ । ଲକ୍ଷ୍ମୀନାରାୟଣ ସ୍ଥାପିଲେ । ଘିଅଦୀପ ଜାଳି, ନିସଙ୍ଖୁଡି ଦ୍ରବ୍ୟମାନ ବାଢିଲେ । ଲକ୍ଷ୍ମୀନାରାୟଣଙ୍କୁ ସ୍ମରଣ କରି ନୈବେଦ୍ୟ କରାଇଲେ । ପୂଜା ଶେଷରେ ପ୍ରସାଦ ବାଣ୍ଟିଲେ । ଶାଶୁଶ୍ୱଶୁର ଓ ଗେରସ୍ତଙ୍କୁ ଓଳଗିଲେ । ସେହି ଦିନଠାରୁ ସାବିତ୍ରୀ ବ୍ରତ ବିଖ୍ୟାତ ହେଲା । ସାମ୍ରାଜ୍ୟ ପାଇ ସମସ୍ତେ ସୁଖରେ ରହିଲେ । ସାବିତ୍ରୀଙ୍କ ପତି ସତ୍ୟବାନ ରାଜାହେଲେ । ସାବିତ୍ରୀଙ୍କ ଶହେ କୁମର ହେଲେ । ଅତି ସୁଖେ ପୁତ୍ରକୁ ରାଜାକରି ଅନ୍ତେ ସ୍ୱର୍ଗପୁର ଗଲେ । ଯେଉଁ ସ୍ତ୍ରୀମାନେ ଶୁଦ୍ଧିମତିରେ ସାବିତ୍ରୀ ବ୍ରତ କରନ୍ତି ସେମାନେ ଏହିପରି ଫଳ ଲାଭ କରନ୍ତି । ଏହି ସାବିତ୍ରୀ ବ୍ରତକଥା ମନଦେଇ ଯେଉଁ ନାରୀ ଶୁଣଇ ତାର ସର୍ବଶୁଭ ହୋଇ ମନୋବାଞ୍ଛା ପୂର୍ଣ୍ଣ ହୁଅଇ । ଯୁଧିଷ୍ଠିର ନୃପତିଙ୍କୁ ଶ୍ରୀକୃଷ୍ଣ ସାବିତ୍ରୀ ବ୍ରତ କଥା କହିବାରୁ ଧର୍ମସୁତ ଯୁଧିଷ୍ଠିର ଆନନ୍ଦିତ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ । ଏହି ସାବିତ୍ରୀ ବ୍ରତ ସ୍ତ୍ରୀ ମାନଙ୍କର ଏକାନ୍ତ କର୍ତ୍ତବ୍ୟ ।


## ଆହ୍ୱାନ ଓଡ଼ିଆ ନାରୀ

ପ୍ରତ୍ୟେକ ଓଡ଼ିଆ ନାରୀର ଅନ୍ତରଙ୍ଗ ଏବଂ ଆପଣାର ସାଥୀ । ଘରକରଣା, ବେଶଭୁଷା, ପାକ ଓ ରୋଷେଇଶାଳ, ଶୃଙ୍ଗାର, ସମସ୍ୟା ସମାଧାନ ଆଦି ଅନେକ ବିଷୟ ନେଇ ପ୍ରସ୍ତୁତ ସଂପୂର୍ଣ୍ଣ ଓଡ଼ିଆ ୱେବସାଇଟ୍ ।

ଆଜି ହିଁ ଆସନ୍ତୁ ଏବଂ ଅନୁଭବ କରନ୍ତୁ ଏକ ସଂପୂର୍ଣ୍ଣ ଅନନ୍ୟ ଅନୁଭୂତି ।

**http://www.aahwaan.com/nari**




ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିଶେଷ ସୂଚନା

ଆମଦ୍ୱାରା ସବୁ ପ୍ରକାରର ଧ୍ୟାନ ଦିଆଯିବା ସତ୍ତ୍ୱେ ଏହି ଇ-ପତ୍ରିକାରେ ଅନେକ ଅନିଚ୍ଛାକୃତ ତ୍ରୁଟି ପରିଲକ୍ଷିତ ହୋଇପାରେ । ଏଥିପାଇଁ ଆମେ ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ । ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ପ୍ରବନ୍ଧ ଓ କଥା କାହାଣୀ ତଥା ପଦ୍ୟ କବିତା ବିଭିନ୍ନ ସୂତ୍ରରୁ ସଂଗ୍ରହ କରାଯାଇଛି । ପ୍ରତ୍ୟେକ ସଂସ୍କରଣରେ ଆମେ ନୂଆ ଲେଖକ / ଲେଖିକା ମାନଙ୍କୁ ସୁଯୋଗ ଦେଇଥାଉ । ଯଦି ଆପଣ ନିଜ ଲେଖା ଆହ୍ୱାନରେ ପ୍ରକାଶିତ କରିବାକୁ ଚାହୁଁଥାନ୍ତି ତେବେ ପର ପୃଷ୍ଠା ଦେଖନ୍ତୁ ।

ଏହି ପତ୍ରିକା ମାତ୍ର ଏକ ପ୍ରଚେଷ୍ଟା, ବିଦେଶରେ ରହୁଥିବା ତଥା ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ମାନଙ୍କୁ ସଂପୂର୍ଣ୍ଣ ଓଡ଼ିଆରେ ଲେଖା ଏକ ପତ୍ରିକା ଉପଲବ୍ଧ କରାଇବା, ଏବଂ ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ସ୍ପୃହା ଜାଗ୍ରତ କରାଇବା । ଯଦି ଅଧିକରୁ ଅଧିକ ଲୋକମାନେ ଏହି ପତ୍ରିକା ପଢନ୍ତି ତେବେ ଆମର ଚେଷ୍ଟା ସୁଫଳ ହେଲା ବୋଲି ଆମେ ଜାଣିବୁ ।

୨୦୦୭ ଫେବୃଆରୀରେ ଆରଂଭ ହୋଇଥିବା ଆମ ପ୍ରଚେଷ୍ଟାରେ ବର୍ତ୍ତମାନ ଅନେକ ଇ-ପତ୍ରିକା ବ୍ରତୀ, ସେମାନଙ୍କ ପ୍ରଚେଷ୍ଟାକୁ ଆମେ ସମ୍ମାନ ଜଣାଉଛୁ । ଓଡ଼ିଆ ପାଠକ ପାଠିକା ମାନଙ୍କ ନିକଟରେ ସଂପୂର୍ଣ୍ଣ ଓଡ଼ିଆରେ ପତ୍ରିକାଟିଏ ପହଞ୍ଚାଇବାର ଆନନ୍ଦ ଆମେ ଭଲଭାବରେ ଜାଣୁ । ଆମର ମିଳିତ ପ୍ରଚେଷ୍ଟାରେ ଆମେ ଓଡ଼ିଆ ପତ୍ରିକା ଜଗତକୁ ଏକ ନୂତନ ଦିଗନ୍ତ ଦେବା ବୋଲି ମୋର ଦୃଢ ଆଶା ।

ସାହିତ୍ୟ ସବୁବେଳେ ପରିବର୍ତ୍ତନଶୀଳ ଏବଂ ଏହି ପରିପ୍ରେକ୍ଷୀରେ ସାହିତ୍ୟର ଯୁଗୋପଯୋଗୀ ହେବା ବାଞ୍ଛନୀୟ । ନିଷ୍ଫଳତା ସାହିତ୍ୟକୁ ଅଧୋଗାମୀ କରାଇବ । ଆଗକୁ ବଢିବାର ନାଁ ହେଉଛି ଜୀବନ । ଆଉ ସାହିତ୍ୟ ଓ ଜୀବନ ପରସ୍ପରର ପରିପୂରକ । ସାହିତ୍ୟ ଜୀବନର ନିଛକ ଛବି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜୀବନ ପରିବର୍ତ୍ତନଶୀଳ । ତେଣୁ ଜୀବନର ମାନଦଣ୍ଡ ସହ ତାଳ ଦେଇ ସାହିତ୍ୟର ଅଭିବୃଦ୍ଧି ଆମର ଅଭିପ୍ରାୟ ହେବା ଉଚିତ । ଆସନ୍ତୁ ଓଡ଼ିଆ ଭାଷାରେ ଆହୁରି ଅଧିକ ଲେଖିବା ଓ ପଢିବା, ତେବେ ହିଁ ତ ଓଡ଼ିଆକୁ ପ୍ରସିଦ୍ଧ କରାଇପାରିବା ।



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଲେଖା ପଠାଇବେ କେମିତି

ଅନେକ ବନ୍ଧୁ ବର୍ତ୍ତମାନ ଏହି ପତ୍ରିକା ପଢିବାପରେ ନିଜ ଲେଖା ଆମ ନିକଟକୁ ପଠାଇବାକୁ ଚାହୁଁଥିବେ, ସେମାନଙ୍କ ପାଇଁ ଆବଶ୍ୟକ ସୂଚନା ନିମ୍ନରେ ଦିଆଗଲା ।

୧. ନିଜ ହାତଲେଖା କୃତୀକୁ ସଫା ଧଳା କାଗଜର ଗୋଟିଏ ପାର୍ଶ୍ୱରେ ଲେଖି ଆମ ଠିକଣାରେ ପଠାଇ ଦିଅନ୍ତୁ । ପ୍ରତ୍ୟେକ ମାସରେ ଆମ ପାଖରେ ପହଞ୍ଚିଥିବା ଲେଖା ଆଗାମୀ ସଂସ୍କରଣରେ ପ୍ରକାଶିତ ହେବ ।

୨. ଯଦି ଆପଣ ଓଡ଼ିଶା କିମ୍ବା ଭାରତ ବାହାରେ ରହୁଥାନ୍ତି ଏବଂ ନିଜ ଲେଖା ପଠାଇବାକୁ ଚାହାନ୍ତି, ତେବେ ଲେଖାର ପ୍ରତିଲିପିକୁ କଂପ୍ୟୁଟର ଦ୍ୱାରା ସ୍କାନିଂ କରି ଫଟୋ ଆକାରରେ ଆମ ଇ-ମେଲ ଠିକଣାରେ ପଠାଇ ପାରିବେ ।

୩. ଯଦି ଆପଣ ଓଡ଼ିଆରେ ଟାଇପ୍ କରିବା ଜାଣନ୍ତି, ତେବେ ଆପଣ ନିଜ ଲେଖା ଟାଇପ୍ କରି ଓ୍ୱାର୍ଡ ଡକ୍ୟୁମେଣ୍ଟରେ ପେଷ୍ଟ୍ କରି ଆମ ପାଖକୁ ଇ-ମେଲ ଦ୍ୱାରା ପଠାଇପାରିବେ । ଓଡ଼ିଆରେ ଟାଇପ୍ କରିବା ହେତୁ ଏକ ମାଗଣା ସଫ୍ଟ୍‌ଓ୍ୱେର ଆପଣ ଆମ ଓ୍ୱେବସାଇଟ୍‌ରୁ ପାଇପାରିବେ ।

## ଆମ ସହ ଯୋଗାଯୋଗ ଠିକଣା -

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ - ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦
ଇ-ମେଲ - aahwaan@gmail.com
ଓ୍ୱେବସାଇଟ୍ - http://www.aahwaan.com



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

## ବିଜ୍ଞାପନ ପୃଷ୍ଠା

ଏଠାରେ ବିଜ୍ଞାପନ ଦେବାପାଇଁ ଆମ ସହ ସଂପର୍କ କରନ୍ତୁ । ଏବଂ ଆମ ପ୍ରଚେଷ୍ଟାରେ ସହଯୋଗ କରନ୍ତୁ ।

ମନେ ରଖନ୍ତୁ ଆମେ ସବୁଠାରୁ ଅଧିକ ଓଡ଼ିଆଙ୍କ ପାଖରେ ପହଞ୍ଚାଇ ପାରୁ ଆପଣଙ୍କ ବିଜ୍ଞାପନକୁ ।

ଧନ୍ୟବାଦ ।


ପ୍ରବାସୀ ଓଡ଼ିଆଙ୍କ ମୁଖପତ୍ର

ଓଡ଼ିଆ ପୁଅ

http://www.odiapua.org

ଆହ୍ୱାନ ଓଡିଶା ପ୍ରସଙ୍ଗ

ଓଡିଶା ଓ ଓଡିଆଙ୍କ ଉନ୍ନତି ନିମିତ୍ତ ଆପଣଙ୍କ ମତାମତ

http://www.aahwaan.com/prasanga

ଆହ୍ୱାନ ଇ-ପତ୍ରିକା

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ ଓଡିଆ ବ୍ଲଗ୍

ସଂପୂର୍ଣ୍ଣ ଓଡିଆରେ ସମସ୍ତଙ୍କ ପାଇଁ ସହଜରେ ଲେଖିହେବା ପରି ବ୍ଲଗ୍

http://www.aahwaan.com/blog

Little's Kids Forum

Because we know being Kid is Fun

www.kiddz.in

Visit the website of Little's Kids forum to learn more and let your kids be Kids. We have sections for Arts n Crafts, Dance, Drama, Videos, Cartoons and much more for your kids.

For round the year events we have camps, classes, free websites and computer training sessions for your kids both online and offline, join your kids online now and be part of the real fun.




ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।